RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-10 ♦FRIDAY ♦4 JULY 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୦ ♦ଶୁକ୍ରବାର ♦୪ ଜୁଲାଇ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



## ଗିଲ୍‌ଙ୍କ କୀର୍ତ୍ତିମାନ ୨୬୯


■ **ବର୍ମିଂହାମ, ୩।୭ (ଏଜେନ୍ସି):** ଭାରତୀୟ ଦଳର ଅଧିନାୟକ ଶୁବମାନ ଗିଲ୍ ଚଳିତ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ୨୬୯ ରନର ମାରାଥନ ଦ୍ୱିଶତକୀୟ ପାଳି ଖେଳିଛନ୍ତି। ଗିଲ୍‌ଙ୍କ ଏହି ଦମ୍‌ଦାର ବ୍ୟାଟିଂ ବଳରେ ଭାରତ ପ୍ରଥମ ପାଳିରେ -- ରନର ବିଶାଳ ସ୍କୋର ଠିଆ କରାଇଛି। ଏହି ଦ୍ୱିଶତକୀୟ ପାଳି ଅବସରରେ ଗିଲ୍ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଟେଷ୍ଟରେ ଦ୍ୱିଶତକ ଅର୍ଜନ କରିବାରେ ସେ ଭାରତର ୬ଷ୍ଠ ଅଧିନାୟକ ହୋଇଛନ୍ତି। ତାଙ୍କ ପୂର୍ବରୁ ଏମ୍‌ଏକେ ପୌଟଦୀ, ସୁନିଲ ଗାଭାସ୍କର, ସଚିନ ତେନ୍ଦୁଲକର, ମହେନ୍ଦ୍ର ସିଂ ଧୋନି ଓ ବିରାଟ କୋହଲି ଏହି ସଫଳତା ପାଇଥିଲେ। ସେମାନଙ୍କ ମଧ୍ୟରୁ ବିରାଟ ଅଧିନାୟକ ଭାବେ ସର୍ବାଧିକ ୭ଟି ଦ୍ୱିଶତକ ମାରିଛନ୍ତି। ସେହିଭଳି ପଟୌଦୀ (୨୩ ବର୍ଷ ୩୯ ଦିନ)ଙ୍କ ପରେ ଦ୍ୱିତୀୟ କନିଷ୍ଠ ଭାରତୀୟ ଅଧିନାୟକ ଭାବେ ଗିଲ୍ (୨୫ ବର୍ଷ ୨୯୮ ଦିନ) ଦ୍ୱିଶତକ ହାସଲ କରିଛନ୍ତି। ଭାରତୀୟ ଅଧିନାୟକ ଭାବେ ମଧ୍ୟ ଏହା ଟେଷ୍ଟରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ହୋଇଛି। ୨୦୧୯ରେ କୋହଲି ଅଧିନାୟକ ଥିବାବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅପରାଜିତ ୨୫୪ ରନର ପାଳି ଖେଳିଥିଲେ। ସେହିଭଳି ବିଦେଶ ମାଟିରେ ଟେଷ୍ଟରେ ଭାରତୀୟ ବ୍ୟାଟର୍ ଭାବେ ଟେଷ୍ଟରେ ଏହା ସର୍ବୋଚ୍ଚ ସ୍କୋର ହୋଇଛି। ଏହିକ୍ରମରେ ଗିଲ୍ ୪୬ ବର୍ଷ ତଳର ଗାଭାସ୍କର (୨୨୧ ବନାମ ଇଂଲଣ୍ଡ, ୧୯୭୯, ଦି ଓଭାଲ)ଙ୍କ ରେକର୍ଡକୁ ମଧ୍ୟ ଅତିକ୍ରମ କରିଛନ୍ତି।

### ରାଜ୍ୟ ପାଇଁ ସମ୍ମାନ ଆଣିଲା '୫-ଟି' ରୂପାନ୍ତରଣ

## ପିଜିଆଇ ର୍‍ୟାଙ୍କିଙ୍ଗ
## ଦେଶରେ ଓଡ଼ିଶା ପଞ୍ଚମ

■ **ଭୁବନେଶ୍ୱର, ୩।୭(ସମିସ):** ରାଜ୍ୟଗୁଡ଼ିକର ପରଫରମାନ୍ସ ଗ୍ରେଡ଼ିଂ ଇଣ୍ଡେକ୍ସ (ପିଜିଆଇ) ରାଙ୍କିଂରେ ଓଡ଼ିଶା ହାସଲ କରିଛି ଅନନ୍ୟ ସଫଳତା। ୨୦୧୪ରେ ଓଡ଼ିଶା ୧୪ତମ ସ୍ଥାନରେ ଥିବାବେଳେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଂସ୍କାର ଧର୍ମୀ କାର୍ଯ୍ୟକ୍ରମ ଓ ଶିକ୍ଷାନୁଷ୍ଠାନର '୫-ଟି' ରୂପାନ୍ତରଣ ଓଡ଼ିଶାକୁ ସାରା ଦେଶରେ ୫ମ ସ୍ଥାନରେ ପହଞ୍ଚାଇଛି। ଶିକ୍ଷା ଭିତ୍ତିଭୂମି ସହ ଶୈକ୍ଷିକ ମାନରେ କ୍ରମାଗତ ଉତ୍ତମ ପ୍ରଦର୍ଶନ ଓଡ଼ିଶାକୁ ସଦ୍ୟ ପ୍ରକାଶିତ ପରଫର୍‌ମାନସ୍ ଗ୍ରେଡିଂ ଇଣ୍ଡେକ୍ସ (ପିଜିଆଇ)-୨.୦ ର୍‍ୟାଙ୍କିଙ୍ଗରେ ସାରା ଦେଶରେ ପଞ୍ଚମ ସ୍ଥାନରେ ପହଞ୍ଚାଇଛି। ମୋଟ୍ ୫୯୫.୬ ସ୍କୋର ସହ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଓଡ଼ିଶା ପ୍ରଚେଷ୍ଟା-୩ ଗ୍ରେଡ୍ ହାସଲ କରିବାରେ ସକ୍ଷମ ହୋଇଛି। କେନ୍ଦ୍ର ସରକାରଙ୍କ ଏହି ରିପୋର୍ଟ ପ୍ରକାଶିତ ହେବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିବା ସହ ସରକାରୀ ସ୍କୁଲ ଶିକ୍ଷାର ଦୃଢ଼ ଭିତ୍ତିଭୂମି ଛାତ୍ରଛାତ୍ରୀଙ୍କୁ ଉତ୍କର୍ଷ ହାସଲ କରିବାରେ ସାହାଯ୍ୟ କରୁଥିବା କହିଛନ୍ତି।

'୫-ଟି' ଉପକ୍ରମରେ ସରକାରୀ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ହୋଇଛି। ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ତତ୍‌କାଳୀନ ରାଜ୍ୟ ସରକାରଙ୍କ ପଦକ୍ଷେପ ସ୍ୱରୂକ ସ୍ମାର୍ଟ କ୍ଲାସରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବୋରୋଟାରୀର ବ୍ୟବସ୍ଥା କରାଯାଇଛି। ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି। ଏସବୁର ସଫଳ ଉପଯୋଗ ବିଦ୍ୟାଳୟଗୁଡ଼ିକରେ ଆଣିଛି ବିଶାଳ ରୂପାନ୍ତର। ଏହା ବ୍ୟତୀତ ଶିକ୍ଷା ସହ ଶାରିରୀକ ବିକାଶକୁ ଗୁରୁତ୍ୱ ଦିଆଯାଇ ବିଦ୍ୟାଳୟରେ ଖେଳପଡ଼ିଆର ଉନ୍ନତିକରଣ କରିବା ସହ କ୍ରୀଡ଼ା ସାମଗ୍ରୀ ଯୋଗାଇ ଦିଆଯାଇଛି। ଫଳରେ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ▶ପୃଷ୍ଠା-୭




## ପଶ୍ଚିମ ଆଫ୍ରିକାରେ ତିନି ଭାରତୀୟଙ୍କୁ ଅପହରଣ

■ **ନୂଆଦିଲ୍ଲୀ, ୩।୭ (ଏଜେନ୍ସି):** ପଶ୍ଚିମ ଆଫ୍ରିକୀୟ ଦେଶ ମାଲିରେ ତିନି ଜଣ ଭାରତୀୟ ନାଗରିକଙ୍କୁ ଗତ ମଙ୍ଗଳବାର ଅପହରଣ କରାଯାଇଛି। ଏହି ଅପହରଣ ପଛରେ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଂଗଠନ ଅଲ କାଏଦାର ହାତ ଥିବାର ସନ୍ଦେହ କରାଯାଉଛି। ଏହାକୁ ନେଇ ଭାରତ ସରକାର ଉଦ୍‌ବେଗ ପ୍ରକାଶ କରିବା ସହିତ ଭାରତୀୟଙ୍କ ତୁରନ୍ତ ଓ ନିରାପଦ ମୁକ୍ତି ପାଇଁ ପଦକ୍ଷେପ ନେବାଲାଗି ମାଲି ସରକାରଙ୍କୁ ଅନୁରୋଧ କରିଛନ୍ତି।

**ଅଲକାଏଦାର ସମ୍ପୃକ୍ତି ସନ୍ଦେହ**

ଭାରତର ବୈଦେଶିକ ବିଭାଗ ପକ୍ଷରୁ କୁହାଯାଇଛି ଯେ ଏହି ତିନି ଜଣ ଭାରତୀୟ କାଏସରେ ଥିବା ଡାଏମଣ୍ଡ ସିମେଣ୍ଟ କାରଖାନାରେ କାମ କରୁଥିଲେ। ଗତ ମଙ୍ଗଳବାର ଦିନ କେତେକ ସଶସ୍ତ୍ର ଆତଙ୍କବାଦୀ ଏହି କାରଖାନା ଉପରେ ଅଚାନକ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ସେମାନେ ଭାରତର ତିନି ଜଣ ନାଗରିକଙ୍କୁ ଅପହରଣ କରି ନେଇ ପଳାଇଥିଲେ। ଏହି ଆକ୍ରମଣ କିମ୍ବା ଅପହରଣ ନେଇ କୌଣସି ସଂଗଠନ ନିଜକୁ ଦାୟୀ କରି ନାହାନ୍ତି। କିନ୍ତୁ ଏହି ଦେଶରେ ଅଲ କାଏଦା ଭଳି ଅନେକ ଆତଙ୍କବାଦୀ ସଂଗଠନ ସକ୍ରିୟ ରହିଥିବାରୁ ସେମାନେ ହିଁ ଏଭଳି କାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ଗତ ମଙ୍ଗଳବାର ଦିନ ମାଲିର ବିଭିନ୍ନ ଅଞ୍ଚଳରେ ଏଭଳି ଆକ୍ରମଣ ହୋଇଥିଲା। ଏହି ଆକ୍ରମଣ ପଛରେ ଅଲ କାଏଦାର ସହଯୋଗୀ ସଂଗଠନ ଜମାତ ନୁସରତୁଲ ଇସଲାମର ହାତ ଥିବାର କୁହାଯାଉଛି।

## ଆତ୍ମସମର୍ପଣ ପରେ ଜଗନ୍ନାଥ ପ୍ରଧାନ ଗିରଫ
## ଓଏଏସ୍ ଆନ୍ଦୋଳନ ପ୍ରତ୍ୟାହୃତ

■ **ଭୁବନେଶ୍ୱର, ୩।୭ (ସମିସ):** ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ବିଏମ୍‌ସି ଅତିରିକ୍ତ କମିଶନରଙ୍କ ମାଡ଼ ଘଟଣାର ନେପଥ୍ୟ ନାୟକ କୁହାଯାଉଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନ। ଭୁବନେଶ୍ୱର ଡ଼ିସିପିଙ୍କ କାର୍ଯ୍ୟାଳୟରେ ଆତ୍ମସମର୍ପଣ ପରେ ତାଙ୍କୁ ପୁଲିସ ଗିରଫ କରିଛି। କ୍ୟାପିଟାଲ ହସପିଟାଲରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଜେଲ ପଠାଇ ଦିଆଯାଇଛି। ଶ୍ରୀ ପ୍ରଧାନଙ୍କ ଗିରଫଦାରି ପରେ ଗତ ୩ ଦିନ ହେଲା ସମୂହ ଛୁଟିରେ ଥିବା ଓଏଏସ୍ ସଂଘ ଆନ୍ଦୋଳନରୁ ଓହରିଛି। ଆସନ୍ତାକାଲିଠାରୁ ସମସ୍ତ ଓଏଏସ୍ ଅଧିକାରୀ କାର୍ଯ୍ୟରେ ଯୋଗ ଦେବେ ବୋଲି ସଂଘର ପକ୍ଷରୁ ସୂଚନା ଦିଆଯାଇଛି।

ବିଏମ୍‌ସି ଅତିରିକ୍ତ କମିଶନର ତଥା ଓଏଏସ୍ ରତ୍ନାକର ସାହୁଙ୍କ ଉପରେ ବିଜେପି ନେତା ଓ କର୍ମୀଙ୍କ ବର୍ବର ଆକ୍ରମଣ ପରେ ଓଏଏସ୍ ସଂଘ ସମୂହ ଛୁଟିରେ ଯାଇଥିଲା। ଯେ ପର୍ଯ୍ୟନ୍ତ ଘଟଣା ପଛର ନେପଥ୍ୟ ନାୟକ ଜଗନ୍ନାଥ ପ୍ରଧାନଙ୍କୁ ଗିରଫ ନ କରାଯାଇଛି ସେ ପର୍ଯ୍ୟନ୍ତ ସେମାନେ କାମରେ ଯୋଗ ଦେବେ ନାହିଁ ବୋଲି ସଂଘ କହିଥିଲା। ଫଳରେ ସାରା ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ବନ୍ଦ ହୋଇ ଯାଇଥିଲା ଓ ସଚିବାଳୟଠାରୁ ବ୍ଲକ୍ ପର୍ଯ୍ୟନ୍ତ ସବୁ ଓଏଏସ୍ ଅଧିକାରୀ ଛୁଟିରେ ଚାଲି ଯାଇଥିଲେ। ▶ପୃଷ୍ଠା-୭



**ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଗୌତମ ଆଦାନୀ ଭକ୍ତଙ୍କ ପାଇଁ ନିଜକୁ କଲେ ଉତ୍ସର୍ଗୀକୃତ**

# ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଭକ୍ତଙ୍କ ପାଇଁ ଗୌତମ ଆଦାନୀଙ୍କର ଉତ୍ସର୍ଗୀକୃତ ସେବା

ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ପବିତ୍ର ପୁରୀଧାମରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଜଣେ ସାଧାରଣ ସେବକ ଭାବରେ ଯୋଗ ଦେଇ ଭକ୍ତମାନଙ୍କ ସେବା କରିଛନ୍ତି ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀ। ପରିବା କାଟୁଥିବା, ରୁଟି ପାଇଁ ଅଟା ଦଳୁଥିବା, ଖେଚୁଡ଼ି ରାନ୍ଧୁଥିବା ଅନ୍ୟ ସେବା କର୍ମୀମାନଙ୍କ ସହ 'ଜୟ ଜଗନ୍ନାଥ' ଧ୍ୱନୀ ମଧ୍ୟରେ ଅତି ସାଧାରଣ ପୋଷାକରେ ଶ୍ରୀ ଆଦାନୀ ନିଜେ ଖାଦ୍ୟ ପ୍ରସ୍ତୁତ କରିବାର ସମ୍ପୂର୍ଣ୍ଣ ନିଆରା ଦୃଶ୍ୟ ଅନେକଙ୍କୁ ବିମୋହିତ କରିଛି। ଯାହା ଅନେକଙ୍କ ପାଇଁ ଅବିଶ୍ୱାସ୍ୟ ମନେ ହୋଇଛି।

**ସମ୍ମାନ ନୁହେଁ, ସେବା; ଉପଦେଶ ନୁହେଁ, ଭାବନା**

ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀ ପ୍ରସ୍ତୁତ କରିଥିବା ଓ ଭକ୍ତମାନଙ୍କୁ ପରଷୁଥିବା ଖାଦ୍ୟରେ ଥିଲା ଭକ୍ତି, ଆଦର ଓ ସମର୍ପଣ । ଶ୍ରୀ ଆଦାନୀଙ୍କ ସହ ତାଙ୍କ ପତ୍ନୀ ତଥା ଆଦାନୀ ଫାଉଣ୍ଡେସନ ଅଧ୍ୟକ୍ଷା ଡା.ପ୍ରୀତି ଆଦାନୀ, ଆଦାନୀ ପୋର୍ଟସ ଓ ଏସ୍‌ଇଜେଡ଼ର ନିର୍ଦ୍ଦେଶକ ଶ୍ରୀ କରଣ ଆଦାନୀ ପ୍ରମୁଖ ଜୁନ୍ ୨୮ ତାରିଖରେ ରଥଯାତ୍ରାର ଦ୍ୱିତୀୟ ଦିନରେ ପୁରୀ ଆଗମନ କରିଥିଲେ।

ରଥଯାତ୍ରା ଦେଖିବାକୁ ଆସି ମନ୍ଦିର ପ୍ରାଙ୍ଗଣରେ ବସିଥିବା କ୍ଳାନ୍ତ ତୀର୍ଥଯାତ୍ରୀ ଓ ଭକ୍ତମାନେ ଆଦାନୀଙ୍କ ଦ୍ୱାରା ଦିଆଯାଉଥିବା ପ୍ରସାଦକୁ ଗଭୀର ଭକ୍ତି ଭାବନା ସହ ହସିହସି ଗ୍ରହଣ କରିଥିଲେ। ଶ୍ରୀ ଆଦାନୀଙ୍କ ଆଚରଣ କର୍ପୋରେଟ ଜଗତ ସହ ଜଡ଼ିତ ବ୍ୟକ୍ତିଙ୍କ ନ ଥିଲା, ବରଂ ଏହା ଥିଲା ଅତ୍ୟନ୍ତ ସାଧାରଣ। କୌତୂହଳବଶତଃ ସେମାନେ ଶ୍ରୀ ଆଦାନୀ କେଉଁଠୁ ଆସିଛନ୍ତି ବୋଲି ପଚାରିଥିଲେ । ସ୍ମିତ ହସି ଶ୍ରୀ ଆଦାନୀ କହିଥିଲେ - ଆପଣଙ୍କ ପାଇଁ କିଛି ଅଧିକ କରୁନାହିଁ, ଜଣେ ସେବକ ଭାବରେ ମୋର କର୍ତ୍ତବ୍ୟ କରୁଛି ।

**ଏହି ସେବା କେବଳ ଏକ ଦାନମୂଳକ କାର୍ଯ୍ୟ ନୁହେଁ; ଏହା ଏକ ବିଶାଳ ପରମ୍ପରାର ଅଂଶ ଥିଲା**

"ସେବା ହିଁ ହେଉଛି ସାଧନା ଓ ସେବା ହେଉଛି ପୂଜା' ବୋଲି ସର୍ବଦା କହୁଥିବା ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀ ସର୍ବଦା ଏହି ସିଦ୍ଧାନ୍ତରେ ବିଶ୍ୱାସ କରନ୍ତି ଓ ତାହାକୁ କାର୍ଯ୍ୟରେ ଦେଖାଇଥାଆନ୍ତି। ପୁରୀରେ ମଧ୍ୟ ସେ ସେହି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଭକ୍ତ ଓ ତୀର୍ଥଯାତ୍ରୀଙ୍କ ପାଇଁ ଖଲି ପତ୍ର ଓ ବାସନ ରଖିବା ସହ ପାଣିବୋତଲ ପ୍ରଦାନ କରିବା, ଖଲି ପତ୍ର ପରିଷ୍କାର କରିବା ଓ ଧୋଇବା କାର୍ଯ୍ୟ କରିଥିଲେ। ଏହା ସହ ଏହି କାର୍ଯ୍ୟରେ ନିୟୋଜିତ ଅନ୍ୟ ସେବକମାନଙ୍କୁ ମଧ୍ୟ ସେ ସହାୟତା କରିବା ସହ ତାଙ୍କର ମନୋବଳ ବଢ଼ାଇଥିଲେ।

**ସେବା ଏକ ସାମୟିକ ବା ଋତୁ ଅନୁକୂଳ କାର୍ଯ୍ୟ ନୁହେଁ, ଏହା ଏକ ଆଧ୍ୟାତ୍ମିକ ପ୍ରକ୍ରିୟା ବୋଲି ବାର୍ତ୍ତା ଦେଇଛନ୍ତି।**

ସେଠାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଥିଲା ଅବିଶ୍ୱାସ୍ୟ। ରଥଯାତ୍ରାରେ ଭକ୍ତମାନଙ୍କ ସେବାରେ ପୂର୍ବରୁ କିଛି ଅଭିଜ୍ଞତା ରଖିଥିବା ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଥିଲେ ନବନିଯୁକ୍ତ । ଯେଉଁମାନଙ୍କୁ ଆଦାନୀ ଫାଉଣ୍ଡେସନ ଓ ଆଦାନୀ ଗ୍ରୁପର ସିଏସ୍‌ଆର୍ ଶାଖା ପକ୍ଷରୁ ପ୍ରଶିକ୍ଷିତ କରାଯାଇଥିଲା। ଏହି ନବନିଯୁକ୍ତ କାର୍ଯ୍ୟକର୍ତ୍ତାମାନେ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷଙ୍କୁ ସେମାନଙ୍କ ସହ ଏକା ସହିତ ଅଟା ଚକଟିବା, ଖାଦ୍ୟ ପ୍ରସ୍ତୁତ କରିବା, ଡ଼ାଲି ବାଣ୍ଟିବା ଓ ଅନ୍ୟ କାର୍ଯ୍ୟରେ ସହଯୋଗ କରିବା ଦେଖି ସେମାନେ ବିଶ୍ୱାସ କରି ପାରୁ ନ ଥିଲେ। ଏହା ତାଙ୍କ ହୃଦୟକୁ ଛୁଇଁ ଯାଇଥିଲା।

ପୁରୀରେ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀଙ୍କ କାର୍ଯ୍ୟ ଥିଲା ଏକ ନେତୃତ୍ୱ। ଯେଉଁଥିରେ କ୍ଷମତା ପ୍ରଦର୍ଶନ ନ ଥିଲା, ଅଧିକାର ଦେଖାଇବା ନ ଥିଲା; ଏଥିରେ ଥିଲା ଦୟା, କରୁଣା, ସହାୟତା ଓ ସହଯୋଗର ଭାବ। ଏହା ଥିଲା ସେଇ ସେବା, ଯେଉଁଥିରେ ଦାନ ନୁହେଁ; ଥିଲା ପ୍ରବହମାନ ଏକ ବିଶାଳ ପରମ୍ପରାର ଅଂଶ ବିଶେଷ ମାତ୍ର । ଏହି ବର୍ଷ ଆରମ୍ଭରେ ପ୍ରୟାଗରାଜର ମହାକୁମ୍ଭ ମେଳାରେ ମଧ୍ୟ ଶ୍ରୀ ଗୌତମ ଆଦାନୀ ଓ ତାଙ୍କ ଗ୍ରୁପ୍, ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରିଥିଲେ। ପୁରୀରେ ଏହି ଆୟୋଜନ ଯଦିଓ ସ୍ୱଳ୍ପ ଥିଲା, ମାତ୍ର ଏଥିରେ ରହିଥିଲା ଏକ ସାଂସ୍କୃତିକ ଅବିରତତା ଓ ନିରବ ମର୍ଯ୍ୟାଦା।

ରଥଯାତ୍ରା ଆରମ୍ଭ ପୂର୍ବରୁ ଆଦାନୀ ଫାଉଣ୍ଡେସନ ଟିମ୍ ଖାଦ୍ୟ ପ୍ରସ୍ତୁତି ପାଇଁ ସମ୍ପୂର୍ଣ୍ଣ ଯୋଜନା କରିଥିଲେ। କେତେ ଖାଦ୍ୟ ଲାଗିବ, କେମିତି ସେବକମାନେ ପାଳିରେ କାମ କରିବେ, ପାଣି ଓ ପରିଚ୍ଛନ୍ନତା ଯୋଜନା କେମିତି ହେବ, ଏସବୁକୁ ଏକ ସଂସ୍କୃତିକ ଅନୁଭୂତି ସହ ବ୍ୟବସ୍ଥାପନା ଦକ୍ଷତାରେ ଗଠନ କରାଯାଇଥିଲା। ସମ୍ପ୍ରତି ପୁରୀ ରଥଯାତ୍ରାରେ ସାଧୁସନ୍ଥ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଶ୍ରୀ ଆଦାନୀ ନିଜେ ଏକ ଜୀବନ ସଂସ୍କୃତିର ଅଂଶ ଭାବରେ କାର୍ଯ୍ୟ କରିଛନ୍ତି। ସେବା ଏକ ସାମୟିକ ବା ଋତୁ ଅନୁକୂଳ କାର୍ଯ୍ୟ ନୁହେଁ, ଏହା ଏକ ଆଧ୍ୟାତ୍ମିକ ପ୍ରକ୍ରିୟା ବୋଲି ବାର୍ତ୍ତା ଦେଇଛନ୍ତି।











ଦିନକ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ା ବିଜେ: ରଥ-ପଥ ପ୍ରସ୍ତୁତ, ଭକ୍ତଙ୍କ ଗହଳିରେ ଉଚ୍ଛୁଳୁଛି ବଡ଼ଦାଣ୍ଡ (ଫଟୋ-ଅନିଲ)

## ନାକଚଣା ଦ୍ୱାରରେ ଲାଗିଲା ନନ୍ଦିଘୋଷ

# ଆଜି ନବମୀ ସନ୍ଧ୍ୟା ଦର୍ଶନ

**ପୁରୀ,୩।୭(ସମିସ):** ଗୁଣ୍ଡିଚା ମନ୍ଦିର ଆଡ଼ପମଣ୍ଡପରେ ସରିସରି ଆସୁଛି ମହାପ୍ରଭୁଙ୍କ ଲୀଳାଖେଳା। ଆଉ ଦିନକ ପରେ ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ିଯିବେ ଚତୁର୍ଦ୍ଧାମୂର୍ତ୍ତି। ରବିବାର ନବମୀ ସନ୍ଧ୍ୟା ଦର୍ଶନ। ସକାଳେ ଦର୍ଶନ ଆରମ୍ଭ ହେବା ପରଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ। ୬ଟା ପରେ ସର୍ବସାଧାରଣ

### ଆଡ଼ପମଣ୍ଡପରେ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼

ଦର୍ଶନ ବନ୍ଦ ରହିବ। ତେବେ ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେଥିଲାଗି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ଆରମ୍ଭ ହୋଇଯାଇଛି ବାହୁଡ଼ା ପ୍ରସ୍ତୁତି। ବୁଧବାର ତାଳଧ୍ୱଜ ଏବଂ ଦେବଦଳନ ରଥ ରଥ ଦକ୍ଷିଣ ମୋଡ଼ ହୋଇ ନାକଚଣା ଦ୍ୱାରରେ ଲାଗିଥିଲା। ମାତ୍ର ନୀତି ବିଳମ୍ବ ଯୋଗୁଁ ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ ହୋଇନଥିଲା। ଗୁରୁବାର ସକାଳେ ନନ୍ଦିଘୋଷ ରଥ ନାକଚଣା ଦ୍ୱାରରେ ଲାଗିଛି।

ଅପରପକ୍ଷେ ଶନିବାର ନବମୀ ସନ୍ଧ୍ୟା ଦର୍ଶନ। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ସକାଳ ୭ଟାରୁ ଦର୍ଶନ ଆରମ୍ଭ ହେବ। ପ୍ରାୟ ଲକ୍ଷାଧିକ ଭକ୍ତ ସନ୍ଧ୍ୟା ଦର୍ଶନ କରିବେ ବୋଲି ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହିଁ ସନ୍ଧ୍ୟା ଦର୍ଶନ ଚାଲିବ। ଏହାପରେ ଦର୍ଶନ ବନ୍ଦ ହୋଇ ବାହୁଡ଼ା ଯାତ୍ରା ପାଇଁ ସ୍ୱତନ୍ତ୍ର ନୀତିକାନ୍ତି କରାଯିବ। ସନ୍ଧ୍ୟା ଦର୍ଶନରେ ଭକ୍ତଙ୍କ ଭିଡ଼କୁ ନଜରରେ ରଖି ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ହୋଇଥିବା ବ୍ୟାରିକେଡ୍ ସମ୍ପ୍ରସାରଣ କରାଯିବ। ସନ୍ଧ୍ୟା ଦର୍ଶନ ବ୍ୟବସ୍ଥା କିପରି ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ସମ୍ପନ୍ନ ହେବ, ସେନେଇ ଜିଲ୍ଲାପାଳ ଚଞ୍ଚଳ ରାଣା ଓ ଏସ୍‌ପି ପିନାକ୍ ମିଶ୍ର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ମହାପ୍ରଭୁଙ୍କ ନୀତିକାନ୍ତିକୁ ଶୃଙ୍ଖଳିତ କରାଯିବ। ସନ୍ଧ୍ୟା ଦର୍ଶନ ପରେ ରାତିରେ ସେନାପଟା ଲାଗି, ବାହୁଟ କଣ୍ଟ, କୁସୁମୀ ଲାଗି ପରି ସ୍ୱତନ୍ତ୍ର ନୀତି ହେବ ବୋଲି ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଆଡ଼ପମଣ୍ଡପ ଦର୍ଶନ ସରିଆସୁଥିବା ବେଳେ ଗୁରୁବାର ପ୍ରବଳ ଭିଡ଼ ହୋଇଥିଲା। ସକାଳୁ ଏହି ଭିଡ଼ ଲାଗି ରହିଥିଲା। ଏମିତିକି ଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ମେଡିକାଲ ଛକ ପର୍ଯ୍ୟନ୍ତ ଧାଡ଼ି ଲମ୍ବିଥିଲା। ଅନ୍ୟପକ୍ଷରେ ପ୍ରବଳ ଗହଳି ଯୋଗୁଁ ଗୁଣ୍ଡିଚା ମନ୍ଦିରରେ ଭକ୍ତ ଅଣନିଃଶ୍ୱାସୀ ହୋଇପଡୁଥିଲେ। ସେମାନଙ୍କୁ ଆଶୁ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଉଥିଲା।

## ନବମୀ ସନ୍ଧ୍ୟା ଦର୍ଶନ

# ଭାବ ଅନୁସାରେ ଫଳ ପ୍ରଦାନର ଦିନ

**ପୁରୀ, ୩।୭ (ସମିସ):** ଆଷାଢ଼ ଶୁକ୍ଳ ଦ୍ୱିତୀୟାଠାରୁ ଆରମ୍ଭ ହୋଇଥିବା ଶ୍ରୀଗୁଣ୍ଡିଚା ଯାତ୍ରାର ଅଷ୍ଟମ ଦିବସ ତଥା ନବମୀ ତିଥିରେ ଆଡ଼ପମଣ୍ଡପରେ ମହାପ୍ରଭୁଙ୍କର ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହୋଇଥାଏ। ଯିବା ଏବଂ ଆସିବା ଦୁଇଦିନକୁ ଛାଡ଼ି ଏକସପ୍ତାହ ପର୍ଯ୍ୟନ୍ତ ଚତୁର୍ଦ୍ଧାବିଗ୍ରହ ଆଡ଼ପମଣ୍ଡପରେ ଅବସ୍ଥାନ କରିଥା'ନ୍ତି। ଚଳିତବର୍ଷ କିନ୍ତୁ ୬ ଦିନ ଆଡ଼ପ ମଣ୍ଡପରେ ରହିଛନ୍ତି ଠାକୁର। ମହାପ୍ରଭୁ ଆଡ଼ପ ମଣ୍ଡପରେ ଅବସ୍ଥାନ କରୁଥିବା ସମୟରେ ଯେଉଁ ଭକ୍ତମାନେ ତାଙ୍କୁ ଗୋଟିଏ ଦିନ ଦର୍ଶନ କରନ୍ତି, ସେମାନେ ନୀଳାଦ୍ରିରେ ୧୦ବର୍ଷ ଦର୍ଶନ କରିବାର ପୁଣ୍ୟଫଳ ଲାଭ କରନ୍ତି ଓ ଦିନରେ ଦର୍ଶନ କରିବା ଅପେକ୍ଷା ରାତିରେ ଦର୍ଶନ କଲେ ଦଶଗୁଣ ଫଳପ୍ରାପ୍ତି ହୁଅନ୍ତି ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି।

ସନ୍ଧ୍ୟା ଦର୍ଶନର ବିଶେଷ ମହତ୍ତ୍ୱ ରହିଛି। ଏସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ପ୍ରତ୍ୟେକ ମନୁଷ୍ୟ ପକ୍ଷରେ ସନ୍ଧ୍ୟା କାଳ ହେଉଛି ଭଗବାନଙ୍କୁ ଉପାସନା କରିବାର ପ୍ରକୃଷ୍ଟ ସମୟ। ବୈଦିକ ପରମ୍ପରା ଅନୁଯାୟୀ, ଆର୍ଯ୍ୟ ଋଷିଗଣ ପ୍ରତ୍ୟହ ତ୍ରିକାଳ ସନ୍ଧ୍ୟାରେ ଈଶ୍ୱରଙ୍କୁ ଆରାଧନା କରିଥାନ୍ତି। ଆଡ଼ପମଣ୍ଡପରେ ଏକ ସପ୍ତାହ ଧରି ଠାକୁରମାନେ ଅବସ୍ଥାନ କରୁଥିବା ସମୟରେ ପ୍ରତିଦିନ ସନ୍ଧ୍ୟା ଆସୁଥିଲେ ମଧ୍ୟ ନବମୀ ସନ୍ଧ୍ୟାର ବିଶେଷ ଗୁରୁତ୍ୱ ରହିଛି। ଏହି ସନ୍ଧ୍ୟା ହେଉଛି ଦାରୁବିଗ୍ରହମାନଙ୍କର ଆଡ଼ପମଣ୍ଡପ ଅବସ୍ଥାନର ଅନ୍ତିମ ସନ୍ଧ୍ୟା। ଏହି ଅନ୍ତିମ ସନ୍ଧ୍ୟାରେ ଜନ୍ମମାଟିରେ ସମାଗତ ପ୍ରିୟ ଭକ୍ତଗଣଙ୍କୁ ଶେଷ ଦର୍ଶନ ଦେଇ ସେମାନଙ୍କୁ ଭାବ ଅନୁସାରେ ଫଳ ପ୍ରଦାନ କରିଥାନ୍ତି ମହାପ୍ରଭୁ।

ସ୍କନ୍ଦ ପୁରାଣରେ କୁହାଯାଇଛି, ଶ୍ରୀଜଗନ୍ନାଥ ମହାପ୍ରଭୁ ଆଡ଼ପ ମଣ୍ଡପରେ ଯେଉଁ ସାତଦିନ ଅବସ୍ଥାନ କରନ୍ତି, ସେହି ସମୟରେ ପୂର୍ବ ଦିବସର କାର୍ଯ୍ୟଠାରୁ ପରଦିବସର କାର୍ଯ୍ୟ ଉତ୍ତରୋତ୍ତର ଶ୍ରେୟସ୍କର। ତଦନୁଯାୟୀ, ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଅବସ୍ଥାନର ପ୍ରଥମ ଦିବସଠାରୁ କ୍ରମରେ ଅନ୍ତିମ ଦିବସ ପର୍ଯ୍ୟନ୍ତ ଉପାସନା ଉତ୍ତରତ୍ତୋର ଶ୍ରେୟସ୍କର। ଏଣୁ ଅନ୍ତିମ ଦିବସରେ ଅନୁଷ୍ଠିତ ନବମୀ ସନ୍ଧ୍ୟା ଦର୍ଶନ ବାସ୍ତବିକ ବିଶେଷ ମହତ୍ତ୍ୱ ବହନ କରିଥାଏ। ଏହି ଦିନ ବହୁସଂଖ୍ୟାରେ ଭକ୍ତ ସନ୍ଧ୍ୟା କାଳରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ଭକ୍ତିର ସହିତ ପ୍ରଦୀପ ପ୍ରଜ୍ୱଳନ କରି ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ସାରି ବ୍ରାହ୍ମଣମାନଙ୍କୁ ଶ୍ରୀମହାପ୍ରସାଦରେ ଆପ୍ୟାୟିତ କରିଥାନ୍ତି। ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମହାପ୍ରଭୁ ଜନ୍ମଭୂମିରେ ପ୍ରିୟ ଭକ୍ତଗଣଙ୍କୁ ଶେଷ ସନ୍ଧ୍ୟାରେ ଦର୍ଶନ ଦେଇ ସମସ୍ତ ମନୋବାଞ୍ଛିତ ଫଳ ପ୍ରଦାନ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଆଷାଢ଼ ଶୁକ୍ଳ ନବମୀ ସନ୍ଧ୍ୟା ଦର୍ଶନ ହେଉଛି ପରମ କୃପାମୟ ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କଠାରୁ ଦିବ୍ୟ କୃପା ଲାଭ କରିବାର ଏକ ମହାର୍ଘ ମୂହୁର୍ତ୍ତ।

# ବଜ୍ରପାତରେ ଦୁଇ ଯୁବକ ମୃତ

**ଝାରସୁଗୁଡ଼ା,୩।୭(ସମିସ):** ଝାରସୁଗୁଡ଼ା ଜିଲ୍ଲା, ବଡ଼ମାଲ ଥାନା ଅନ୍ତର୍ଗତ କୁରେବଗା ଗାଁରେ ବଜ୍ରପାତ ଦୁଇଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ବଡ଼ମାଲ ଥାନା ବଞ୍ଜାରୀ ଗାଁର ଅଶୋକ ରୋହିଦାସ(୪୫) ଓ ଚୂଡ଼ାମଣି ରୋହିଦାସ(୨୯)। ସୂଚନାନୁଯାୟୀ, ଗୁରୁବାର ଭୋର୍ ପ୍ରାୟ ସାଢ଼େ ୪ଟାରେ ଦୁହେଁ ଗାଁ ନିକଟ ପାଉଁଶ ପୋଖରୀକୁ ଯାଇଥିଲେ। ଏହି ସମୟରେ



ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ତେଣୁ ସେମାନେ ଘରକୁ ଫେରି ଆସୁଥିଲେ। ତେବେ ବାଟରେ ସେମାନଙ୍କ ଉପରେ ଏକ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଦୁହେଁ ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟଲୋକ ସେମାନଙ୍କୁ ଉଦ୍ଧାର କରି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବଡ଼ମାଲ ପୁଲିସ୍ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତକଙ୍କ ପରିବାର ବର୍ଗଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ହୃଦ୍‌ଘାତ ଏବେ ନୀରବ ମହାମାରୀ

# ଲକ୍ଷେ ଲୋକରେ ୨୮୨ ହୃଦ୍‌ଘାତର ଶିକାର

**ଭୁବନେଶ୍ୱର,୩।୭(ସମିସ):** ଦିନକୁ ଦିନ ଦେଶ ତଥା ରାଜ୍ୟରେ ହୃଦ୍‌ଘାତ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏକ ନୀରବ ମହାମାରୀ ଭାବେ ଲୋକଙ୍କ ମୁଣ୍ଡ ନେଇଚାଲିଛି। ରାଜ୍ୟ ସରକାରଙ୍କ ତଥ୍ୟାନୁସାରେ, ପ୍ରତି ଲକ୍ଷେ ଲୋକରେ ୨୮୨ଜଣଙ୍କର ହୃଦ୍‌ଘାତରେ ମୃତ୍ୟୁ ହେଉଛି। ପୂର୍ବରୁ ଏହା କେବଳ ବୟସ୍କ ଲୋକଙ୍କ ଭିତରେ ସୀମିତ ଥିଲା। ଏବେ ଯୁବବର୍ଗ ତଥା ୧୫ରୁ ୨୦ ବର୍ଷର ପିଲା ମଧ୍ୟ ଏହାର ଶିକାର ହେଉଛନ୍ତି। ଅପମିଶ୍ରିତ ଖାଦ୍ୟ, ମାତ୍ରାଧିକ ନିଶା ଦ୍ରବ୍ୟ ସେବନ ଓ ଚିନ୍ତା ଏହାର ମୁଖ୍ୟ



କାରଣ। ଶରୀରରେ କୋଲେଷ୍ଟେରଲ୍ ପରିମାଣ ବଢ଼ିବା ସହ ଲୋକମାନେ ମୋଟାପଣର ଶିକାର ହେଉଛନ୍ତି। ଫଳରେ ଏହା ଉଚ୍ଚ ରକ୍ତଚାପ ଓ ମଧୁମେହକୁ ନିମନ୍ତ୍ରଣ କରିଥାଏ। ଫଳସ୍ୱରୂପ ଲୋକମାନେ ହୃଦ୍‌ଘାତ ଜନିତ ରୋଗର ଶିକାର ହେଉଛନ୍ତି ବୋଲି ବିଶେଷଜ୍ଞଙ୍କ ମତ।

ଅନ୍ୟପକ୍ଷରେ ହୃଦ୍‌ରୋଗୀଙ୍କ ମୃତ୍ୟୁସଂଖ୍ୟା ବଢ଼ିବାର କାରଣ ହେଉଛି ଠିକ୍ ଭାବେ ଚିକିତ୍ସା ନ ମିଳିବା। ଡାକ୍ତରମାନେ କେବଳ କଟକ, ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର ଭଳି ସହରାଞ୍ଚଳକୁ ପ୍ରାଧାନ୍ୟ ଦେଉଛନ୍ତି। ଫଳରେ ଗ୍ରାମାଞ୍ଚଳର ଲୋକମାନେ ଠିକ୍ ଭାବେ ସେବା ପାଇପାରୁ ନାହାନ୍ତି। ତେଣୁ ଗତ କିଛି ବର୍ଷ ଭିତରେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ହୃଦ୍‌ଘାତ ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ସରକାର ଏଥିପ୍ରତି ଧ୍ୟାନ ଦେଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା। ଏହାଛଡ଼ା ହୃଦ୍‌ଘାତଜନିତ ରୋଗରୁ ମୁକ୍ତି ପାଇଁ ପ୍ରତିଦିନ ବ୍ୟାୟାମ କିମ୍ବା ଯୋଗ କରିବା ଜରୁରୀ। ସେହିପରି ଖାଦ୍ୟରେ ନିୟନ୍ତ୍ରଣ ସହ ନିଶା ଓ ତମାଖୁଠାରୁ ଦୂରରେ ରହିବା

- ଗ୍ରାମାଞ୍ଚଳରେ ଯାଉଛି ଅଧିକ ଜୀବନ
- ବିଶୃଙ୍ଖଳିତ ଜୀବନଶୈଳୀକୁ ଦାୟୀ କଲେ ଡାକ୍ତର

ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ନିକଟ ଅତୀତରେ ଅନେକ ହାଇ-ପ୍ରୋଫାଇଲ୍ ସ୍ୱଳ୍ପ ବୟସ୍କରେ ହୃଦ୍‌ଘାତର ଶିକାର ହୋଇଛନ୍ତି। ଅଭିନେତା ସିଦ୍ଧାନ୍ତ ସୂର୍ଯ୍ୟବଂଶୀ, ଗାୟକ କେକେ, କମେଡିଆନ୍ ରାଜୁ ଶ୍ରୀବାସ୍ତବ ଏବଂ ରିଆଲିଟି ଟିଭି ତାରକା ସିଦ୍ଧାର୍ଥ ଶୁକ୍ଳା ଯୁବାବସ୍ଥାରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି।


କାର୍ଡିଓଲୋଜିଷ୍ଟ ଡାକ୍ତର ସୁଶାନ୍ତ କୁମାର ପ୍ରଧାନଙ୍କ କହିବାନୁସାରେ, ହୃଦ୍‌ରୋଗ ଅନେକ ପ୍ରକାରରେ ହୋଇଥାଏ। ଜିନ୍‌ଗତ ହୃଦ୍‌ରୋଗ ଏକ ପ୍ରମୁଖ କାରଣ। ଏଥିସହ ଯେତେବେଳେ ହୃଦୟ ହଠାତ୍ ବନ୍ଦ ହୋଇଯାଏ, ଏହା ହୃଦ୍‌ଘାତ କିମ୍ବା ଆରିଦ୍‌ମିଆ ଯୋଗୁ ହୋଇପାରେ। ଛାତିରେ ଯନ୍ତ୍ରଣା, ଝାଳ, ମୁଣ୍ଡବିନ୍ଧା କିମ୍ବା ମୂର୍ଚ୍ଛା ହୋଇଗଲେ, ତୁରନ୍ତ ଡାକ୍ତରଙ୍କୁ ସମ୍ପର୍କ କରିବାକୁ ସେ ପରାମର୍ଶ ଦେଇଛନ୍ତି। କାରଣ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚିଗଲେ, ଜୀବନ ରକ୍ଷା କରାଯାଇପାରିବ ବୋଲି ସେ କହିଛନ୍ତି। ସନ୍ତୁଳିତ ଜୀବନଶୈଳୀ, ନିୟମିତ ବ୍ୟାୟାମ, ମାନସିକ ଚାପ ନିୟନ୍ତ୍ରଣ, ସୁସ୍ଥ ଖାଦ୍ୟପଦାର୍ଥ, ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏଥିରୁ ବଞ୍ଚାଇପାରିବ।

କ୍ୟାପିଟାଲ୍ ହସ୍ପିଟାଲ୍ ବରିଷ୍ଠ ଡାକ୍ତର ପ୍ରତାପ କୁମାର ଦାସ କହିଛନ୍ତି, ହୃଦ୍‌ଘାତ ପୂର୍ବରୁ ହୃଦୟର ମାଂସପେଶୀକୁ ରକ୍ତ ସଞ୍ଚାଳଣ ଧୀରେ ଧୀରେ ବନ୍ଦ ହୋଇଯାଏ। ସାଧାରଣତ ଉଚ୍ଚ ରକ୍ତଚାପ, ମଧୁମେହ, କିମ୍ବା ଅତ୍ୟଧିକ କୋଲେଷ୍ଟେରଲ୍ ଯୋଗୁଁ ହୋଇଥାଏ। ଏହାଦ୍ୱାରା ହାର୍ଟ ବିକଳାଙ୍ଗ ଅବସ୍ଥାକୁ ଚାଲି ଆସେ। ପରବର୍ତ୍ତୀ ସମୟରେ ହାର୍ଟକୁ ସଂପୂର୍ଣ୍ଣ ରୂପେ ବନ୍ଦ କରିଦିଏ। ଏହାଦ୍ୱାରା ଶ୍ୱାସପ୍ରଶ୍ୱାସ ବନ୍ଦ ହୋଇଯାଏ। କାର୍ଡିଓଲୋଜିଷ୍ଟ ଡାକ୍ତର ଦିବ୍ୟ ରଞ୍ଜନ ବେହେରା କହିଛନ୍ତି, କରୋନାରୀ ଆର୍ଟେରୀ ରୋଗ ହେଉଛି ପ୍ରାପ୍ତବୟସ୍କମାନଙ୍କ ମଧ୍ୟରେ ସବୁଠାରୁ ସାଧାରଣ ଓ ବିପଜ୍ଜନକ ହୃଦ୍‌ରୋଗ। ଧୂମ୍ରପାନ, ଦୁର୍ବଳ ଜୀବନଶୈଳୀ, ମାନସିକ ଚାପ ଏବଂ ଅସୁସ୍ଥ ଖାଦ୍ୟପଦାର୍ଥ ଯୋଗୁଁ ଅନେକ ଯୁବକଙ୍କୁ ଏହା ପ୍ରଭାବିତ କରୁଛି। ବର୍ତ୍ତମାନ ସମୟରେ ମାତ୍ରାଧିକ ଫାଷ୍ଟ୍‌ଫୁଡ୍ ସେବନ ଯୋଗୁଁ ମଧ୍ୟ ହୃଦ୍‌ରୋଗ ହେଉଥିବା ସେ କହିଛନ୍ତି।

## ରବି ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା

# ଚାଷୀଙ୍କୁ ସରକାରଙ୍କ ପ୍ରତାରଣା: ନବୀନ

**ଭୁବନେଶ୍ୱର, ୩।୭ (ସମିସ):** ଚଳିତ ବର୍ଷ ପଞ୍ଜିକରଣ କରିଥିବା ସମସ୍ତ ଚାଷୀଙ୍କଠାରୁ ରାଜ୍ୟ ସରକାର ରବି ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ; କିନ୍ତୁ ଦୁର୍ଭାଗ୍ୟର କଥା ଚାଷୀଙ୍କର ଲକ୍ଷାଧିକ କ୍ୱିଣ୍ଟାଲ୍ ଧାନ ଏପର୍ଯ୍ୟନ୍ତ ବିକ୍ରି ନ ହୋଇ ପଡ଼ିରହିଛି। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ମୌସୁମୀ ବର୍ଷାରେ ହଜାର ହଜାର କ୍ୱିଣ୍ଟାଲ୍ ଧାନ ଭିଜି ଗଜା ହୋଇଥିବା ବେଳେ ସରକାର ଚାଷୀଙ୍କ ଦୁଃଖ ଶୁଣୁ ନାହାନ୍ତି ଓ ସେମାନଙ୍କୁ ପ୍ରତାରିତ କରିଛନ୍ତି ବୋଲି ନବୀନ କହିଛନ୍ତି।



ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଯେଉଁ ଚାଷୀଙ୍କର ବଳକା ଧାନ ମଣ୍ଡିରେ ବିକ୍ରି କରିବାକୁ ପଞ୍ଜିକରଣ ହୋଇଛି, ଏଥିପାଇଁ ଜାରି ହୋଇଥିବା ଟୋକନ ଲାପ୍ସ ହେବ ନାହିଁ ବୋଲି ସରକାର କହିଥିଲେ। ଏପରିକି ଆବଶ୍ୟକସ୍ଥଳେ ଟୋକନ୍‌ର ଅବଧି ମଧ୍ୟ ବୃଦ୍ଧି କରାଯିବ ବୋଲି ଘୋଷଣା କରିଥିଲେ। ମାତ୍ର ଦୁର୍ଭାଗ୍ୟର କଥା, ଅଚାନକ ରାଜ୍ୟ ସରକାର ଜୁନ ୩୦ ତାରିଖ ଧାନ ବିକ୍ରି ଲାଗି ପଞ୍ଜିକରଣର ଶେଷ ଦିନରେ ଆଇସ୍କାନ୍ କରି ଧାନ କିଣିବା ଘୋଷଣା କରୁଛନ୍ତି। ରାଜ୍ୟ ସରକାରଙ୍କର ଏପରି ଚାଷୀମାରଣ ନୀତି ଯୋଗୁଁ ଓଡ଼ିଶାର ହଜାର ହଜାର ଚାଷୀ ହନ୍ତସନ୍ତ ହେଉଛନ୍ତି। ଏଭଳି ନିଷ୍ପତ୍ତି ଚାଷୀଙ୍କ ପ୍ରତି ଅତ୍ୟନ୍ତ ବେପରୁଆ ମନୋଭାବ ଓ ଘୋର ପ୍ରତାରଣା କହିଲେ ଭୁଲ ହେବନାହିଁ ବୋଲି ନବୀନ କହିଛନ୍ତି। ଏହା ସହ ଚାଷୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏଥିପ୍ରତି ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ରବି ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ସମସ୍ତ ଚାଷୀମାନଙ୍କ ବଳକା ଧାନ ସରକାର କ୍ରୟ କରନ୍ତୁ। ଲାପ୍ସ ହୋଇଥିବା ଟୋକନର ଅବଧି ବୃଦ୍ଧି କରାଯିବା ସାଙ୍ଗକୁ ଧାନ କ୍ରୟ ସୀମା ମଧ୍ୟ ବୃଦ୍ଧି କରାଯାଉ। ଏହା ଫଳରେ ଓଡ଼ିଶାର ଚାଷୀ ଭାଇଭଉଣୀମାନେ ଆଶ୍ୱସ୍ତ ହେବା ସହ ବହୁତ ଉପକୃତ ହେବେ ବୋଲି ନବୀନ କହିଛନ୍ତି।

# ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଅନୁଧ୍ୟାନ କଲେ ଗଜପତି

**ପୁରୀ,୩।୭(ସମିସ):** ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି ଗଜପତି ମହାରାଜା ଦିବ୍ୟସିଂହଦେବ। ଗୁରୁବାର ପୂର୍ବାହ୍ଣରେ ଗଜପତି ମହାରାଜା ଶ୍ରୀନଅରରୁ ବାହାରି ଦକ୍ଷିଣଦ୍ୱାରରେ



ପହଞ୍ଚିଥିଲେ। ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ସ୍ୱାଗତ କରି ଭିତରକୁ ପାଛୋଟି ନେଇଥିଲେ। ଗଜପତି ମହାରାଜା ଉଭୟ ଭିତର ଏବଂ ବାହାର ରତ୍ନଭଣ୍ଡାର ବୁଲି ଦେଖିଥିଲେ। ଏଏସ୍‌ଆଇ ପକ୍ଷରୁ ଚାଲିଥିବା ରତ୍ନଭଣ୍ଡାର ମରାମତି କାମ ଅନୁଧ୍ୟାନ କରିଥିଲେ। ଆଉ କ'ଣ କାମ ରହିଛି ସେ ବିଷୟରେ ଏଏସ୍‌ଆଇ ଅଧିକାରୀଙ୍କୁ ପଚାରି ବୁଝିଥିଲେ।

ପ୍ରାୟ ୪୦ ମିନିଟ୍ ମନ୍ଦିରରେ ରହି ଫେରିଥିଲେ ଗଜପତି ମହାରାଜା। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଗଜପତି କହିଥିଲେ, ନୀଳାଦ୍ରିବିଜେ ସୁଦ୍ଧା ମରାମତି ସମ୍ପୂର୍ଣ୍ଣ ହୋଇଯିବ। ଏବେ ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ। ଭିତରୁ ଅତି ସୁନ୍ଦର ମଧ୍ୟ ଦେଖାଯାଉଛି। ମନ୍ଦିରର ନିର୍ମାଣଶୈଳୀ ଅନୁସାରେ ଶାଣ ପଥରରେ ସମସ୍ତ କାମ

- ନୀଳାଦ୍ରି ବିଜେ ସୁଦ୍ଧା ମରାମତି ସମ୍ପୂର୍ଣ୍ଣ ହେବ
- ୬୦୦ ଖରାପ ପଥର ବଦଳା ଯାଇଛି
- ରତ୍ନଭଣ୍ଡାର ଏବେ ସୁରକ୍ଷିତ ଆଉ ସୁନ୍ଦର ଦିଶୁଛି

କରାଯାଇଛି। ଖରାପ ହୋଇଯାଇଥିବା ଅନେକ ବିମ୍ ଏବଂ ପଥର ବଦଳାଯାଇଛି। ପାଖାପାଖି ୬୦୦ ପୁରୁଣା ପଥର କଢ଼ାଯାଇ ନୂଆ ଶାଣ ପଥର ଲଗାଯାଇଛି। ମହାପ୍ରଭୁଙ୍କ କୃପାରୁ କାମ ଏବେ ପୂର୍ଣ୍ଣାଙ୍ଗ ହେବାକୁ ଯାଉଛି।

ସେହିପରି ମହାପ୍ରଭୁଙ୍କ ରତ୍ନଅଳଙ୍କାର ଗଣତିମଣତି ସମ୍ପର୍କରେ ଗଜପତି ମହାରାଜା କହିଥିଲେ, ନୀଳାଦ୍ରିବିଜେ ଭିତରେ ରତ୍ନଭଣ୍ଡାର କାମ ସରିଯିବ। ମହାପ୍ରଭୁ ରତ୍ନସିଂହାସନରେ ବିଜେ କରିବା ପରେ ରାଜ୍ୟ ସରକାରଙ୍କ ପରାମର୍ଶକ୍ରମେ ଏଥିପାଇଁ ଗଠିତ ସ୍ୱତନ୍ତ୍ର କମିଟି ଆନୁକୂଲ୍ୟରେ ଗଣତିମଣତି କାମ ଅତିଶୀଘ୍ର ଆରମ୍ଭ ହେବ।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି ଯେ ଗଜପତି ମହାରାଜା ନିଜେ ତଦାରଖ କରି ବୈଷୟିକ କମିଟିକୁ ଧନ୍ୟବାଦ ଦେଇଛନ୍ତି। ଭିତର ରତ୍ନଭଣ୍ଡାର ମରାମତି କାମ ପ୍ରାୟତଃ ଶେଷ ହୋଇଛି। ବାହାର ରତ୍ନଭଣ୍ଡାର କାମ ଦିନେ ଦୁଇଦିନ ଭିତରେ ଶେଷ ହେବ ବୋଲି କହିଛନ୍ତି। ଗଜପତିଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡନାୟକ ପ୍ରମୁଖ ସାମିଲ ଥିଲେ।

ସୂଚନାଥାଉ କି, ରତ୍ନଭଣ୍ଡାର କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଛି। ଭିତର ଭଣ୍ଡାର ଘରେ ଅନେକ ପଥର ବଦଳାଇ ଥିବା ବେଳେ ସମସ୍ତ ବିମ୍‌କୁ ଶକ୍ତ କରଯାଇଛି। ଭଣ୍ଡାରର ବାହାର ଓ ଭିତର ଅଂଶକୁ ରାସାୟନିକ ପ୍ରଲେପ ଦେଇ ସଂରକ୍ଷଣ କରାଯାଉଛି। ରତ୍ନଭଣ୍ଡାର ମରାମତି କାର୍ଯ୍ୟରେ ୮୦ରୁ ଅଧିକ କୁଶଳୀ କାରିଗର ପର୍ଯ୍ୟାୟ କ୍ରମେ ଲାଗିଛନ୍ତି। ଶ୍ରୀମନ୍ଦିରର ସମସ୍ତ ରୂପା ଦ୍ୱାରକୁ ପରିଷ୍କାର କରାଯାଉଥିବା ବେଳେ ବଳକା ଥିବା ଦ୍ୱାରକୁ ବର୍ମାଟିକ କାଠରେ ନୂଆ କବାଟ ଲଗାଯିବ। ଗର୍ଭଗୃହର କାଠ ନିର୍ମିତ କନକ ମୁଣ୍ଡିକୁ ବଦଳାଯାଇ ଷ୍ଟେନଲେସ୍ ଷ୍ଟିଲ ଲଗାଯାଉଛି।

# 'ଶବରୀ ଭବନ' ଯୁବ ପିଢ଼ିଙ୍କୁ ପ୍ରେରଣା ଯୋଗାଇବ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୩।୭ (ସମିସ):** ଶବରୀ ସାଂସ୍କୃତିକ ପରିଷଦ ଦ୍ୱାରା ଭୁବନେଶ୍ୱରସ୍ଥିତ ଆଇଆର୍‌ସି ଭିଲେଜଠାରେ ନିର୍ମିତ 'ଶବରୀ ସାଂସ୍କୃତିକ ଭବନ'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଭବନ କେବଳ ଏକ ଆଶ୍ରୟସ୍ଥଳ ନୁହେଁ, ଏହା ଆଦିବାସୀ ଯୁବ ଓ ନେତୃତ୍ୱର ଉଦୟ ପାଇଁ ଏକ ମଞ୍ଚ ଏବଂ ଓଡ଼ିଶାବାସୀଙ୍କ ସ୍ୱାଭିମାନର ପରିଚୟ ହେବା ସହ ନୂଆପିଢ଼ି ପାଇଁ ଏକ ଅନୁପ୍ରେରଣା ରୂପେ ଦୀପ୍ତିମାନ ରହିବ। ଏହାର ଉନ୍ନତୀକରଣ ପାଇଁ ୨କୋଟି ଟଙ୍କାର ଅନୁଦାନ ଘୋଷଣା କରିବା ସହ ଆବଶ୍ୟକ ନିର୍ମାଣ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଆଦି ଜିଲ୍ଲାର ଆଦିବାସୀ ଭାଇ-ଭଉଣୀମାନଙ୍କ ପାଇଁ ସ୍ୱଳ୍ପକାଳୀନ ରହଣି ସହ ଶିକ୍ଷା, କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟ ପାଇଁ ଏହା ଏକ କେନ୍ଦ୍ର ହେବାକୁ ଥିବା ବେଳେ ଏଠାରେ ସମ୍ମିଳନୀ, ପ୍ରଶିକ୍ଷଣ ଶିବିର, କଳା ପ୍ରଦର୍ଶନୀ ଓ ଗବେଷଣା କାର୍ଯ୍ୟକ୍ରମ ହେବା ଦ୍ୱାରା ଏକ ସାଂସ୍କୃତିକ ଜୀବନତା ପାଇଁ ଅନୁପ୍ରେରଣା ହେବ। ଆଦିବାସୀ ଭାଇ-ଭଉଣୀମାନେ ଏଠାକୁ ଆସିଲେ ନିଜ ଘର ପରି ଅନୁଭବ କରିବା ସହ ଶିକ୍ଷା, ଚିକିତ୍ସା, ନିଯୁକ୍ତି, ଓ ଉନ୍ନତିର ମାର୍ଗ ଏହିଠାରୁ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

କାର୍ଯ୍ୟକ୍ରମରେ ଗଣ ଶିକ୍ଷାମନ୍ତ୍ରୀ ତଥା ଶବରୀ ସାଂସ୍କୃତିକ ପରିଷଦର ସଭାପତି ନିତ୍ୟାନନ୍ଦ ଗଣ୍ଡ, ସାଂସଦ ମୁନା ଖାନ, ସାଂସଦ ବଳଭଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲିଙ୍କ ସମେତ ବହୁ ରାଜନେତା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶବରୀ ସାଂସ୍କୃତିକ ପରିଷଦର ଉପ-ସଭାପତି ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ସନ୍ତୋଷ ଖଟୁଆଙ୍କ ମନ୍ତବ୍ୟକୁ ନବୀନଙ୍କ ଭର୍ତ୍ସନା

# ନିର୍ବାଚିତ ଜନପ୍ରତିନିଧିଙ୍କ ଏପରି ଶବ୍ଦ ଅସହ୍ୟ ଓ ଅମାନବିକ

**ଭୁବନେଶ୍ୱର,୩।୭(ସମିସ):** ବିଜେଡି ନେତ୍ରୀ ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ବିରୋଧରେ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶାଳୀନ କୁତ୍ସିତ ମନ୍ତବ୍ୟକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କ ଏପରି ଶବ୍ଦ ପ୍ରୟୋଗ ଅତ୍ୟନ୍ତ ଅମାନବିକ ଓ ଅସହ୍ୟ ବୋଲି ନବୀନ କହିଛନ୍ତି।



ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ବିଜେଡିର ଜଣେ ସମ୍ମାନନୀୟା ନେତ୍ରୀଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଏପରି ଅପମାନଜନକ ମନ୍ତବ୍ୟ ଅତ୍ୟନ୍ତ ଦୁଃଖଦ । ରାଜନୈତିକ ପ୍ରତିଉତ୍ତର ଭାବରେ ସର୍ବସାଧାରଣରେ ଜଣେ ମହିଳାଙ୍କ ଚରିତ୍ର ସଂହାର କରିବା ରୁଗ୍ଣ ମାନସିକତାର ପରିଚୟ ଓ ମହିଳାଙ୍କ ସ୍ୱର ଚପାଇ ଦେବାକୁ ଉଦ୍ଦିଷ୍ଟ। ସବୁଠୁ ଅଧିକ ଦୁଃଖର ବିଷୟ ହେଉଛି ବିଜେପି ନେତାମାନଙ୍କର ଗଭୀର ନୀରବତା। ଜଣେ କେହି ବି ନେତା ଏପରି ଘୃଣ୍ୟ ମନ୍ତବ୍ୟକୁ ନିନ୍ଦା କରିବା ସହିତ ବିଧାୟକଙ୍କୁ ଉତ୍ତରଦାୟୀ କରିବାକୁ ମଧ୍ୟ ଆଗକୁ ଆସିନାହାନ୍ତି। ଏପରି ବ୍ୟବହାର ନେଇ ସଭିଙ୍କ ନୀରବତା ସରକାରୀ ଦଳର ଆଭିମୁଖ୍ୟ ବେଶ୍ ସ୍ପଷ୍ଟ ଭାବେ ସର୍ବସାଧାରଣରେ ଦର୍ଶାଉଛି। ମହିଳାଙ୍କ ସଶକ୍ତିକରଣ ବିଷୟରେ ଉପଦେଶ ଦେବା ପୂର୍ବରୁ, ରାଜନେତାମାନେ ପ୍ରଥମେ ମହିଳାଙ୍କୁ ସମ୍ମାନ ଜଣାଇବାର ମୌଳିକ ନୀତି ଶିଖିବା ଦରକାର। ଓଡ଼ିଶାର ରାଜନୈତିକ ଦୃଶ୍ୟପଟ ଏପରି ଲଜ୍ଜାଜନକସ୍ତରକୁ ଆସିବା ବେଶ୍ ବିରଳ। ତେଣୁ ଓଡ଼ିଶାର ସମସ୍ତ ସଚେତନ ନାଗରିକଙ୍କୁ ଏପରି ରୁଗ୍ଣ ମାନସିକତା ଥିବା ତଥା ନାରୀ ବିରୋଧୀ ମନୋଭାବ ରଖି ରାଜ୍ୟ ବିଧାନସଭାରେ ସ୍ଥାନ ଜମାଇଥିବା ଲୋକମାନଙ୍କର ଅସଲ ଚେହେରାକୁ ଚିହ୍ନନ୍ତୁ ବୋଲି ନବୀନ ଆହ୍ୱାନ ଦେଇଛନ୍ତି। ଏହାସହିତ ଦଳମତ ନିର୍ବିଶେଷରେ ଏହାକୁ ବିରୋଧ କରିବା ଏବଂ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ଏକ ହେବା ଉଚିତ ବୋଲି ନବୀନ କହିଛନ୍ତି।

---

**ହାତୀ ଦାନ୍ତ ଚୋରିକୁ ଚପାଇବା ପାଇଁ ନାରୀ ଜାତିକୁ ଅପମାନ**

# ବିଜେପି ବିଧାୟକ ସନ୍ତୋଷ ଖଟୁଆ ନାରୀ ଜାତିକୁ କ୍ଷମା ମାଗନ୍ତୁ: ବିଜେଡି

**ଭୁବନେଶ୍ୱର,୩।୭(ସମିସ):** ହାତୀ ଶିକାର ଓ ହାତୀ ଦାନ୍ତ ଚୋରି ଘଟଣାରେ ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ସମ୍ପୃକ୍ତି ଅଭିଯୋଗ କରିଥିବା ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହରଙ୍କ ପ୍ରତି ଅତ୍ୟନ୍ତ କୁତ୍ସିତ ଓ ଅରୁଚିକର ମନ୍ତବ୍ୟ ଦେଇଛନ୍ତି ଶ୍ରୀ ଖଟୁଆ। ଏଭଳି ମନ୍ତବ୍ୟକୁ ବିଜେଡି ଦୃଢ ନିନ୍ଦା କରିବା ସହ ତୁରନ୍ତ ସମଗ୍ର ନାରୀ ଜାତି ନିକଟରେ ଶ୍ରୀ ଖଟୁଆ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦଳ ଦାବି କରିଛି।



ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବନ ବିଭାଗ ଅଧିକାରୀମାନେ ଶ୍ରୀ ଖଟୁଆଙ୍କ ଫାର୍ମ ହାଉସରୁ ହାତୀ ଦାନ୍ତ ଚୋରଙ୍କୁ ଧରିଥିଲା। ତେଣୁ ଏପରି ଏକ ସ୍ପର୍ଶକାତର ମାମଲାରେ ବିଧାୟକଙ୍କ ସମ୍ପୃକ୍ତି ନେଇ ବିଜେଡି ଅଭିଯୋଗ କରିବା ସହ ତାଙ୍କୁ କାହିଁକି ଗିରଫ କରାଯିବ ନାହିଁ ବୋଲି ପ୍ରଶ୍ନ କରିଥିଲା। ମାତ୍ର ଏଥିରେ ଉତକ୍ଷିପ୍ତ ହୋଇ ବିଜେପି ବିଧାୟକ ଶ୍ରୀ ଖଟୁଆ ବିଜେଡି ନେତ୍ରୀ ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଅତ୍ୟନ୍ତ ଘୃଣ୍ୟ, କୁତ୍ସିତ, ଅପମାନଜନକ ଓ ନିମ୍ନ ରୁଚିର ଭାଷା ପ୍ରୟୋଗ

- ବିଧାୟକଙ୍କ କୁତ୍ସିତ ମନ୍ତବ୍ୟ ତାଙ୍କ ରୁଗ୍ଣ ମାନସିକତାର ପରିଚୟ
- ହାତୀ ଦାନ୍ତ ଚୋରଙ୍କ ସହ ନୀଳଗିରି ବିଧାୟକଙ୍କ ସଂପୃକ୍ତି ଅଭିଯୋଗ

କରିଛନ୍ତି। ଜଣେ ମହିଳାର ମୁହଁକୁ ଆଧାର କରି ଯଦି ନକାରାତ୍ମକ ଟିପ୍ପଣୀ ଦିଆଯାଏ ତାହା କେବେହେଲେ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି। ମହିଳାମାନଙ୍କ ପ୍ରତି ଏଭଳି ଭାଷା ପ୍ରୟୋଗ କରିବା ପାଇଁ ତା'ର ବିଧାୟକମାନଙ୍କୁ ବିଜେପି ଏଭଳି ତାଲିମ ଦେଇଛି କି ବୋଲି ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ମହିଳାମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ରାଜନୀତିରେ ସାମିଲ ହେବା ପାଇଁ ପ୍ରବାଦ ପୁରୁଷ ବିଜୁ ବାବୁ ଯେଉଁ ଧାରା ଆରମ୍ଭ କରିଥିଲେ, ସେହି ଧାରାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗକୁ ନେଇଥିଲେ। ସମ୍ମାନର ସହ ମହିଳାମାନେ ସମାଜରେ ଛିଡା ହେବା ପାଇଁ ସେ ଅନେକ ପଦକ୍ଷେପ ନେଇଥିଲେ। ମାତ୍ର ରାଜ୍ୟରେ ବିଜେପି ସରକାରକୁ ଆସିଲା ପରେ ମହିଳାମାନେ ରାଜନୀତିକୁ ନ ଆସନ୍ତୁ ବୋଲି ଦଳ ଚାହୁଁଥିବା ଜଣାପଡ଼ିଛି। ବିଧାୟକ ଶ୍ରୀ ଖଟୁଆଙ୍କ କୁତ୍ସିତ ମନ୍ତବ୍ୟ ତାଙ୍କ ରୁଗ୍ଣ ମାନସିକତାର ପରିଚୟ ଓ ଏହା ସମଗ୍ର ନାରୀ ଜାତି ପ୍ରତି ଅପମାନ। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଜେପି ନାରୀ ଜାତିଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଶ୍ରୀମତୀ ମଲ୍ଲିକ ଦାବି କରିଛନ୍ତି।

---

# ୬ରେ ହୀରାକୁଦ ଛାଡ଼ିବ ପ୍ରଥମ ବନ୍ୟାଜଳ

**ସମ୍ବଲପୁର,୩।୭(ସମିସ):** ଆସନ୍ତା ୬ ତାରିଖ ସକାଳ ୧୦ଟାରେ ହୀରାକୁଦ ଜଳଭଣ୍ଡାରରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ। ଏଥିଯୋଗୁଁ ମହାନଦୀ ଓ ତା'ର ଶାଖାନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବ। ତେଣୁ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। କୌଣସି ଦୁର୍ଘଟଣା ପାଇଁ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ବୋଲି ମହାନଦୀ ଅବବାହିକା, ବୁର୍ଲା ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ ସୁଶୀଲ କୁମାର ବେହେରା ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।



ହୀରାକୁଦ ଜଳଭଣ୍ଡାର ଉପରମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି। ଗୁରୁବାର ସନ୍ଧ୍ୟା ୬ଟାରେ ଜଳଭଣ୍ଡାରର ଜଳସ୍ତର ୬୦୩.୨୫ଫୁଟ୍ ରହିଥିଲା। ବର୍ତ୍ତମାନ ନଦୀବନ୍ଧର ସମସ୍ତ ସ୍ଲୁଇସ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧୦୧୩୪୯ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ସ୍ପିଲୱେ, ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୪୨୫୪ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଅପରପକ୍ଷେ, ଉପରମୁଣ୍ଡରେ ୩୦.୧୧ମିମି ଏବଂ ତଳମୁଣ୍ଡରେ ୩୭.୫୧ମିମି ବର୍ଷା ହୋଇଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ଅପରପକ୍ଷେ, ବର୍ଷାଜଳ ନିଷ୍କାସନର ଦିନ ଓ ସମୟ ସମ୍ପର୍କରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ସମ୍ବଲପୁର, କେନ୍ଦ୍ରୀୟ ରାଜସ୍ୱ ଆୟୁକ୍ତ, କଟକ ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ, ବ୍ରହ୍ମପୁରଙ୍କ ସହ ସମ୍ବଲପୁର, ବରଗଡ଼, ସୋନପୁର, ଅନୁଗୋଳ, ବୌଦ୍ଧ, ନୟାଗଡ଼, କଟକ, ଫୁଲବାଣୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ପୁରୀ ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଯାଇଛି। ଏହାସହ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ, କଟକ ମହାନଗର ନିଗମ ଆୟୁକ୍ତ, ସୋନପୁର, ବୌଦ୍ଧ, ଆଠମଲ୍ଲିକ ଓ ବାଙ୍କୀ ପୌରନିର୍ବାହୀ ଅଧିକାରୀ ଏବଂ ପିଏଚ୍‌ଡି, ସମ୍ବଲପୁର ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ହୀରାକୁଦ ନଦୀବନ୍ଧରେ ସମୁଦାୟ ୯୮ଟି ଜଳ ନିଷ୍କାସନ ଫାଟକ ରହିଛି। ଏହାର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ହୀରାକୁଦ ନଦୀବନ୍ଧରେ ୬୪ଟି ସ୍ଲୁଇସ୍ ଫାଟକ ଓ ୩୪ଟି କ୍ରେଷ୍ଟ ଫାଟକ ରହିଛି। ଏହା ମାଧ୍ୟମରେ ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରାଯାଇଥାଏ। ଗତବର୍ଷ ଜୁଲାଇ ୨୮ରେ ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବା ବେଳେ ୨୦୨୩ ଜୁଲାଇ ୨୩ତାରିଖ, ୨୦୨୨ ଜୁନ୍ ୨୫ ତାରିଖ, ୨୦୨୧ ସେପ୍ଟେମ୍ବର ୧୪ତାରିଖ, ୨୦୨୦ ଜୁନ୍ ୨୫ତାରିଖରେ ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଥିଲା।

## ଜାରି ରହିବ ବର୍ଷାର ପ୍ରଭାବ

**ଭୁବନେଶ୍ୱର, ୩।୭(ସମିସ):** ଉତ୍ତର ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାସହିତ ମୌସୁମୀ ଜନିତ ନିମ୍ନଚାପ ରେଖାର ପ୍ରଭାବ ମଧ୍ୟ ଓଡ଼ିଶା ଉପରେ ରହୁଛି। ଏଭଳି ଦୁଇଟି ପାଣିପାଗ ନିୟାମକ ଯୋଗୁଁ ରାଜ୍ୟରେ ବର୍ଷା ପାଇଁ ପାଗ ଅନୁକୂଳ ରହୁଛି। ଏଭଳି ସ୍ଥିତି ଆହୁରି ୩-୪ ଦିନ ପର୍ଯ୍ୟନ୍ତ ଜାରି ରହିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଭଲ ବର୍ଷା ହୋଇଛି। ସାଢ଼େ ୫ ଟା ସୁଦ୍ଧା ଭୁବନେଶ୍ୱରରେ ୩୪ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ସୁନ୍ଦରଗଡ଼ରେ ୪୩, କୋରାପୁଟରେ ୧୪ ଏବଂ ବୌଦ୍ଧରେ ୧୫ ମିମି ବର୍ଷା ରେକର୍ଡ ହୋଇଛି। ଏହା ବ୍ୟତୀତ ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟରେ ଭଲ ବର୍ଷା ଅନୁଭୂତ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସୁନ୍ଦରଗଡ଼ରେ ସବୁଠୁ ଅଧିକ ବର୍ଷା ହେବାକୁ ଥିବା ବେଳେ ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ସୋନପୁର, ବଲାଙ୍ଗିର, ନୂଆପଡ଼ା ଆଦିରେ ମଧ୍ୟ ଭଲ ବର୍ଷା ହେବାର ସମ୍ଭାବନା ରହିଛି। ଆଗାମୀ ୬-୮ ଜୁଲାଇ ମଧ୍ୟରେ ଉତ୍ତର ଉପକୂଳ, ଉତ୍ତର, ଉତ୍ତର ପଶ୍ଚିମ ଜିଲ୍ଲାମାନଙ୍କରେ ଭାରି-ଅତି ଭାରି ବର୍ଷା ସମ୍ଭାବନା ରହିଛି। ଏହା ପରେ ୩-୪ଦିନ ବର୍ଷା ପରିମାଣ କମିବା ସହ ପରବର୍ତ୍ତୀ ସମୟରେ ଅର୍ଥାତ ୧୧-୧୨ ବେଳକୁ ପୁଣି ବର୍ଷା ବଢ଼ିବ ବୋଲି ଆକଳନ କରାଯାଉଛି।

---

# ଗ୍ରୀନ୍ ଇଣ୍ଡିଆ ଗଞ୍ଜାମ ଜିଲ୍ଲା ମୁଖ୍ୟ ଗିରଫ

**ଜଗନ୍ନାଥପ୍ରସାଦ,୩।୭(ସମିସ):** ଚିଟ୍‌ଫଣ୍ଡ ସଂସ୍ଥା 'ଗ୍ରିନ୍ ଇଣ୍ଡିଆ'ର ଗଞ୍ଜାମ ଜିଲ୍ଲା ମୁଖ୍ୟଙ୍କୁ ଜଗନ୍ନାଥପ୍ରସାଦ ଥାନା ପୁଲିସ୍ ଗିରଫ କରିଛି। ସେ ହେଲେ, ହିଞ୍ଜିଳି ଥାନା ଅନ୍ତର୍ଗତ ରାଲବ ଗ୍ରାମର ରଞ୍ଜନ ପରିଡ଼ା। ସେ ୨୦୧୪ ମସିହାରୁ ଫେରାର୍ ଥିଲେ। ତାଙ୍କ ନାମରେ ୧୦ କୋଟିର ଠକେଇ ଅଭିଯୋଗ ରହିଥିଲା। ପୂର୍ବରୁ ରୁଜୁ ମାମଲା ୬୨/୧୪, ଧାରା ୪୨୦, ୩୪ ଆଧାରରେ ପୁଲିସ୍ ତାଙ୍କୁ ଆଜି କୋର୍ଟଚାଲାଣ କରିଥିବା ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ସୂଚନା ଦେଇଛନ୍ତି।



ପୁଲିସ୍ ସୂଚନାନୁଯାୟୀ, 'ଗ୍ରିନ୍ ଇଣ୍ଡିଆ' ଜଗନ୍ନାଥପ୍ରସାଦ ଅଞ୍ଚଳରେ ଏକ ଅଫିସ୍ ଖୋଲି ଲୋକଙ୍କୁ ନିବେଶ ପାଇଁ ପ୍ରବର୍ତ୍ତାଇଥିଲା। ତେବେ ବେଶ୍ କିଛି ଦିନ ଧରି ସଂସ୍ଥା ସ୍ଥାନୀୟ ଲୋକଙ୍କଠାରୁ ଅର୍ଥ ସଂଗ୍ରହ କରିବା ପରେ ରାତାରାତି କାର୍ଯ୍ୟାଳୟ ବନ୍ଦ କରିଦେଇଥିଲା। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ୫ ବର୍ଷ ତଳେ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିନ୍ତୁ ସଂସ୍ଥାର ଗଞ୍ଜାମ ଜିଲ୍ଲା ନିର୍ଦ୍ଦେଶକ/ ମହାପ୍ରବନ୍ଧକ ରଞ୍ଜନ ପରିଡ଼ା ପୁଲିସ୍ ଆଖିରେ ଧୂଳି ଦେଇ ଫେରାର୍ ହୋଇଯାଇଥିଲେ। ତାଙ୍କ ନାମରେ ୧୦ କୋଟି ଟଙ୍କାର ଠକେଇର ଅଭିଯୋଗ ରହିଥିଲା। ପୁଲିସ୍ ତାଙ୍କୁ ଧରିବା ପାଇଁ ତାଙ୍କ ଘର ରାଲବ ଗ୍ରାମରେ ବହୁବାର ଚଢ଼ଉ କରିଥିଲେ ହେଁ ସଫଳ ହୋଇପାରିନଥିଲା। ଅପରପକ୍ଷେ, ରଞ୍ଜନ ବାରମ୍ବାର ବାରମ୍ବାର ମୋବାଇଲ ସିମ୍ ବଦଳାଇ ବିଭିନ୍ନ ରାଜ୍ୟ ବୁଲୁଥିବାରୁ ତାଙ୍କୁ ଟ୍ରାକ୍ କରିବା ବି ପୁଲିସ୍ ପାଇଁ କାଠିକର ହୋଇଥିଲା। ତେବେ କିଛି ଦିନ ହେବ ସେ ବ୍ରହ୍ମପୁରରେ ରହୁଥିବା ପୁଲିସ୍ ଏକ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲା। ତେଣୁ ଜଗନ୍ନାଥ ପ୍ରସାଦ ପୁଲିସ ବ୍ରହ୍ମପୁରସ୍ଥିତ ସୂରଜବିହାର ଷଷ୍ଠ ଲାଇନ୍‌ରେ

- ୧୧ ବର୍ଷ ପରେ ଧରା ହେଲା
- ସିମ୍ ବଦଳାଇ ପୁଲିସ୍

ଥିବା ତାଙ୍କର ବିଳାସପୂର୍ଣ୍ଣ ବଙ୍ଗଳା ଉପରେ ତୀକ୍ଷ୍ଣ ନଜର ରଖିଥିଲା। ଏହାରି ଭିତରେ ବ୍ରହ୍ମପୁର ଟାଉନ୍ ଥାନା ସହଯୋଗରେ ତାଙ୍କର ଗ୍ୟାସ୍ କନେକ୍ସନ୍, ଟିଭି ଲାଇନ, ମୋବାଇଲ ରିଚାର୍ଜ ଭଳି ଅନେକ ସୂତ୍ରରୁ ତା'ର ଗତିବିଧି ଓ ରହଣି ସ୍ଥାନ ନେଇ ଖବର ସଂଗ୍ରହ କରିଥିଲା। ଗତ ୨ ତାରିଖ ଦିନ ସେ ଘରେ ଥିବା ଜାଣିପାରି ଅତର୍କିତ ଚଢ଼ଉ କରି ଧରିବାରେ ସଫଳ ହୋଇଥିଲା। ସେଠାରୁ ଅଭିଯୁକ୍ତଙ୍କୁ ଧରି ଜଗନ୍ନାଥପ୍ରସାଦ ଥାନାକୁ ଅଣାଯାଇଥିଲା। ଏହି ଚଢ଼ଉରେ ଥାନା ଏଏସ୍‌ଆଇ ପ୍ରିୟରଞ୍ଜନ ମିଶ୍ର, ହାବିଲଦାର ଦିଲ୍ଲୀପ କୁମାର ରଣା, ମହେଶ୍ୱର ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

---

# ସରଣ୍ଡାରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ; ଯବାନ ଗୁରୁତର

**ରାଉରକେଲା, ୩।୭(ସମିସ):** ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ଗୁରୁବାର ଭୋର୍‌ରେ ସର୍ଚ୍ଚ ଅପରେସନ୍ ବେଳେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟି ଜଣେ ଯବାନ ଗୁରୁତର ହୋଇଛନ୍ତି। ସେ ହେଲେ, ଝାଡ଼ଖଣ୍ଡ ଜାଗୁଆର୍ ଟିମ୍‌ର ମନୋଜ ଦମାଇ। ତାଙ୍କୁ ଚିକିତ୍ସା ପାଇଁ ରାଞ୍ଚି ଏୟାରଲିଫ୍ଟ କରାଯାଇଛି। ଛୋଟନାଗରା ଥାନା ଅଧୀନ ବାବୁଡେରା ନିକଟ ସରଣ୍ଡା ଜଙ୍ଗଲରେ ଏହି ବିସ୍ଫୋରଣ ଘଟିଛି। ଦୁଇଦିନ ତଳେ ଝାଡ଼ଖଣ୍ଡ ଜାଗୁଆର୍ ଓ ସିଆରପିଏଫ୍ ୬୦ ବାଟାଲିୟନ ଅର୍ଦ୍ଧସାମରିକ ବାହିନୀ ମିଳିତ ସର୍ଚ୍ଚ ଅପରେସନ୍ କରି ସରଣ୍ଡା ଜଙ୍ଗଲରୁ ମାଓବାଦୀଙ୍କ ଦ୍ୱାରା ଗଚ୍ଛିତ ଥିବା ପ୍ରାୟ ୧୮ହଜାର ଡେଟୋନେଟର୍ ଜବତ କରିଥିଲେ।



ସୂଚନାଯୋଗ୍ୟ, ମାଓଅଧ୍ୟୁଷିତ ବଣାଇଁ ଉପଖଣ୍ଡକୁ ମାଓବାଦୀମୁକ୍ତ ଅଞ୍ଚଳ ଘୋଷଣା କରି ଏଠାରେ ମୁତୟନ ଅର୍ଦ୍ଧସାମରିକ ବାହିନୀ (ସିଆର୍‌ପିଏଫ୍) ପୋଷ୍ଟଗୁଡ଼ିକୁ ୨୦୧୫ ମସିହାରେ ଅପସାରଣ କରି ନିଆଯାଇଥିଲା। ଫଳରେ, ବେଶ୍ କିଛି ଦିନ ନିରବ ରହିବା ପରେ ଛୋଟନାଗପୁର ମାଓ ଡିଭିଜନ୍ ଏବେ ପୁନଃସକ୍ରିୟ ହୋଇ ବଳ ଗୋଟାଇବାରେ ଲାଗିଥିବା କୁହାଯାଉଛି। ଦୀର୍ଘ ଦିନ ଧରି ସେମାନେ ଅସ୍ତିତ୍ୱ ଜାହିର କରିଥିବା ସତ୍ତ୍ୱେ ପୁଲିସ ହେୟମନୋଭାବ ପୋଷଣ କରି ଗୁରୁତ୍ୱ ନଦେବା ଏବଂ ପୁଲିସ ଓ ସାଧାରଣଲୋକଙ୍କ ସମ୍ପର୍କରେ ଦୂରତା ସୃଷ୍ଟି ମାଓ ସଂଗଠନ ପାଇଁ ଅଦୃଶ୍ୟ ବରଦାନ ସାଜିଥିବା ଏବେ ସ୍ପଷ୍ଟ ହୋଇଛି। ଦୀର୍ଘ ଦିନ ହେବ, ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳରୁ ଅପସାରିତ ଅର୍ଦ୍ଧସାମରିକ ବାହିନୀଙ୍କୁ ପୁନଃ ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ମୁତୟନ ନକଲେ ଆଗକୁ ପରିସ୍ଥିତି ଅଣାୟତ୍ତ ହେବା ନିଶ୍ଚିତ ବୋଲି ଆଶଙ୍କା ପ୍ରକାଶ ପାଇଛି।

---

# ଭିଜିଲାନ୍ସ ଜାଲରେ ଆଉ ଜଣେ କୁବେର ଯନ୍ତ୍ରୀ

**ଟିଟିଲାଗଡ଼/ସମ୍ବଲପୁର/ଝାରସୁଗୁଡ଼ା, ୩।୭(ସମିସ):** ବାକ୍ସ ଖଟର ଗଦି ତଳେ ଥିଲା ସ୍ୱତନ୍ତ୍ର ଚାମ୍ବର। ତାଲା ପଡ଼ିଥିବା ଉକ୍ତ ଚାମ୍ବରକୁ ଖୋଲିବାରୁ ସେଥିରୁ ମିଳିଥିଲା ବିଡ଼ାବିଡ଼ା ଟଙ୍କା। ଏହାସହ ଘରେ ରହିଥିଲା ପୁଳାପୁଳା ସୁନା ଗହଣା। ଖାଲି ସେତିକି ନୁହେଁ, ବାବୁଙ୍କ ନାଁରେ ଅଛି ୪ଟି ବିଲ୍‌ଡିଂ, ୯ଟି ପ୍ଲଟ୍ ଓ ମାର୍କେଟ୍ କଂପ୍ଲେକ୍ସ। ବ୍ୟାଙ୍କ ଡିପୋଜିଟ୍ ଏବଂ ନିବେଶ ବି କମ୍ ନୁହେଁ। ଭିଜିଲାନ୍ସ ଆଜି ପୁଣି ଏକ ବଡ଼ ହାତ ମାରିଛି। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଟିଟିଲାଗଡ଼ ଆର୍ ଆଣ୍ଡ ବି ସବ୍‌ଡିଭିଜନ୍‌ର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଡିଲେଶ୍ୱର ମାଝୀଙ୍କ ଟିଟିଲାଗଡ଼ସ୍ଥିତ କାର୍ଯ୍ୟାଳୟ ସମେତ ସମ୍ବଲପୁର, ଝାରସୁଗୁଡ଼ା, ବ୍ରଜରାଜନଗର ଆଦି ୬ଟି ସ୍ଥାନରେ ଏକକାଳୀନ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଛି।

ଗୁରୁବାର ସକାଳ ୭ଟାରୁ ଡିଲେଶ୍ୱରଙ୍କ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅଧୀନ ଗାନ୍ଧୀଛକସ୍ଥିତ ପୈତୃକ ବାସଭବନ, ମାର୍କେଟ କମ୍ପ୍ଲେକ୍ସ ଏବଂ ଲହଣ୍ଡାବୁନସ୍ଥିତ ଦୁଇଟି ଘରେ ଚଢ଼ଉ ହୋଇଥିଲା। ତାଙ୍କର ପୈତୃକ ଘରେ ଏବେ କେବଳ ଜଣେ ଜଗୁଆଳି ରହୁଥିଲେ। ଜରାଜୀର୍ଣ୍ଣ ଦିଶୁଥିବା ଏହି ଘରୁ ଜମିଜମା ସମ୍ପର୍କିତ ଅନେକ ମୂଲ୍ୟବାନ କାଗଜପତ୍ର ଜବତ ହୋଇଛି। ପରେ ଗାନ୍ଧୀଛକ ନିକଟରେ ଜାତୀୟ ରାଜପଥ-୪୯ ସମ୍ମୁଖରେ ଥିବା ଦୁଇ ମହଲା ମାର୍କେଟ କମ୍ପ୍ଲେକ୍ସର ସ୍ଥାନ ପରିସୀମା ଏବଂ ମୂଲ୍ୟ ଭିଜିଲାନ୍ସ ବିଭାଗ ଆକଳନ କରିଛି। ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ପରେ ଡିଲେଶ୍ୱରଙ୍କ ଝାରସୁଗୁଡ଼ା ବଡମାଲରେ ଏବଂ ବ୍ରଜରାଜନଗରରେ ମୂଲ୍ୟବାନ ପ୍ଲଟ ଥିବା ଜଣାପଡ଼ିଛି। ୪ଜଣ ଡିଏସପିଙ୍କ ନେତୃତ୍ୱରେ ହୋଇଥିବା ଚଢ଼ଉରେ ସମ୍ବଲପୁର ଭିଜିଲାନ୍ସ ଟିମ୍‌ର



- ଖଟର ସ୍ୱତନ୍ତ୍ର ଚାମ୍ବରରୁ ମିଳିଲା ନଗଦ ୬.୫୭ ଲକ୍ଷ ଟଙ୍କା
- ୪ ବିଲ୍ଡିଂ, ମାର୍କେଟ୍ କମ୍ପ୍ଲେକ୍ସ, ୯ଟି ପ୍ଲଟ୍ ଠାବ

ତିନିଜଣ ଇନ୍ସପେକ୍ଟର, ଜଣେ ଏଏସ୍‌ଆଇଙ୍କ ସମେତ ୫ ଜଣିଆ ଟିମ୍ ଝାରସୁଗୁଡ଼ାରେ ଚଢ଼ଉ କରି କାଗଜପତ୍ର ଯାଞ୍ଚ କରିଥିଲେ।

ଡିଲେଶ୍ୱରଙ୍କ ବିଭିନ୍ନ ଠିକଣାରେ ଚଢ଼ଉରେ ପୁଳାପୁଳା ଟଙ୍କା, ସୁନା ଗହଣା, ନଗଦ ଟଙ୍କା ଜବତ ହୋଇଛି। ଏ ପର୍ଯ୍ୟନ୍ତ ଠାବ ହୋଇଥିବା ସମ୍ପତ୍ତିରେ ୪ଟି ବିଲ୍ଡିଂ, ଏକ ମାର୍କେଟ କମ୍ପ୍ଲେକ୍ସ, ୯ଟି ମୂଲ୍ୟବାନ ପ୍ଲଟ, ୩ ଶହ ଗ୍ରାମ୍ ସୁନା, ନଗଦ ୬ ଲକ୍ଷ ଟଙ୍କା, ୨୦ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ ଭିଜିଲାନ୍ସ ବିଭାଗ ଦ୍ୱାରା ଠାବ ହୋଇଛି। ସମ୍ବଲପୁରରେ ୪୫୦୦ ବର୍ଗଫୁଟର ଦୁଇ ମହଲା କୋଠା, ଝାରସୁଗୁଡ଼ା ବ୍ରଜରାଜନଗରରେ ୬୩୦୦ ବର୍ଗଫୁଟର ଦୁଇ ମହଲା ଘର ଓ ଏକ ମାର୍କେଟ କମ୍ପ୍ଲେକ୍ସ, ଲହଣ୍ଡା ବୁଡରେ ଦୁଇଟି ବିଲ୍ଡିଂ ଠାବ ହୋଇଛି। ବ୍ରଜରାଜନଗରରେ ଗୋଟିଏ, ବଡମାଲରେ ଗୋଟିଏ ଏବଂ ସମ୍ବଲପୁର ଟାଉନରେ ୬ଟି ଓ ସମ୍ବଲପୁର ଜିଲ୍ଲାରେ ଗୋଟିଏ ପ୍ଲଟ ଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

---

**ବାପାଙ୍କୁ ମୁଖାଗ୍ନି ଦେବାକୁ ଆସୁଥିଲେ**

# ଦୁର୍ଘଟଣାରେ ଚାଲିଗଲା ପୁଅ-ବୋହୂଙ୍କ ଜୀବନ

**ଗଣିଆ/ବୌଦ୍ଧ/ନୂଆପଡ଼ା, ୩।୭ (ସମିସ):** ବାପାଙ୍କ ମୃତ୍ୟୁ ଖବର ପାଇ ପତ୍ନୀଙ୍କ ସହ ଗାଁକୁ ଆସୁଥିଲେ। ହେଲେ ବାଟରେ ଏକ ଦୁର୍ଘଟଣା ସେମାନଙ୍କ ଜୀବନ ନେଇଗଲା। ବୌଦ୍ଧ ଜିଲ୍ଲା ରାମ୍ଭିକଟା ଟୋଲଗେଟ୍ ନିକଟରେ ଆଜି ଭୋର୍ ପ୍ରାୟ ୪ଟାରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ଦମ୍ପତି ହେଲେ, ନୟାଗଡ଼ ଜିଲ୍ଲା ଗଣିଆ ଅଞ୍ଚଳର ରାଜକିଶୋର ସାହୁ(୫୬) ଓ ତାଙ୍କ ପତ୍ନୀ ମୀନାରାଣୀ ସାହୁ। ସେମାନେ ଆସୁଥିବା କାର୍‌ଟି ରାସ୍ତାକଡ଼ରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ମୁହାଁମୁହିଁ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ବୌଦ୍ଧ ଆଦର୍ଶ ଥାନା ପୁଲିସ୍ ଦୁହିଁଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ଦୁର୍ଘଟଣାଗ୍ରସ୍ତ କାର୍ ଓ ଟ୍ରକ୍‌କୁ ଜବତ କରିଛି।

ସୂଚନାନୁଯାୟୀ, ରାଜକିଶୋର ଦୀର୍ଘ ବର୍ଷ ଧରି ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ କୁରୁମପୁରୀ ସରସ୍ୱତୀ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ୩ ବର୍ଷ ହେଲା ସେ ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ପାଇଥିଲେ। ନୂଆପଡ଼ା ଜିଲ୍ଲା ସଦର ମହକୁମା ନୀଳଶୈଳ ନଗରରେ ସେ ଘର କରି ସପତ୍ନୀକ ରହୁଥିଲେ। ବୁଧବାର ବିଳମ୍ବିତ ରାତିରେ ଗଣିଆ ପାଟଣାସାହିରେ ରହୁଥିବା ତାଙ୍କ ବାପା ଅବସରପ୍ରାପ୍ତ ଶିକ୍ଷକ ବଲ୍ଲଭ ସାହୁଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପାଇ ପତ୍ନୀ ମୀନାରାଣୀଙ୍କ ସହ ରାଜକିଶୋର ରାତାରାତି ଏକ କାର୍‌ରେ ଗାଁକୁ ଆସୁଥିଲେ। ତେବେ ଭୋର୍ ପ୍ରାୟ ୪ଟାରେ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ରାମ୍ଭିକଟା ଟୋଲଗେଟ୍ ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ସହ ତାଙ୍କ କାର୍‌ଟି ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାର୍‌ର ସମ୍ମୁଖ ଭାଗ ଭାଙ୍ଗିରୁଜି ଚୂରମାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଦୁହିଁଙ୍କୁ ସଙ୍ଗେସଙ୍ଗେ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ



ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା। ଗାଁରେ ଦୁହିଁଙ୍କ ଶବ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗଣିଆ ଶ୍ମଶାନରେ ମୃତ ବଲ୍ଲଭ ସାହୁଙ୍କୁ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପତି-ପତ୍ନୀଙ୍କୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା।

---

# ସଫଳତା ସାଉଣ୍ଟୁଛି 'ଆଇକନିକ୍ ଆଦର୍ଶ ବିଦ୍ୟାଳୟ'

**ଭୁବନେଶ୍ୱର, ୩।୭(ସମିସ):** ସଫଳତା ସାଉଁଟୁଛି ଅନ୍ଧାରୁଆସ୍ଥିତ ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ମାତ୍ର ୨ ବର୍ଷର ଏହି ଶିକ୍ଷାନୁଷ୍ଠାନର ପ୍ରାୟ ୨୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ଜାତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଦେଶର ପ୍ରତିଷ୍ଠିତ ବୈଷୟିକ ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ନିଟ୍ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରି ଡାକ୍ତରୀ ପଢୁଛନ୍ତି। କେବଳ ଆଇକନିକ୍ ବିଦ୍ୟାଳୟ ନୁହେଁ; ପ୍ରତି ବ୍ଲକ୍‌ରେ ପ୍ରତିଷ୍ଠିତ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଜାତୀୟ ସ୍ତରର ପରୀକ୍ଷାରେ ସଫଳତା ହାସଲ କରୁଛନ୍ତି। ଫଳରେ ଆଦର୍ଶ ବିଦ୍ୟାଳୟ ଓ ଆଇକନିକ୍ ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଛି।

ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୨୦୨୨ରେ ଆରମ୍ଭ ହେବା ପରେ ଦୁଇଟି ବ୍ୟାଚ୍‌ରେ ଛାତ୍ରଛାତ୍ରୀମାନେ ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରତିବର୍ଷ ୫ଶହ ପିଲା ଲେଖାଏଁ ମୋଟ୍ ହଜାରେ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୧୩୮ ଜଣରୁ ଅଧିକ ପିଲା ଜେଇଇ ପରୀକ୍ଷାରେ କୃତକାର୍ଯ୍ୟ ହେବା ସହ ଦେଶର ବିଭିନ୍ନ ପ୍ରତିଷ୍ଠିତ ବୈଷୟିକ ଶିକ୍ଷାନୁଷ୍ଠାନରେ ପଢୁଛନ୍ତି। ସେହିପରି ପ୍ରାୟ ୩୫ଜଣ ପିଲା ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡାକ୍ତରୀ ପଢ଼ିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କ କହିବା ଅନୁଯାୟୀ, ଆଇକନିକ୍ ଆଦର୍ଶ ବିଦ୍ୟାଳୟର ଶିକ୍ଷାଦାନ ଶୈଳୀ ଓ ଶୈକ୍ଷିକ ବାତାବରଣ ସେମାନଙ୍କୁ ସଫଳତା ପାଇବାରେ ସହଯୋଗ କରୁଛି। ସକାଳ ୭.୪୫ରୁ ଅପରାହ୍ନ ୧.୩୦ ପର୍ଯ୍ୟନ୍ତ ଶ୍ରେଣୀଗୃହରେ ପାଠପଢ଼ା ହେଉଛି। ଛାତ୍ରଛାତ୍ରୀଙ୍କ ଦ୍ୱନ୍ଦ ଦୂର କରିବାକୁ ଶିକ୍ଷକମାନେ ପ୍ରାଥମିକତା ଦେଉଛନ୍ତି। ଦୈନିକ ଘଣ୍ଟାଏ ଲେଖାଏଁ ଏଥିପାଇଁ ଧାର୍ଯ୍ୟ କରାଯାଇଥିବାବେଳେ ଆବଶ୍ୟକସ୍ଥଳେ ଅତିରିକ୍ତ ସମୟ ଦେଇ ପିଲାଙ୍କୁ ବୁଝାଇଥା'ନ୍ତି। ଯେଉଁଦିନର ପାଠ ସେହିଦିନ ସାରିବାକୁ ପ୍ରୋତ୍ସାହିତ

- ଦୁଇ ବର୍ଷରେ ୨ଶହ ପିଲା ନେଟ୍ ଓ ଜେଇଇ କୃତକାର୍ଯ୍ୟ
- ଆକୃଷ୍ଟ କରୁଛୁ ଅତ୍ୟାଧୁନିକ ଶିକ୍ଷାଦାନ, ଶୈକ୍ଷିକ ପରିବେଶ
- ନବୀନ ପଟ୍ଟନାୟକଙ୍କ ପରିକଳ୍ପନାକୁ ମିଳିଛି ଅନନ୍ୟ ସଫଳତା

କରାଯାଉଥିବାରୁ ଆଗ୍ରହ ବହୁଗୁଣିତ ହେଉଛି।

ଅନ୍ୟପକ୍ଷରେ ଅନ୍ଧାରୁଆ ଆଇକନିକ୍ ଆଦର୍ଶ ବିଦ୍ୟାଳୟରେ ରହିଛି ୨୬ଟି ଅତ୍ୟାଧୁନିକ ଶ୍ରେଣୀଗୃହ, ଆଇସିଟି ଲ୍ୟାବ୍, ୮ଟି ଅତ୍ୟାଧୁନିକ ସାଇନ୍ସ ଲ୍ୟାବ୍ ଓ ଗ୍ରନ୍ଥାଗାର, ଯାହା ଛାତ୍ରଛାତ୍ରୀଙ୍କୁ ପଢ଼ିବା ପାଇଁ ଆଗ୍ରହ ବଢ଼ାଇବା ସହ ଉତ୍ତମ ବୈଷୟିକ ଶିକ୍ଷା ଗ୍ରହଣରେ ବିଶେଷ ସହାୟକ ହୋଇଛି। ୧୩ ଏକର ଜମିରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ପାଇଁ ଦୁଇଟି ଲେଖାଏଁ ଛାତ୍ରନିବାସ ଓ ଛାତ୍ରୀନିବାସ, ଶିକ୍ଷକଙ୍କ ପାଇଁ ୨୨ଟି ବାସଗୃହ, ୮ଟି ଅତିଥି କକ୍ଷ ଓ ୩୦ ଜଣଙ୍କ ପାଇଁ ଏକ ବିଶ୍ରାମାଗାର, ସେଣ୍ଟ୍ରାଲ କିଚେନ ଓ ଡାଇନିଙ୍ଗ, ଡର୍ମିଟୋରି, ପାର୍କ ଓ ବଗିଚାର ବ୍ୟବସ୍ଥା ହୋଇଛି। ୧୨ ଏକର ଜମିରେ ଦୌଡ଼କୁଦ ଟ୍ରାକ୍, ଫୁଟବଲ୍ ପଡ଼ିଆ, ବ୍ୟାଡ୍‌ମିଣ୍ଟନ୍ ଓ ଭଲିବଲ୍ କୋର୍ଟ ଆଦି ମୁକ୍ତାକାଶ କ୍ରୀଡ଼ା ସୁବିଧା ପିଲାମାନଙ୍କ ଶାରୀରିକ ଭାବେ ସୁସ୍ଥ ରଖିବା ସହ ମନକୁ ପ୍ରଫୁଲ୍ଲ କରୁଛି। ଫଳରେ ମାତ୍ର ଦୁଇବର୍ଷର ଏହି ସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି।

ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପ୍ରଥମ ଥର ପାଇଁ ସିବିଏସ୍‌ଇ ପାଠ୍ୟକ୍ରମ ଆଧାରିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଢାଞ୍ଚାରେ ରାଜ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ପରିକଳ୍ପନା କରିଥିଲେ। ପୁଣି ସମସ୍ତ ଓଏଭିରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ନେଇ ଆଇକନିକ୍ ଓଏଭି କରିବାକୁ ଯୋଜନା କଲେ। ଉନ୍ନତମାନର ଓ ଅତ୍ୟାଧୁନିକ ଶିକ୍ଷାଦାନ ବ୍ୟବସ୍ଥା କରି ଓଡ଼ିଆ ପିଲାଙ୍କୁ ଦେଶରେ ପ୍ରତିଷ୍ଠିତ କରିବାକୁ ରୋଡ୍ ମ୍ୟାପ୍ କଲେ। ଯାହାର ସୁଫଳ ମାତ୍ର ଦୁଇବର୍ଷରୁ ରାଜ୍ୟର ଛାତ୍ରଛାତ୍ରୀମାନେ ପାଇପାରୁଛନ୍ତି। ଶିକ୍ଷାକ୍ଷେତ୍ରରେ ରାଜ୍ୟ ପାଇଁ ଏହା ଏକ ମାଇଲ୍‌ଷ୍ଟୋନ୍ ବୋଲି ଅଭିଭାବକ ଓ ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି।

# ଲଗାଣ ବର୍ଷାରେ ଥୁଆମୂଳ ରାମପୁର ଅଞ୍ଚଳରେ ସ୍ଥିତି ଅସମ୍ଭାଳ





**ଥୁଆମୂଳ ରାମପୁର, ୩।୭ (ସମିସ)**

ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ବିଭିନ୍ନ ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ମଧ୍ୟ ବେଶ୍ ପ୍ରଭାବିତ ହୋଇଛି। ଜୁନ୍ ୨୩ ତାରିଖରୁ ଆଜି ପର୍ଯ୍ୟନ୍ତ ବର୍ଷା ଜାରି ରହିଛି। ଏହି ୧୦ ଦିନରେ ୫୬୭ ମି.ମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଜୁନ୍ ଶେଷ ସପ୍ତାହ ମଧ୍ୟରେ ୫୦୭ ମି.ମି ଏବଂ ଜୁଲାଇ ପହିଲାରୁ ଏହି ତିନି ଦିନରେ ୧୭୯ ମି.ମିର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହି ଲଗାଣ ବର୍ଷା ଯୋଗୁଁ ଥୁଆମୂଳ ରାମପୁର ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଛି। ବିଭିନ୍ନ ସ୍ଥାନରେ ଘରଦ୍ୱାର ଭାଙ୍ଗିଥିବା ଦେଖିବାକୁ ମିଳିଛି। ଗଛଗୁଡ଼ିକ ମଧ୍ୟ ଭାଙ୍ଗି ପଡ଼ିଛି। ରାସ୍ତାଘାଟର ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି। ଲଗାତର ବର୍ଷା ପ୍ରଭାବରେ ସ୍କୁଲ, ଅଙ୍ଗନବାଡି ଏବଂ ବିଭିନ୍ନ କାର୍ଯ୍ୟାଳୟ ଗୁଡ଼ିକର ଛାତରୁ ପାଣି ଗଳୁଛି। ଏହାଫଳରେ ଘର ଭିତର ପାଣି ସରସର ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଥୁଆମୂଳ ରାମପୁର ବ୍ଲକ ସଦର ମହକୁମାରେ ମଧ୍ୟ ସ୍ଥିତି ଦୟନୀୟ। ଗୁଣପୁରଠାରୁ ଡୁମେରପଦରକୁ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଥିବା ବେଳେ ନିର୍ମାଣାଧୀନ ରାସ୍ତାର ଅବସ୍ଥା ସଂଘାତିକ। ନିମ୍ନମାନର ତଥା ଅବ୍ୟବସ୍ଥିତ ନିର୍ମାଣ ଶୈଳୀ ଯୋଗୁଁ ବିଭିନ୍ନ ସ୍ଥାନରେ ରାସ୍ତା ଧସିବାକୁ ବସିଲାଣି। ବର୍ଷା ଜଳ ନିଷ୍କାସନ ପାଇଁ ହୋଇଥିବା ଡ୍ରେନେଜ ବ୍ୟବସ୍ଥା ବ୍ୟାପକ ତ୍ରୁଟି ରହିଥିବା ଯୋଗୁଁ ସହରର ବର୍ଷା ଜଳ ରାସ୍ତା ଉପରେ ବହୁଥିବା ବେଳେ ଯାତାୟତ ମଧ୍ୟ ପ୍ରଭାବିତ ହେଉଛି। ସେହିପରି ଥୁଆମୂଳ ରାମପୁର-କଳମପୁର ସିଙ୍ଗାରୀ ଘାଟି ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥା ଦେଇ ଗତି କରୁଥିବା ବେଳେ ଚଳିତ ବର୍ଷାରେ ବିଭିନ୍ନ ସ୍ଥାନରେ ମାଟି ଅତଡା ଏବଂ ପଥର ଖସି ରାସ୍ତା ଅବରୋଧ କରୁଥିବା ଭଳି ସ୍ଥିତି ପାଇଁ ଏହି ଘାଟି ରାସ୍ତା ମରଣଯନ୍ତା ପାଲଟି ସାରିଲାଣି। ଡୁମେରପଦର ତଳଘାଟି ରାସ୍ତାର ଅବସ୍ଥା ମଧ୍ୟ ଶୋଚନୀୟ। ଏହି ରାସ୍ତାର ବିଷମଗିରି ନିକଟ ଏକ ପୋଲ ଏବଂ ରାସ୍ତା ଯାତାୟତ କରିବା ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଥିବା ଅଭିଯୋଗ ସାମ୍ନାକୁ ଆସିଛି। କେରପାଇ ଅଞ୍ଚଳର ସର୍ଗିପଦରଠାରୁ ବେରେକାପାଇ ରାସ୍ତା ମାଟି କାଦୁଅରେ ସରସର ହେଉଥିବା ଯୋଗୁଁ ଏହି ଅଞ୍ଚଳକୁ ଆମ୍ବୁଲାନ୍ସ ପଶିବା ସମ୍ଭବ ହେଉନି। ସେହିପରି ବର୍ଷା ଯୋଗୁଁ ମହୁଲପାଟଣା-ଖମାରପଦର ରାସ୍ତାର ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି। ବ୍ଲକର ଏଭଳି ଅନେକ ରାସ୍ତା ଅଛି ଯେଉଁଠି ସବୁଦିନିଆ ରାସ୍ତା ନ ଥିବାରୁ ବର୍ଷା ଦିନେ ନାନା ସମସ୍ୟା ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି।

# ଘୋଟସର ଗାଁ ମଝିରେ ଆଣ୍ଠୁଏ କାଦୁଅ



**କୋମନା, ୩।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ କୁରେଶ୍ୱର ପଞ୍ଚାୟତ ଘୋଟସର ଗ୍ରାମର ଯଜ୍ଞ ମଣ୍ଡପ ନିକଟରୁ ୩ ଶହ ମିଟର ପର୍ଯ୍ୟନ୍ତ କାଦୁଅ ଚପ ଚପ ଯୋଗୁଁ ସମ୍ପୂର୍ଣ୍ଣ ଭାବେ ମରଣଯନ୍ତା ପାଲଟିଛି। ଯାତାୟାତ ପଡ଼ାବାସୀ ଚିନ୍ତାରେ ପଡ଼ିଛନ୍ତି। ସାମାନ୍ୟ ବର୍ଷା ହେଲେ ପଡ଼ାରେ କାଦୁଅ ଯୋଗୁଁ ପଡ଼ାବାସୀ ପାଦ ପକାଇ ପାରୁ ନାହାନ୍ତି। ବିଭିନ୍ନ ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀ ଉକ୍ତ କାଦୁଅ ଦେଇଁ ଯିବାକୁ ବାଧ ହେଉଛନ୍ତି। ଅନେକ ସମୟରେ କାଦୁଅରେ ପଡ଼ି ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ବହୁବାର ପଞ୍ଚାୟତରୁ ବ୍ଲକ ଅଫିସ ପର୍ଯ୍ୟନ୍ତ ଗ୍ରାମବାସୀ ଅଭିଯୋଗ ଦେଲେ ସୁଦ୍ଧା କୌଣସି ଅଧିକାରୀ କର୍ଣ୍ଣପାତ କରୁ ନାହାନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ରାସ୍ତାର କଂକ୍ରିଟ କରଣ କରି ଲୋକଙ୍କ ଯିବା ଆସିବାର ସୁ ବ୍ୟବସ୍ଥା କରିବେ ବୋଲି ଗ୍ରାମବାସୀ ଆଶା ପ୍ରକଟ କରିଛନ୍ତି।

## ଜିଲ୍ଲାପାଳଙ୍କ ଅଚାନକ ବିଦ୍ୟାଳୟ ପରିଦର୍ଶନ

# ମଧ୍ୟାହ୍ନ ଭୋଜନ ଖାଇ ମାନ ପରଖିଲେ

**ନୂଆପଡ଼ା, ୩।୭ (ସମିସ):** ଗ୍ରୀଷ୍ମାବକାଶ ପରେ ବିଦ୍ୟାଳୟ ସବୁ ଖୋଲିଛି। ନୂଆପଡ଼ା ଭଳି ଉପାନ୍ତ ଜିଲ୍ଲାରେ ଶିକ୍ଷାରମାନ ବୃଦ୍ଧି ସକାଶେ ଜିଲ୍ଲାପାଳ ମଧୁସୂଦନ ଦାଶ ଅଣ୍ଟା ଭିଡିଛନ୍ତି।



ପ୍ରତିଦିନ ଅଚାନକ ବାହାରି ବିଦ୍ୟାଳୟ ଗସ୍ତ କରି ସ୍ଥିତି ପରଖୁଛନ୍ତି। ପିଲାଙ୍କ ସହ ମିଶି ମଧ୍ୟାହ୍ନ ଭୋଜନ ଚାଖି କରି ପାଠ ପଢ଼ାଉଛନ୍ତି। ଭୁଲ ଥିଲେ ସଂଶୋଧନ କରିବା ସହ ବିଦ୍ୟାଳୟର ସବୁ ସ୍ଥିତି ଠିକ ଥିଲେ ସାଧୁବାଦ ଜଣାଉଛନ୍ତି। ଏହିକ୍ରମରେ ଗୁରୁବାର ଦିନ ଜିଲ୍ଲାପାଳ କୋମନା ବ୍ଲକ ଭେଲା ପଞ୍ଚାୟତ ଛତ୍ରିଆ ପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅଚାନକ ଯାଇ ପହଞ୍ଚିଥିଲେ। ପ୍ରଥମେ କ୍ୟାମ୍ପସ ନିକଟରେ ଥିବା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ପିଲାଙ୍କ ସହ ମିଶିଥିଲେ। ସେଠାରେ ଅଙ୍ଗନବାଡି କର୍ମୀଙ୍କ ସହ ଏକ ଚାରା ଲଗାଇ ମାଁ ପାଇଁ ଗଛଟିଏର ବାର୍ତ୍ତା ଦେଇଥିଲେ। ପରେ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ କରିଥିଲେ। ସେତେବେଳେ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ବଣ୍ଟନ ପକ୍ରିୟା ଚାଲିଥାଏ। ଭାତ ଡାଲିକୁ ଚାଖି ଖାଦ୍ୟର ମାନ ପରୀକ୍ଷା କରିଥିଲେ। ବିଦ୍ୟାଳୟର ପରିସରରେ ସଫା ସୁତୁରା ସହ ସବୁଜ ବନାନୀ ଦେଖି ଖୁସି ପ୍ରକଟ କରିଥିଲେ। ଛାତ୍ରଛାତ୍ରୀଙ୍କୁ ପାଠ ବିଷୟରେ ପଚାରି ବୁଝିବା ସହ ଇଣ୍ଟର୍ନେଟ୍(ଗୁଗଲ)ରେ ଜିଲ୍ଲାପାଳଙ୍କୁ ଖୋଜିବାକୁ କହିଥିଲେ। ଏଭଳି ଏକ ଉପାନ୍ତ ଅଞ୍ଚଳରେ ପିଲାଙ୍କ ପାଠ ପଢ଼ା ପ୍ରତି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆଗ୍ରହକୁ ଦେଖି ସାଧୁବାଦ ଜଣାଇଥିଲେ। ଏହି ପିଲାମାନେ ଆମ ଜିଲ୍ଲାର ତଥା ଦେଶର ଭବିଷ୍ୟତ। ଏମାନଙ୍କ ଜୀବନ ଗଢିବା ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ ବୋଲି କହିଥିଲେ। ସୂଚନାଯୋଗ୍ୟ ଏହି ବିଦ୍ୟାଳୟରେ ମୋଟ ଛାତ୍ରଛାତ୍ରୀ ସଂଖ୍ୟା ୭୫। ଏଥିମଧ୍ୟରୁ ୭୦ଜଣ ଉପସ୍ଥିତ ଥିବାବେଳେ ବାକି ୫ଜଣ ଅନୁପସ୍ଥିତ ଥିଲେ। ପରିଦର୍ଶନ ସମୟରେ ପ୍ରଧାନଶିକ୍ଷକ ଲୋକନାଥ ଶବର, ସିଆରସିସି ଟୁକୁରାମ ରାଉତ ମଧ୍ୟ ଉପସ୍ଥିତ ଥିଲେ।

# ଓଲଟିଲା ଚାଉଳ ବୋଝେଇ ଟ୍ରକ୍

**କୋମନା, ୩।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ଲତାବାଞ୍ଜି ନିକଟସ୍ଥ ୩୫୩ ନମ୍ବର ଜାତୀୟ ରାଜପଥ କଡରେ ଏକ ଚାଉଳ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି। ଟ୍ରକ୍ (ସିଜି- ୦୪ ପି ଇ- ୯୩୧୮)ଟି ରାୟପୁରରୁ ୭୦୦ ବ୍ୟାଗ୍ ଚାଉଳ ନେଇ ବିଶାଖାପାଟଣା ଅଭିମୁଖେ ଯାଉଥିଲା। ଲତାବାଞ୍ଜି ନିକଟରେ ଖଡ଼ିଆଳ ପଟରୁ ଏକ ଟ୍ରକ୍ ଆସୁଥିଲା। ଏତିକିବେଳେ ଟ୍ରକ୍‌ଟିର ପଛପଟୁ



ଏକ କାର ଦ୍ରୁତ ଗତିରେ ଓଭରଟେକ କରିବାରୁ ଚାଉଳ ବୋଝେଇ ଟ୍ରକ୍‌ଟି ବାଧ ହୋଇ ରାସ୍ତା କଡ଼କୁ ଚାଲିଯିବାରୁ ଓଲଟି ପଡ଼ିଥିଲା। ଖବର ପାଇ ଟ୍ରକ୍ ଚାଳକଙ୍କୁ ସ୍ଥାନୀୟ ଲୋକେ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

## ପୁରୀଠୁ ଭୁବନେଶ୍ୱର ସବୁଠି ଲଜ୍ଜିତ ଓ ନିନ୍ଦିତ ମୋହନ ସରକାର

# ରଥଯାତ୍ରା ଅବ୍ୟବସ୍ଥା, ରାଜ୍ୟରେ ଗୁଣ୍ଡାରାଜ ଓ ରବି ଧାନ ସଂଗ୍ରହରେ ବ୍ୟତିକ୍ରମକୁ ନେଇ ବିଜେଡିର ଉଦ୍‌ବେଗ

**ଭବାନୀପାଟଣା, ୩।୭ (ସମିସ):** ରାଜ୍ୟରେ ଅସାମାଜିକତତ୍ତ୍ୱଙ୍କ ଦୌରାତ୍ମ୍ୟ ଏତେ ପରିମାଣରେ ବୃଦ୍ଧି ପାଇଛି ଯେ ସାଧାରଣ ମଣିଷ ନିଜ ଜୀବନ ସୁରକ୍ଷା ଚିନ୍ତା କରିବାକୁ ବାଧ୍ୟ ହେଉଛି। ସରକାର, ପ୍ରଶାସନ ଏବଂ ପୁଲିସ ପ୍ରତି ଯେମିତି ଭୟ ତୁଟି ଯାଇଛି। ସ୍ପଷ୍ଟ ଦିବାଲୋକରେ ବିଏମସି ଅତିରିକ୍ତ କମିସନରଙ୍କୁ ଘୋଷାଡି ଘୋଷାଡି ମାଡ଼ ମରାଯିବା ତାହାର ଜ୍ୱଳନ୍ତ ଉଦାହରଣ। ରାଜ୍ୟ ଓଏଏସ ସଂଘ ପକ୍ଷରୁ ମାଡ ଘଟଣାରେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ଦାବି ପ୍ରସଙ୍ଗରେ ସରକାର କାହିଁକି ନିରବି ଯାଇଛନ୍ତି ତାହା ମଧ୍ୟ ବଡ ପ୍ରଶ୍ନ ହୋଇ ଠିଆ ହୋଇଛି। ସେହିପରି ପୁରୀରେ ରଥଯାତ୍ରା ଅବ୍ୟବସ୍ଥା ଓ ଦଳାଚକଟା ଘଟଣା ସାରା ଦେଶରେ ରାଜ୍ୟକୁ ଲଜ୍ଜିତ ଓ ନିନ୍ଦିତ କରିଛି ବୋଲି କଳାହାଣ୍ଡି ବିଜେଡି ପକ୍ଷରୁ କୁହାଯାଇଛି। ଏହା ସହିତ ପୁରୀ ରଥଯାତ୍ରାରେ ଘଟିଥିବା ମହାବିଭ୍ରାଟ ଓ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପାଇଁ ଆଇନମନ୍ତ୍ରୀଙ୍କୁ ଦାୟୀ କରି ତାଙ୍କ ଇସ୍ତଫା ଦାବି କରିଛି ବିଜେଡି।

ପୁରୀରେ ବିଶ୍ୱନିଅନ୍ତା ମହାପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ ଭୁବନେଶ୍ୱରରେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ କେନ୍ଦ୍ରକରି ଯାହା ଘଟି ଚାଲିଛି ସେତିକିରେ ଅହଙ୍କାରୀ ସରକାର ବୁଦ୍ଧି ଶିଖିବା ଜରୁରୀ। ଚଳିତ ବର୍ଷ ପୁରୀରେ ସାଧାରଣ ଭକ୍ତଙ୍କ ସୁରକ୍ଷାକୁ ଧ୍ୟାନ ନ ଦେଇ ଏ ସରକାର ୬୦୦୦ ଦଳୀୟ ନେତାଙ୍କୁ ଭିଆଇପି ପାସ୍ ବଣ୍ଟନ କରି ଭିଆଇପି ସେବାରେ ନିଜକୁ ନିୟୋଜିତ କରିଥିବାରୁ ଦୁର୍ଭାଗ୍ୟଜନକ ଘଟଣା ଘଟି ଦଳା ଚକଟାରେ ୩ ଜୀବନ ଚାଲିଗଲା। ସେହିପରି ବିଏମସି ଅଫିସ ଭିତରେ ବିଜେପି କର୍ମୀ ପଶି ଜଣେ କର୍ତ୍ତବ୍ୟରତ ଅତିରିକ୍ତ କମିଶନର ତଥା ଓଏଏସ୍ ଅଫିସରଙ୍କୁ କଲର ଧରି ମାଡ଼ ମାରିବା ସହ ତାଙ୍କୁ ଘୋଷାଡି ଘୋଷାଡି ଗାଡ଼ି ପାଖକୁ ନେବା ମୋହନ ସରକାରଙ୍କ ଶାସନରେ ଚାଲିଥିବା ଜଙ୍ଗଲ ରାଜକୁ ସୂଚାଉଛି ବୋଲି ବରିଷ୍ଠ ବିଜେଡି ନେତା ସାରଦା ପ୍ରସନ୍ନ ସ୍ୱାଇଁ କହିଛନ୍ତି। ରାଜ୍ୟ ସରକାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜଗନ୍ନାଥ ପ୍ରଧାନଙ୍କୁ ଘଣ୍ଟ ଘୋଡାଉଛନ୍ତି। ରାଜ୍ୟ ସରକାର ଏହି ଘଟଣାରେ ଆଉ ଅଧିକ ଖିଅ ବାହାର କରି ଟାଳଟୁଳ ନୀତିରୁ ଦୁରେଇ ରୁହନ୍ତୁ ଏବଂ ତୁରନ୍ତ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରନ୍ତୁ ବୋଲି କଳାହାଣ୍ଡି ବିଜେଡି ତରଫରୁ ଦୃଢ଼ ଦାବି କରାଯାଇଛି। ସେହିଭଳି ରାଜ୍ୟର ଭାତହାଣ୍ଡିର ମାନ୍ୟତା ପାଉଥିବା କଳାହାଣ୍ଡି ଜିଲ୍ଲାରେ ଚଳିତ ରବିଋତୁରେ ଧାନ ସଂଗ୍ରହ ଓ ମଣ୍ଡି ଅବ୍ୟବସ୍ଥାକୁ ନେଇ ଜିଲ୍ଲା ବିଜେଡି ଉଦ୍‌ବେଗ ପ୍ରକାଶ କରିଛି। ଜିଲ୍ଲାରେ ପ୍ରାୟ ୩୨ ଲକ୍ଷ ୭୦ ହଜାର କ୍ୱିଣ୍ଟାଲ ଧାନ କିଣା ଯାଇଥିବା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। କିନ୍ତୁ ଏବେ ବି କଳାହାଣ୍ଡିର ବିଭିନ୍ନ ମଣ୍ଡିରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ପଡ଼ିରହିଛି। ବର୍ଷା ପାଇଁ ଧାନରେ ଗଜା ହେଲାଣି ତ ଆଉ କେଉଁଠି ଚାଷୀ ସରକାର କେବେ ଧାନ ନେବେ ବୋଲି ଚାହିଁ ରହିଛି। ମୁଖିଗୁଡା ନିୟନ୍ତ୍ରିତ ବଜାର କମିଟି ବିଜମରା ମଣ୍ଡିରେ ଚାଷୀଙ୍କ ଧାନ ଉଠି ପାରୁ ନ ଥିବା ଯୋଗୁଁ ଆନ୍ଦୋଳନ କରୁଛନ୍ତି। ଗୌଡଛେଣ୍ଡିଆ ମଣ୍ଡିରୁ ୨ଜଣ ଚାଷୀଙ୍କ ଧାନ କେସିଙ୍ଗା ରାଇସମିଲରୁ ଫେରି ଆସିଛି। ଅନେକ ମଣ୍ଡିରେ ଖୋଲା ଆକାଶ ତଳେ ଧାନ ପଡ଼ିରହିଛି। ଧାନ ଚାଷୀଙ୍କୁ ପ୍ରଦାନ କରାଯାଇଥିବା ଟୋକନର ଅବଧି ଗତ ୩୦ ଜୁନରେ ଶେଷ ହୋଇଛି; ହେଲେ ଧାନ କିଣା କାର୍ଯ୍ୟ କିନ୍ତୁ ଶେଷ ହୋଇନାହିଁ। ଏଣୁ ଟୋକନ ଅବଧିକୁ ଏକ ମାସ ବୃଦ୍ଧି ସହ ଟାର୍ଗେଟ ବୃଦ୍ଧିକରି ଚାଷୀଙ୍କ ବଳକା ରବି ଧାନକୁ ସରକାର କିଣନ୍ତୁ ବୋଲି ବିଜେଡି ଦାବି କରିଛି। ପ୍ରାକ୍ ମୌସୁମୀ ଆଗମନର ସୂଚନା ରହିଥିଲେ ମଧ୍ୟ ଏହାର ମୁକାବିଲା ପାଇଁ ସରକାରଙ୍କ ତରଫରୁ କୌଣସି ପୂର୍ବପ୍ରସ୍ତୁତି ହୋଇ ନ ଥିଲା। ଯେଉଁମାନଙ୍କର ଧାନ କିଣା ବାକି ଅଛି ସେମାନଙ୍କ ଧାନ ବର୍ଷା ପାଇଁ ଓଦା ହେଉଥିବା ସହ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାନରେ ଆଦ୍ରତାକୁ ଆଳ କରି ମନଇଚ୍ଛା କଟନୀ ଛଟନୀ ଚାଲିଛି। ଚାଷୀଙ୍କ ଟୋକନ ଅବଧି ବୃଦ୍ଧି ସହିତ ଧାନ କିଣିବା ପାଇଁ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଏବଂ ବର୍ଷା ଯୋଗୁଁ ଚାଷୀଙ୍କ ହୋଇଥିବା କ୍ଷୟକ୍ଷତିର ଆକଳନ ଶିଘ୍ର ନ କଲେ ଆଗକୁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ବରିଷ୍ଠ ବିଜେଡି ନେତା ଜିତେନ୍ଦ୍ର ମହାନ୍ତି, ଜିଲ୍ଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ନଗରପାଳ ବିଷ୍ଣୁ ପ୍ରଧାନ, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ପୂର୍ବତନ ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ଜିଲ୍ଲା ଏସସି ସେଲ ସଭାପତି ପ୍ରଶାନ୍ତ ନାଏକ, ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ଦିନେଶ ବଗର୍ତ୍ତି, ପୂର୍ବତନ ଉପନଗରପାଳ ସବିତା ପ୍ରଧାନ, କ୍ଷୀରସିନ୍ଧୁ ନାଏକ, ଚକ୍ରଧର ସେଠୀ ପ୍ରମୁଖ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି।

# ଖୁଣ୍ଟିଆ ସମିତିସଭ୍ୟଙ୍କ ଆତ୍ମହତ୍ୟା ମାମଲାରେ ଜଣେ ଗିରଫ

**କୋକସରା, ୩।୭ (ସମିସ):** ବହୁ ଚର୍ଚ୍ଚିତ ଖୁଣ୍ଟିଆ ସମିତି ସଭ୍ୟ ଦେବେନ୍ଦ୍ର ଧରୁଆ ଆତ୍ମହତ୍ୟା ମାମଲାରେ କୋକସରା ଥାନା ପୁଲିସ ଖୁଣ୍ଟିଆ ପଞ୍ଚାୟତ ବନ୍ଦପଡ଼ାର ଚିତ୍ତ ଗହିରଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗତ ୨୪ ତାରିଖ ପିପଲପଡ଼ାସ୍ଥିତ ନିଜ ବାସଭବନରେ ସେ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଦେବେନ୍ଦ୍ରଙ୍କ ଆତ୍ମହତ୍ୟା ପଛରେ ଚିତ୍ତଙ୍କ ସମ୍ପୃକ୍ତି ଥିବା ନେଇ ମୃତ ସମିତି ସଭ୍ୟଙ୍କ ବଡ଼ ଭାଇ କୋକସରା ଥାନାରେ ଅଭିଯୋଗ କରିଥିଲେ। ଆତ୍ମହତ୍ୟା ପୂର୍ବରୁ ସମିତି ସଭ୍ୟ ମଧ୍ୟ ନିଜ ଜୀବନ ପ୍ରତି ବିପଦ ଥିବା ନେଇ ଚିତ୍ତଙ୍କ ନାଁରେ ଗତ ୧୬ ତାରିଖରେ ଥାନାରେ ଅଭିଯୋଗ କରିଥିଲେ; ହେଲେ ଯୁବକଙ୍କ ବିରୋଧରେ କୋକସରା ଥାନା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଏହା ଫଳରେ ମାନସିକ ଚାପରେ ଆସି ଦେବେନ୍ଦ୍ର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଆଦିବାସୀ ସଂଘ ହସ୍ତକ୍ଷେପ କରିଥିଲା। କୋକସରା ପୁଲିସର ଅବହେଳା ଦର୍ଶାଇ କଳାହାଣ୍ଡି ଏସପିଙ୍କ ନିକଟରେ ଅଭିଯୋଗ କରିଥିଲା। ଏହାପରେ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ମାମଲାର ତଦନ୍ତ ସହ ଛାନଭିନ ଆରମ୍ଭ କରାଯାଇଥିଲା। ଏହି ଘଟଣାର ତନାଘନା ଆରମ୍ଭ ପରେ ଫେରାର ଚିତ୍ତଙ୍କୁ ଓଡ଼ିଶା-ଛତିଶଗଡ଼ ସୀମା ଅଞ୍ଚଳରୁ ଗିରଫ କରାଯାଇଥିଲା।

## ୧୬ ଦିନରେ କେସିଙ୍ଗା ସଚେତନ ନାଗରିକ ମଞ୍ଚର ଆନ୍ଦୋଳନ

# ସମର୍ଥନ ଦେଇ ଅନଶନରେ ବସିଲା ଓକିଲ ସଂଘ




**କେସିଙ୍ଗା, ୩।୭ (ସମିସ):** କେସିଙ୍ଗା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଅଞ୍ଚଳର ବିକାଶ ପାଇଁ ୧୦ ଦଫା ଦାବି ନେଇ ଗତ ୧୮ ତାରିଖରୁ ଅନଶନ ଆରମ୍ଭ ହୋଇଛି। ଇତିମଧ୍ୟରେ ୧୬ ଦିନରେ ଏହି ଆନ୍ଦୋଳନ ପହଞ୍ଚିଛି; ହେଲେ ସରକାର କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପର୍ଯ୍ୟନ୍ତ କୌଣସି ପ୍ରତିଶ୍ରୁତି ମିଳିପାରି ନାହିଁ। ସରକାରଙ୍କ ବୈମାତୃକ ମନୋଭାବ କେସିଙ୍ଗା ପ୍ରତି ଜଳ ଜଳ ଦେଖାଯାଉ ଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଆନ୍ଦୋଳନକୁ ଦିନକୁ ଦିନ ବିଭିନ୍ନ ସଂଗଠନର ସମର୍ଥନ ମିଳୁଛି। ଗୁରୁବାର କେସିଙ୍ଗା ଓକିଲ ସଂଘ ସମର୍ଥନ ଦେଇଛି। ସଭାପତି ଚିତ୍ତରଞ୍ଜନ ଭୋଇ ଓ ସମ୍ପାଦକ ଯୁଗଳ କିଶୋର ଦୀପଙ୍କ ନେତୃତ୍ୱରେ ଆଇନଜୀବୀ ସନ୍ତୋଷ ଦାସ, ସୁନ୍ଦର ବାବୁ ପାତ୍ର, ଶମ୍ଭୁ ପ୍ରସାଦ ପଣ୍ଡା, ଦେବେନ୍ଦ୍ର ଭୁଜବଳ, କାମପାଳ ସାହା, ହରି ତାଣ୍ଡି, ସଞ୍ଜୀବ ସ୍ୱାଇଁ ପ୍ରମୁଖ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଥିଲେ। ସମସ୍ତେ ଆନ୍ଦୋଳନକୁ ସମର୍ଥନ କରି ଅନଶନରେ ବସିଥିଲେ।

**ମିଳୁନି ପ୍ରତିଶ୍ରୁତି; ପ୍ରତ୍ୟାହୃତ ହେଉନି ଆନ୍ଦୋଳନ**

## ବରିଷ୍ଠ ବିଜେଡି ନେତା

# ଗୌରଚନ୍ଦ୍ର ଛତ୍ରିୟାଙ୍କ ପରଲୋକ

**ଧର୍ମଗଡ଼, ୩।୭ (ସମିସ):** ବରିଷ୍ଠ ବିଜେଡି ନେତା ଗୌରଚନ୍ଦ୍ର ଛତ୍ରିୟାଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୨ ବର୍ଷ ହୋଇଥଲା। ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ



ତାଙ୍କୁ ଧର୍ମଗଡ଼ ସରକାରୀ ଚିକିତ୍ସାଳୟକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାଙ୍କେରୀ ଗ୍ରାମରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତୁରା ଅଜୟ ଛତ୍ରିୟା ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଧର୍ମଗଡ଼ର ପୂର୍ବତନ ବିଧାୟକ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲା ସମ୍ପାଦକ ଭବାନୀ ମିଶ୍ର, ଜିଲ୍ଲା ଉପ ସଭାପତି ଥବୀର ପ୍ରସାଦ ସାହୁ, ଆଇନଜୀବୀ କଲ୍ୟାଣୀ ନାଏକ, ରାଜେନ୍ଦ୍ର ମୁନି, ଅଜିତ ସାହୁ, ଧର୍ମଗଡ଼ ଏନଏସିର ଅଧ୍ୟକ୍ଷ ଅଶୋକ ମହାନ୍ତି, ପୂର୍ବତନ ଅଧ୍ୟକ୍ଷା ହୀରା ବାଗ, ଆରଏମ୍‌ସି ଉପାଧ୍ୟକ୍ଷ ବିବେକ ମିଶ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ସପ୍ତାହ

# ସବୁଠି ଚାରାରୋପଣ ଜୋରଦାର

**କୋକସରା, ୩।୭ (ସମିସ)**

କୋକସରା ବ୍ଲକ ଆମପାଣିସ୍ଥିତ ବୁଢ଼ାରଜା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ୭୯ତମ ବନ ମହୋତ୍ସବ ପାଳିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସୁରଜ ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆମ ଜଙ୍ଗଲ କମିଟିର ଦୁର୍ଗା ପ୍ରସାଦ ମିଶ୍ର ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ ଓ ସ୍କୁଲ କର୍ମଚାରୀଙ୍କୁ ବୃକ୍ଷର ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହି କ୍ରମରେ ସ୍କୁଲ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। ଜିତେନ୍ଦ୍ର ପଣ୍ଡା, ଆମପାଣି ଫରେଷ୍ଟର ରାଜେନ୍ଦ୍ର ନାଏକ, ନାରାୟଣ ବାଗ, ନମିତା ରାଣୀ ନାଗ, ମନୋରଞ୍ଜନ ମହାପାତ୍ର, ଭାରତ ସେଠି, ତ୍ରିବୀକ୍ରମ ନାଏକ ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ। ଶିକ୍ଷକ ଲୋକନାଥ ରାଉତ, ଦୟାସଙ୍ଗ ନାଏକ, ଲୋକନାଥ ସାହୁ, ବିଶମ୍ବର ଧଙ୍ଗଡ଼ା ମାଝୀ, ଚୁଡ଼ାମଣି ମହାନନ୍ଦ, ବିନିତ ମିଶ୍ର, ପ୍ରଶାନ୍ତ ପଣ୍ଡା, ମନ୍ଦାକିନୀ ନାଏକ, ହିମାଂଶୁ ମହାନନ୍ଦ, ତପନ ମେହେର ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଭାଗ୍ୟବାନ ବାଗ ପଥପ୍ରାନ୍ତ ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।




**କେସିଙ୍ଗା:** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ କେସିଙ୍ଗା ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ କରାଯାଉଛି। ହାତୀଖୋଜ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କଳାହାଣ୍ଡି ଉତ୍ତର ବନଖଣ୍ଡର କେସିଙ୍ଗା ବନାଞ୍ଚଳ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଛି। କେସିଙ୍ଗା ବନ ବିଭାଗ ପକ୍ଷରୁ କଣ୍ଟପଡ଼ା ଫରେଷ୍ଟର ବିଶିକେଶନ୍ କରୁଆଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଫରେଷ୍ଟ ଗାର୍ଡ ରାଜଲକ୍ଷ୍ମୀ ପଧାନ, ଫରେଷ୍ଟ ଗାର୍ଡ ସୁଜାତା ବାଗ, ଫରେଷ୍ଟ ଗାର୍ଡ ରୁକ୍ମଣୀ ମାଝି, ପିଏନଜିଓ କର୍ମୀ ଇନ୍ଦ୍ରମଣି ମାଝି, ହାତୀଖୋଜ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧବଳେଶ୍ୱର ସାହୁ, ସମିତି ସଭ୍ୟା ମୀନା ନନ୍ଦ, ବିଦ୍ୟାଳୟ ସଭାପତି ସୌଭାଗ୍ୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବେଲଖଣ୍ଡି ପଞ୍ଚାୟତର ଜିଡି ଉଚ୍ଚ ବିଦ୍ୟାଳୟରେ ବନାଞ୍ଚଳ ଅଧିକାରିଣୀ ସ୍ନିଗ୍ଧାସରିତା ବଳିଆରସିଂଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କସୃପଡ଼ା ସେକ୍ସନ ବାନପାଳ ବିଶିକେସନ କରୁଆଁଙ୍କ ନେତୃତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମାଁ ପାଇଁ ଗଛଟିଏ ଓ ଶିଶୁ ପାଇଁ ଗଛଟିଏ ଲଗାଇବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଯାଇ ସ୍କୁଲ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। କଣ୍ଟପଡ଼ା ସେକ୍ସନ ବନରକ୍ଷୀ ରାଜଲକ୍ଷ୍ମୀ ପଧାନ, ସୁଜାତା ବାଗ, ରୁକ୍ମଣୀ ମାଝୀ, ସ୍କୁଲର ସହକାରୀ ଶିକ୍ଷକ ପୁଷ୍ପଧ୍ୱଜ ବାଗ, ଧନଞ୍ଜୟ ରଣା, ସୁଜନ ଛତ୍ରିଆ, ମନବୋଧ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତୁଣ୍ଡଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ ହୋଇଥିଲା।

**ଧର୍ମଗଡ଼/ଗୋଲାମୁଣ୍ଡା:** କଳାହାଣ୍ଡି ଉତ୍ତର ବନଖଣ୍ଡ କେଗାଁ ରେଞ୍ଜ ଅଧୀନ ଗୋଲାମୁଣ୍ଡା ଫରେଷ୍ଟ ସେକ୍ସନ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଛି। ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୋଲାମୁଣ୍ଡା ବନପାଳରମେଶ ବାଗଙ୍କ ନେତୃତ୍ୱରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, କନିଷ୍ଠଯନ୍ତ୍ରୀ ରବୀନ୍ଦ୍ରନାଥ ପଟ୍ଟନାୟକ, ଶ୍ୟାମସୁନ୍ଦର ଅଗ୍ରୱାଲ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୃଷଭ ନାଏକ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଅନେକ ମୂଲ୍ୟବାନ ଗଛ ଲଗା ଯାଇଥିବା ବେଳେ ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ସ୍ଥାନୀୟ ବନକର୍ମଚାରୀ ଙ୍କୁ ଦିଆଯାଇଥିଲା। ସେହିପରି ଫରଙ୍ଗ ହାଇସ୍କୁଲ ପରିସରରେ ଦଶପୁର ବନପାଳ ପ୍ରଦୀପ ବିଶିଙ୍କ ନେତୃତ୍ୱରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ହାଇସ୍କୁଲର କର୍ମଚାରୀ ଉପସ୍ଥିତ ରହି ଚାରା ରୋପଣ କରିଥିଲେ।








## ବିଧାୟକଙ୍କ ଅଚାନକ୍ ସ୍କୁଲ ପରିଦର୍ଶନ

# ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ

**ଟିଟିଲାଗଡ଼, ୩।୭(ସମିସ):** ରାଜ୍ୟରେ ଶିକ୍ଷା ବ୍ୟବସ୍ଥା କିଭଳି ଚାଲିଛି ଏହାର ପର୍ଦ୍ଦାଫାସ କରିଛନ୍ତି ଟିଟିଲାଗଡ଼ ବିଧାୟକ୍ ନବୀନ୍ ଜୈନ । ଗୁରୁବାର ବିଧାୟକ୍, ଟିଟିଲାଗଡ଼ ଉପଜିଲ୍ଲାପାଳ ହଠାତ୍ ଟିଟିଲାଗଡ଼ ବ୍ଲକ ଗୁଲମି ଗାଁ ସ୍କୁଲ ପରିଦର୍ଶନ କରିଥିଲେ। ଏହି ସମୟରେ ସ୍କୁଲର ବ୍ୟବସ୍ଥା ଅତି ସଙ୍କଟାପର୍ଣ୍ଣ ଥିବା ଓ ସ୍କୁଲ ଶୌଚାଳୟ ଅତି ଖରାପ ଥିବା ଦେଖିବାକୁ ପାଇଥିଲେ ବିଧାୟକ୍। ଏହା ସହିତ ଶିକ୍ଷକଶିକ୍ଷୟିତ୍ରୀ ପାଠ ପଢ଼ାଉନଥିବାରୁ



ବିଧାୟକ ଓ ଉପଜିଲ୍ଲାପାଳ ବିରକ୍ତି ପ୍ରକାଶ କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଖାଦ୍ୟ ମଧ୍ୟ ନିମ୍ନମାନର ଓ ଖୁବ କମ ଦିଆଯାଉଥିବା ଅଭିଯୋଗ କରିଛନ୍ତି ବିଧାୟକ। ସ୍କୁଲର ଅନେକ ସମସ୍ୟ ରହିଥିବା ବେଳେ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଅଣ୍ଡା ଠିକ୍ ଭବରେ ବଣ୍ଟନ ହେଉନଥିବା ଓ ତରକାରୀ ମଧ୍ୟ ଅତି ନିମ୍ନମାନର ଦିଆଯାଉଥିବା ଅଭିଯୋଗ କରିଛନ୍ତି ବିଧାୟକ । ରାଜ୍ୟ ସରକାର ଛାତ୍ରଛାତ୍ରୀ ଙ୍କ ଉତ୍ତମ ଶିକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ସ୍କୁଲ ପରିଚାଳନା ଠକ୍ ଭବରେ ହେଉନଥିବାରୁ ଏଭଳି ପରିସ୍ଥିତି ଦେଖାଦେଉଛି ବୋଲି ବିଧାୟକ ଅଭିଯୋଗ କରିଛନ୍ତି ।

## ରବି ଧାନକିଣାରେ ଚଞ୍ଚକତା ଅଭିଯୋଗ

# ଅଧିକ ୨ ଲକ୍ଷ କୁଇଣ୍ଟାଲ ଧାନ କାହାର?

**ବଲାଙ୍ଗିର, ୩।୭ (ସମିସ)**

ବଲାଙ୍ଗିର ଜିଲ୍ଲାରେ ରବି ଧାନ କିଣା ପ୍ରାୟତଃ ସମାପ୍ତ ହୋଇଥିବା ବେଳେ ଧାନକିଣା ପରିମାଣକୁ ନେଇ ଉଠିଛି ବିବାଦ । ଗୋଟିଏ ପଟେ ଜିଲ୍ଲାରେ ରବି ସମୟରେ ପ୍ରାୟ ସାଢେ ତିନି ଲକ୍ଷ କୁଇଣ୍ଟାଲ ଧାନ ଅମଳ ହେଉଥିବା କୃଷି ବିଭାଗ ରିପୋର୍ଟ ଦେଉଥିବା ବେଳେ ଯୋଗାଣ ବିଭାଗ ସାଢେ ପାଞ୍ଚ ଲକ୍ଷ କୁଇଣ୍ଟାଲ ଧାନ କିଣିଲା କେମିତି ବୋଲି ବଲାଙ୍ଗିର ବିଧାୟକ ଜିଲ୍ଲା ପରିଷଦ ବୈଠକରେ ପ୍ରଶ୍ନ ଉଠାଇଥିଲେ। ଅନ୍ୟପକ୍ଷରେ କିଛି ଦିନ ତଳେ କୃଷକ ସମାବେଶରେ ନିଜେ କୃଷି ମନ୍ତ୍ରୀ ଦମ୍ଭର ସହ କହିଥିଲେ ଛତିଶଗଡ଼ ଧାନ କିଣିବା ପାଇଁ କିଛି ମିଲର ଚାପ ପକାଉଛନ୍ତି । ଯାହାକୁ ସେ ମନା କରିଛନ୍ତି । କୌଣସି ପରିସ୍ଥିତରେ ଛତିଶଗଡ଼ ଧାନ ବଲାଙ୍ଗିର ପଶିବ ନାହିଁ ବୋଲି କହିଥିଲେ। ତେବେ କନକ ବର୍ଦ୍ଧନ ସିଂହଦେଓ ଏହିଭଳି କଥା କହୁଥିବା ବେଳେ କଳିକେଶ ପୁଣି ଧାନକିଣାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ।

ବଲାଙ୍ଗିର ଜିଲ୍ଲାରେ ଗତ ଖରିଫରେ ଧାନକିଣାରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ଉଠିଥିଲା । ଚଳିତ ରବିରେ ମଧ ସମାନ ଭାବେ ମନଇଚ୍ଛା ମିଥ୍ୟା ଏଣ୍ଟ୍ରୀ କରି ବାହାର ଅଞ୍ଚଳର ଧାନ ପ୍ରଶାସନ କିଣିଥିବା ସାଂଘାତିକ ଅଭିଯୋଗ ହୋଇଛି । ଓ ଏହି ଅଭିଯୋଗ ଆଣିଛନ୍ତି ବଲାଙ୍ଗିର ସଦର ବିଧାୟକ କଳିକେଶ ନାରାୟଣ ସିଂହଦେଓ। ଗତ ଜିଲ୍ଲା ପରିଷଦ ବୈଠକରେ ଏନେଇ ସେ ପ୍ରଶ୍ନ ଉଠାଇବା ସହ ପ୍ରଶାସନ ଉପରେ କ୍ଷୋଭ ପ୍ରକାଶ କରିଥିଲେ। ତାଙ୍କ କହିବା ଅନୁସାରେ କୃଷି ବିଭାଗ ପକ୍ଷରୁ ଜିଲ୍ଲାରେ ରବି ସମୟରେ ପ୍ରାୟ ସାଢେ ତିନି ଲକ୍ଷ କୁଇଣ୍ଟାଲା ଧାନ ଅମଳ ହେଉଥିବା କୁହାଯାଇଛି ।

**ଜିଲ୍ଲା ପରିଷଦ ବୈଠକରେ ପ୍ରଶ୍ନ କଲେ କଳିକେଶ**

ସେହି ଅନୁସାରେ ଗତ କିଛି ବର୍ଷ ହେଲା ଜିଲ୍ଲାରେ ରବି ସମୟରେ ଧାନକିଣା ଟାର୍ଗେଟ ଧାର୍ଯ୍ୟ କରାଯାଉଥିଲା। ଗୋଟିଏ ବର୍ଷ ଭିତରେ ସେହିଭଳି କୌଣସି ଆଖିଦୃଶିଆ ଜଳସେଚନ ପରିମାଣ ବଢ଼ିନାହିଁ। କିନ୍ତୁ ଗୋଟିଏ ବର୍ଷରେ ପ୍ରାୟ ୪୮ ପ୍ରତି ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ବଢ଼ିଛି। କେବଳ ଚାଷୀ କାହିଁକି ଧାନ କିଣା ଟାର୍ଗେଟ ମଧ ବୃଦ୍ଧି କରାଯାଇଛି। ଅନ୍ୟ ଜିଲ୍ଲାମାନଙ୍କରେ ଧାନକିଣା ହୋଇପାରୁନଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ଟାର୍ଗେଟ ଅନୁସାରେ ଧାନ କିଣା ସରିଯାଇଥିବା ଜଣାପଡ଼ିଛି। ବିଭାଗୀୟ ରିପୋର୍ଟ ଅନୁସାରେ ଜିଲ୍ଲାରେ ୧୧ ହଜାର ୧୮ ଜଣଚାଷୀଙ୍କ ଠାରୁ ୫ ଲକ୍ଷ ୫୪ ହଜାର ୨୪୫.୧୭କୁଇଣ୍ଟାଲ ଧାନ କିଣାଯାଇଛି। ଯାହା ଏବେ ବିବାଦ ସୃଷ୍ଟି କରିଛି ବିଧାୟକଙ୍କ କହିବା ଅନୁସାରେ ଯଦି କୃଷି ବିଭାଗ ରିପୋର୍ଟ ଅନୁସାରେ ସାଢେ ତିନି ଲକ୍ଷ କୁଇଣ୍ଟାଲ ଧାନ ଅମଳ ହେଉଛି ତେବେ ଅଧିକ ଦୁଇ ଲକ୍ଷ କୁଇଣ୍ଟାଲ ଧାନ ଆସିଲେ କେଉଁଠୁ ବୋଲି ସେ ପ୍ରଶ୍ନ କରିଛନ୍ତି । ଏହି ଦୁଇ ଲକ୍ଷ କୁଇଣ୍ଟାଲ ଧାନକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଏବିଷୟରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଯୁକ୍ତି ଭିନ୍ନ। ଟୋକନ ଅନୁସାରେ ପଞ୍ଜିକୃତ ଚାଷୀଙ୍କ ଠାରୁ ଧାନ କିଣାଯାଇଥାଏ।ସମବାୟ ଓ ରାଜସ୍ୱ ବିଭାଗର ରିପୋର୍ଟ ଓ ସେଟେଲାଇନ ସର୍ଭେ ରିପୋର୍ଟ ଅନୁସାରେ ଟୋକନ ଦିଆଯାଇଥାଏ। ଟୋକନ ଓ ଟାର୍ଗେଟ ଅନୁସାରେ ଧାନ କିଣାଯାଏ। କେତେ ଧାନ ଅମଳ ହୋଇଛି, କୃଷି ବିଭାଗ କଣ ରିପୋର୍ଟ ଦେଇଛିଁ ତାହା ସେ ଜାଣିନଥିବା ସୂଚନା ଦେଇଥିଲେ। ତେବେ ରବି ଧାନକିଣାର ଏକ ନିରପେକ୍ଷ ତଦନ୍ତ କରାଗଲେ ଅନେକ ତଥ୍ୟ ପଦାରେ ପଡ଼ିବ ବୋଲି ବୁଦ୍ଧିଜୀବି ମାନେ ମତ ରଖିଛନ୍ତି ।

# ନୂତନ ରେଳବାଇ ରାସ୍ତାକଡ଼ ଉନ୍ନତୀକରଣ ଦାବି



**କଣ୍ଟାବାଞ୍ଜି, ୩।୭(ସମିସ):** ସମ୍ବଲପୁର ରେଳ ମଣ୍ଡଳ ଅଧିନସ୍ଥ କଣ୍ଟାବାଞ୍ଜି ରେଳବାଇ ଷ୍ଟେସନକୁ କେନ୍ଦ୍ର ରେଳ ବିଭାଗ ଅମୃତ ଭାରତ ଷ୍ଟେସନ ଯୋଜନାରେ ଅନ୍ତର୍ଭୁକ୍ତ କରି ଉନ୍ନତୀକରଣ କାମ ଚାଲିଛି। ଗତ ବର୍ଷ କଣ୍ଟାବାଞ୍ଜି ଏନ୍‌ଏସି ଛକ ନିକଟରେ ଅନେକ ଲୋକ ଜବରଦଖଲ କରି ରେଳବାଇ ଜମି ଉପରେ ଘର, ଦୋକାନ କରି ରହୁଥିବା ବେଳେ ଉନ୍ନତୀକରଣ କାମ ପାଇଁ ରେଳ ବିଭାଗ ଜବରଦଖଲ ଉଚ୍ଛେଦ କରିଥିଲା। ବର୍ତ୍ତମାନ ସେହି ଏନ୍‌ଏସି ଛକ ଠାରୁ ନୂତନ ରେଳବାଇ ଷ୍ଟେସନ ପର୍ଯ୍ୟନ୍ତ ପକ୍କା ସଡ଼କ ନିର୍ମାଣ ହୋଇଛି। କିନ୍ତୁ ସେହି ରାସ୍ତା କଡ ରେ ଖାଲି ପଡ଼ିଥିବା ସ୍ଥାନ ଏବେ ଅଳିଆ ଗଦା ପାଲଟିଛି। ତେଣୁ ରେଳ ବିଭାଗ ଏହା ନଜର ଦେଇ ଏନଏସି ଛକ ଠାରୁ ରେଳବାଇ ସ୍କୁଲ ପର୍ଯ୍ୟନ୍ତ ରାସ୍ତା କଡରେ ଥିବା ଖାଲି ପଡ଼ିଥିବା ସ୍ଥାନରେ କୌଣସି ପାର୍କ କିମ୍ବା ଅନ୍ୟ କିଛି ଉନ୍ନତୀକରଣ କାମ କରି ବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ସମ୍ବଲପୁର ରେଳ ମଣ୍ଡଳ ଡିଆରଏମ ତୁରନ୍ତ ନଜର ଦେଇ ପଦକ୍ଷେପ ଶୀଘ୍ର ଗ୍ରହଣ କରିବାକୁ ଦାବି ହେଉଛି।

## ମାଟ୍ରିକ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ବେଲପଡ଼ା, ୩।୭(ସମିସ):** ବେଲପଡ଼ା ବ୍ଲକ ଧୂମାଭଟା ବୀଣାଶ୍ରୀ ହାଇସ୍କୁଲ ନିକଟରେ ଚଳିତ ବର୍ଷ ମାଟ୍ରିକରେ ସଫଳତା ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ସ୍ଥାନୀୟଅଞ୍ଚଳର ମୋଟ ୭୦ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦିଆଯାଇଥିଲା। ପିଲାମାନଙ୍କ ମନବଳକୁ ସମୃଦ୍ଧ କରିବା ପାଇଁ ଏପରି ଆୟୋଜନ କରାଯାଇଥିଲା। ପ୍ରଧାନଶିକ୍ଷକ ଦିଗାମ୍ବର ପୁଟାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବେଲପଡ଼ା ବ୍ଲକ ଉପାଧକ୍ଷ ଦୁର୍ଯ୍ୟୋଧନ କୁମ୍ଭାର ସମ୍ମାନିୟ ଅତିଥି ଭାବେ ବେଲପଡ଼ା ଏବିଓ ଅଭିନବ ମିଶ୍ର, ଫରେଷ୍ଟର ମନୋଜ ଦଣ୍ଡସେନାଙ୍କ ସହ ଏବିଇଓ ଚତୁର୍ଭୁଜ ମିର୍ଦ୍ଧା, ସିଆରସିସି ଚିତାନନ୍ଦ ପାଢ଼ୀ, ଦୁମାଭଟା ସରପଞ୍ଚ ବନମାଳୀ ନାଏକଙ୍କ ସହ ସ୍କୁଲର ଶିକ୍ଷକଶିକ୍ଷୟିତ୍ରୀ ଅଭିଭାବକମାନେ ଉପସ୍ଥିତ ଥିଲେ।

## ତାଲୁକ ଲିଗାଲ ଏଡ ସର୍ଭିସ୍ ପକ୍ଷରୁ ବନ ମହୋତ୍ସବ

**କଣ୍ଟାବାଞ୍ଜି, ୩।୭(ସମିସ):** କଣ୍ଟାବାଞ୍ଜି ତାଲୁକ ଲିଗାଲ ଏଡ୍ ସର୍ଭିସ୍ ଓ କଣ୍ଟାବାଞ୍ଜି ବନ ବିଭାଗ ତରଫରୁ ବୃକ୍ଷରୋପଣ ଓ ବନ ମହୋତ୍ସବ ନୂତନ ସିଭିଲ କୋର୍ଟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ସିଭିଲ କୋର୍ଟ ବିଚାରପତି ସୋରୋଜିନୀ ସାହୁ, ଜେମ୍‌ଏଫସି ରାହୁଲ କୁମାର ଜେନା, କୋର୍ଟ ଷ୍ଟାଫ୍, ତଥା ବନ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ମୁଖ୍ୟଅତିଥି କଣ୍ଟାବାଞ୍ଜି ତାଲୁକ ଲିଗାଲ ଏଡ ସର୍ଭିସ୍‌ର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ କଣ୍ଟାବାଞ୍ଜି ରାଜେଶ କୁମାର ନାୟକଙ୍କ ଦ୍ୱାରା ନୂତନ କୋର୍ଟ ପରିସରରେ ଚାରା ରୋପଣ କରାଯାଇଛି । କଣ୍ଟାବାଞ୍ଜି ସିଭିଲ କୋର୍ଟ ଷ୍ଟାଫ୍ ବିଶ୍ୱରଞ୍ଜନ ପୃଷେଟ, କାର୍ତ୍ତିକ ଲୁହା, ଗୌତମ କୁମାର ଜେନା, ମୃତ୍ୟୁ ଞ୍ଜୟ ସେଠୀ, ଅଭିଜିତ ମିଶ୍ର ସବିତ ମହାପାତ୍ର, ଦୀପକ ପୁଷ୍ପାଳକ, ରାଜେଶ କୁମାର, ବିଭୂତି ଭୂଷଣ ମଲ୍ଲିକ, ଫାମିନ୍ଦ୍ର ଧାରୁଆ, ହରିବନ୍ଧୁ ଜାଲ, ବ୍ରଜ ବିହାରୀ ମିର୍ଦ୍ଧା ଓ କଣ୍ଟାବାଞ୍ଜି ବନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।




# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ

### ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ

**ଖପ୍ରାଖୋଲ, ୩।୭(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ପ୍ରଗତି ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଘୁନସର ଠାରେ ବନମହୋତ୍ସବ ପାଳନ ହୋଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଉସତ୍ ଗଡ଼ତ୍ୟାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିକାଶ ଦାଶ, ହରିଶଙ୍କର ବନାଞ୍ଚଳର ଭାରପ୍ରାପ୍ତ ବନ ସଂରକ୍ଷକ ଅରବିନ୍ଦ ନାୟକ, ରେଙ୍ଗାଲି ବନପାଳ ବିପିନ ସାହୁ ଓ ତାଙ୍କ ସହକର୍ମୀ ତଥା ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସମାଜସେବୀ ଶ୍ରୀ ଟେକେନ୍ଦ୍ର ଜାଲ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ବୃକ୍ଷର ମହାତ୍ମ୍ୟ ବିଷୟରେ ଅନେକ ଉଦାହରଣ ଦେଇ ସମସ୍ତଙ୍କୁ ବୃକ୍ଷରୋପଣ କରି ତାର ଯତ୍ନ ନେବା ପାଇଁ ଉପଦେଶ ଦେଇଥିଲେ। ପରିଶେଷରେ ବିଦ୍ୟାଳୟରେ ବୃକ୍ଷରୋପଣ କରି ଗ୍ରାମ ପରିକ୍ରମା ସହ ଲୋକମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।







### ଚୋରମରାରେ ବନବିଭାଗ

**ଦେଓଗାଁ:** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାରସମାଳ ପଞ୍ଚାୟତ ଚୋରମରା ସ୍କୁଲ ପରିସରରେ ସଇଁନ୍ତଲା ବନବିଭାଗ ଆନୁକୂଲ୍ୟରେ ବନମହୋତ୍ସବ ପାଳିତ ହୋଇଯାଇଛି । ଉତ୍ସବରେ ସଇଁନ୍ତଲା ବନଖଣ୍ଡ ଅଧିକାରୀ ସାଗରରାଜ ନାୟକ ଯୋଗ ଦେଇ ବନମହୋତ୍ସବ ବିଷୟରେ ଆଲୋଚନା କରିଥିଲେ ଓ ବୃକ୍ଷରୋପଣ ଦ୍ୱାରା ମିଳୁଥିବା ଲାଭ ବିଷୟରେ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବେ କନ୍ଧକଲେଗାଁ ସେକ୍ସନ ଫରେଷ୍ଟର ଆଦିତ୍ୟ ନନ୍ଦ, ଫରେଷ୍ଟ ଗାର୍ଡ ଛନ୍ଦା ଚରଣ ଜାନି, ମଧୁସ୍ମିତା ବେହେରା, ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନନ୍ଦ, ପାରା ସ୍କ୍ୱାର୍ଡ ବେଣୁଧର ପଧାନ, ଲିପୁନ କର୍ମି ପ୍ରମୁଖ ଯୋଗଦେଇଥିଲେ । ସ୍ଥାନୀୟ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷ ମନୋଜ କୁମାର ସାହୁ ସ୍କୁଲର ଛାତ୍ରୀଛାତ୍ର ତଥା ଶିକ୍ଷକଶିକ୍ଷୟିତ୍ରୀଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ଭକ୍ତ ଚରଣ ଦାସ, ଘାସିରାମ ମିଶ୍ର, ସୁଜିତ କୁମାର ରାୟ, ରାଜୀବ ଲୋଚନ ପଧାନ, ସରୋଜ ପୁଟେଲ, ସାବିତ୍ରୀ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

### ଲୋଇସିଂହା ଭାଲୁପାଲି

**ଲୋଇସିଂହା:** ବଲାଙ୍ଗିର ଜିଲ୍ଲା ଲୋଇସିଂହା ରେଞ୍ଜ ଅନ୍ତର୍ଗତ ଭାଲୁପାଲି ଠାରେ ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି । ଫରେଷ୍ଟର ବାବୁଲା ଦାସ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବନ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ସୁସ୍ଥ ପରିବେଶ ପାଇଁ ବନୀକରଣ ର ମହତ୍ୱ ବିଷୟରେ ଲୋକଙ୍କ ସାମ୍ନାରେ ନିଜ ବକ୍ତବ୍ୟ ରଖିଥିଲେ ।ବନ ମହୋତ୍ସବ ଅବସରରେ 'ଏକ ପେଡ ମାଁ କେ ନାମ' କାର୍ଯ୍ୟକ୍ରମ ମଧ୍ୟ ଶୁଭାରମ୍ଭ କରାଯାଇଥିଲା । ସେହିପରି ଅନ୍ୟମାନଙ୍କ ମଧ୍ୟରେ ଲୋଇସିଂହା ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ଡିଏଫଓ ଅଜିତ ବିଶି, ଏସିଏଫ ମାନସ ବେହେରା, ରେଞ୍ଜର ପାଉଳ ହରପାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଭାଲୁପାଲିରେ ଥିବା ରମାଇ ସଂରକ୍ଷିତ ଜଙ୍ଗଲ ଭିତରେ ଅତିଥିମାନଙ୍କ ସହ କଲେଜ ଛାତ୍ରଛାତ୍ରୀ ଓ ମହିଳାମାନେ ପ୍ରାୟ ୫ଶହ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଫରେଷ୍ଟର ଚୌଧୁରୀ ଦଳପତି, ଫରେଷ୍ଟ ଗାର୍ଡ ବସନ୍ତ ମହାକୁର, ରାଜକୁମାର ଭୋଇ, ଲକ୍ଷ୍ମୀ ନାରାୟଣ ସ୍ୱାଇଁ, ବିଜୟଲକ୍ଷ୍ମୀ ନାୟକ, ପଦ୍ମା ମୁଣ୍ଡା, ସୁଭ୍ରଜ୍ୟୋସ୍ନା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ୮ରୁ ଓଡ଼ିଶା ଡ୍ରାଇଭର ମହାସଂଘର ସମୂହ ଷ୍ଟିୟରିଂ ଛାଡ଼ ନିଷ୍ପତ୍ତି

**ମୁରିବାହାଲ, ୩।୭(ସମିସ):** ଓଡ଼ିଶା ଡ୍ରାଇଭର ମହାସଂଘର ନିଷ୍ପତ୍ତି କ୍ରମେ ସରକାରଙ୍କୁ ଦେଇଥିବା ଆଠ ଦଫା ଦାବି ମଧ୍ୟରୁ ଗୋଟିଏ ଦାବି ବିଗତ ସରକାର ପୂରଣ କରିଥିଲା । ମାତ୍ର ବାରମ୍ବାର ସାମୂହିକ ଦାବି ସତ୍ତ୍ୱେ ବିଜେପି ସରକାର ମଧ ଚୁପ୍ ବସି ଡ୍ରାଇଭରଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛି। ଏହାକୁ ନେଇ ଆସନ୍ତା ୮ତାରିଖରୁ ଷ୍ଟିୟରିଂ ଛାଡ ଆନ୍ଦୋଳନ ନିଷ୍ପତ୍ତି ନେଇଥିବା ମୁରିବାହାଲ ବ୍ଲକ ଡ୍ରାଇଭର ମହାସଂଘ କର୍ମକର୍ତ୍ତା ସୂଚନା ଦେଇଛନ୍ତି । ଗତ ମାର୍ଚ୍ଚ ମାସରେ ୬ ଦିନ ବ୍ୟାପୀ ଭୁବନେଶ୍ୱର ଲୋୟର ପିଏମଜିରେ ସଂଘ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ ମଧ ସରକାର ଅଣଦେଖା କରିଥିବାରୁ ବାଧ ହୋଇ ସମୂହ ଆନ୍ଦୋଳନ କରିବାକୁ ସ୍ଥିର କରିଛନ୍ତି ଓଡ଼ିଶା ଡ୍ରାଇଭର ମହାସଂଘ। ୬୦ ବର୍ଷ ବୟସ ପରେ ଭତ୍ତା ପ୍ରଦାନ, ପାର୍କିଂ ଫିରେ ଓ କଡାକଡି ନିୟମ କୁ କୋହଳ କରିବା, ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ଭାବେ ପାଳନ, ଗାଡ଼ିର କାଗଜ ପତ୍ର ଯାଞ୍ଚ ଦାୟିତ୍ୱ ପରିବହନ ବିଭାଗକୁ ପ୍ରଦାନ, ଓଡ଼ିଶା ଖଣି ଖଦାନରେ ଓଡ଼ିଆ ଡ୍ରାଇଭରଙ୍କୁ ନିଯୁକ୍ତି ଅଗ୍ରାଧିକାର, ଅଟୋ ଚାଳକଙ୍କୁ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏଣ୍ଡ ୱେଲ୍ ଫେଆର ବୋର୍ଡରେ ସାମିଲ ପ୍ରମୁଖ ୭ ଦଫା ଦାବିକୁ ସରକାର ଶୀଘ୍ର ମାନି ନେବାକୁ ଚେତାବନୀ ଦେଇଛନ୍ତି ଓଡ଼ିଶା ଡ୍ରାଇଭର ସଂଘ। ନଚେତ ସଧାରଣ ଲୋକଙ୍କ କିଛି ଅସୁବିଧା ବା କ୍ଷୟକ୍ଷତି ହେଲେ ଏଥିପାଇଁ ସରକାର ହିଁ ଦାୟୀ ରହିବେ ବୋଲି ସଂଘ ସୁଚେଇ ଦେଇଛି। ମୁରିବାହାଲ ବ୍ଲକ ଡ୍ରାଇଭର ମହାସଂଘ କମିଟି ସଭାପତି ଦୁଷ୍ମନ୍ତ ପଧାନ, କାର୍ଯ୍ୟକାରୀ ସଭାପତି ବିକାଶ ପୋଡ଼, ସାଙ୍ଗଠନିକ ସଭାପତି କୈବଲ୍ୟ ଶିକା, ଉପସଭାପତି ପବିତ୍ର ମହାଳିଙ୍ଗ, ସମ୍ପାଦକ ସୁନୀଲ ବାଗ, ସହସମ୍ପାଦକ ଜକ୍ସନ ସେଲମା, କୋଷାଧକ୍ଷ ନେତ୍ରାନନ୍ଦ ମାଝି, ଉପଦେଷ୍ଟା ବିକ୍ରମ କର୍ମୀ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ■ ବଲାଙ୍ଗିର ସିନିୟର ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଷଷ୍ଠ ଦିବସ ମ୍ୟାଚ



**ବଲାଙ୍ଗିର, ୩।୭(ସମିସ):** ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଜିଲ୍ଲାର ଆଜି ୮ଟି ପଡ଼ିଆରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଯାଇଛି । ଟାଉନ ହାଇସ୍କୁଲ ପଡ଼ିଆରେ ସିସିଏଫ୍‌ଏ ୧୦-୦ ଗୋଲରେ ଘୁଚେପାଲି କୁ ହରାଇଛି । ଅତିଥି ଭାବେ ପୂର୍ବତନ ଖେଳାଳି ଲୋକନାଥ ନେପାକ ଓ କାଳେନ୍ଦ୍ର ପ୍ରସାଦ ନାଗ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା ମଞ୍ଚାସିନ ଥିଲେ। ଖେଳକୁ ବିକି ବିଶି, ରାଜେନ୍ଦ୍ର ସେଠ, ନରସିଂସ୍ୱାମୀ ନାଇଡୁ ଓ ଜିତୁ ଦଲାଇ ପରିଚାଳନା କରିଥିଲେ। ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ସୁଜିଆ ୪-୨ ଗୋଲରେ ଚନ୍ଦନଭାଟିକୁ ହରାଇଛି। ଅତିଥି ଭାବେ ପୂର୍ବତନ ବଲାଙ୍ଗିର ବ୍ଲକ ଚେୟାରମ୍ୟାନ ଗୋଲାପ ବାଗ ଯୋଗ ଦେଇଥିଲେ। ଖେଳକୁ ସଞ୍ଜିବ ମହାରଣା, ସୁରେଶ ନାଏକ, ଉମେଶ ଭୋଇ ଓ ସୁଧାଂଶୁ ସେଠ ପରିଚାଳନା କରିଥିଲେ। ଚୁଡାପାଲି ପଡ଼ିଆରେ ନକଟାସର ୩-୦ ଗୋଲରେ ଗେର୍ଡ଼ିକୁ ହରାଇ ବିଜୟୀ ହେଲା।ପୂର୍ବତନ ଖେଳାଳି ନିଳମଣି ଦଣ୍ଡସେନା ଓ ଲୋକନାଥ କୁମୁରା ଅତିଥି ଭାବେ ଯୋଗ ଦେଇଥିବା ବେଳେ ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମଞ୍ଚାସିନ ଥିଲେ। ଖେଳକୁ ଦୋଳଗୋବିନ୍ଦ ମୁଣ୍ଡା, ମଣ୍ଟୁ ବେହେରା, ପୁରୁଷୋତ୍ତମ ବୁଡେକ ଓ ବୈକୁଣ୍ଠ ଜେନା ପରିଚାଳନା କରିଥିଲେ। ଜରାସିଂହା ମିନି ଷ୍ଟାଡିୟମ ରେ ମହିପୁର ୩-୦ ଗୋଲରେ ଚନ୍ଦ୍ରପୁରକୁ ହରାଇ ବିଜୟୀ ହେଲା। ଅତିଥି ଭାବେ ଜରାସିଂହା ଯୁକ୍ତ ଦୁଇ ଅଧ୍ୟକ୍ଷ ବସନ୍ତ ମନହିରା, ଅଧ୍ୟାପକ ରଞ୍ଜନ ପାଣିଗ୍ରାହୀ ଓ ଧ୍ରୁବାଇ ପଟେଲ, ପୂର୍ବତନ ଖେଳାଳି ସୁଦାମ ବାଗ ଯୋଗ ଦେଇଥିଲେ। ଖେଳକୁ ସଞ୍ଜନ କୁଦେଇ, ଡୋଳାମଣି ବର୍ଗର୍ତ୍ତି, ସତ୍ୟ ଦଣ୍ଡସେନା ଓ ପ୍ରଶାନ୍ତ ଥନାପତି ପରିଚାଳନା କରିଥିଲେ। ବଙ୍ଗୋମୁଣ୍ଡା ପଡ଼ିଆରେ କେଏଫ୍‌ସି କଣ୍ଟାବାଞ୍ଜି ୧-୦ ଗୋଲରେ ବିଏସ୍‌ଏଫ୍‌ସି କଣ୍ଟାବାଞ୍ଜିକୁ ହରାଇ ବିଜୟୀ ହେଲା।ଅତିଥି ଭାବେ କ୍ରୀଡା ସଂସଦ କାଉନସିଲ ସଭ୍ୟ ବିଜୟ କୁମାର ବନସଲ ଯୋଗ ଦେଇଥିଲେ। ଖେଳକୁ ଦୁଷ୍ମନ୍ତ ସାହୁ, ଡିସାମ୍ବର ଭୋଇ, ଦୁଷ୍ମନ୍ତ ବେହେରା ଓ ସୁନିଶ ପ୍ରଧାନୀ ପରିଚାଳନା କରିଥିଠଲେ। ଖୁଜେନପାଲି ପଡ଼ିଆରେ ସ୍ପୋର୍ଟ୍ସ ହଷ୍ଟେଲ ବଲାଙ୍ଗିର ୨-୦ ଗୋଲରେ ଜେଏଫ୍‌ଏ ମହିମୁଣ୍ଡାକୁ ହରାଇ ବିଜୟୀ ହେଲା। ଅତିଥି ଭାବେ ସଂସଦର ଯୁଗ୍ମ ସମ୍ପାଦକ ଶତ୍ରୁଘନ ସିଂ, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, କ୍ରୀଡା ସମ୍ପାଦକ ବିଭୁତି ଭୂଷଣ ପଣ୍ଡା ଓ ପୂର୍ବତନ ଖେଳାଳି ସୁଦାମ ପାଣିଗ୍ରାହୀ ଯୋଗ ଦେଇଥିଲେ। ଖେଳକୁ ଅବଦୁଲ ମୁଜିବ, ରାଜେନ୍ଦ୍ର ଧରୁଆ, ସୁଦର୍ଶନ ସେଠ, ଶୁଶାନ୍ତ ନାଗ ଓ ଖୁସିରାମ ମଲ୍ଲିକ ପରିଚାଳନା କରିଥିଲେ। ଲୋଇସିଂହା ମିନି ଷ୍ଟାଡିୟମ ରେ ବଲାଙ୍ଗିର ପୋଲିସ ଟିମ୍ ୩-୦ ଗୋଲରେ ଅମାମୁଣ୍ଡାକୁ ହରାଇ ବିଜୟୀ ହେଲା। ଅତିଥି ଭାବରେ ପୂର୍ବତନ ଖେଳାଳି ଶ୍ରୀକାନ୍ତ ରାଉତ ଯୋଗ ଦେଇଥିବା ବେଳେ କ୍ରୀଡା ସଂସଦ ସଦସ୍ୟ ଦିଲପ ବେହେରା ମଞ୍ଚାସିନ ଥିଲେ। ଖେଳକୁ ବିଜୟ ରଣା, ଗୋପାଳ ପ୍ରଧାନ, କରୁଣାକର ପ୍ରଧାନ, ପ୍ରଦୀପ ବର୍ଗର୍ତ୍ତି ଓ ଅଞ୍ଜନ ବେସ୍ରା ପରିଚାଳନା କରିଥିଠଲେ। ଟିଟିଲାଗଡ଼ ସିଟି ସ୍କୁଲ ପଡ଼ିଆରେ ଜୁରାବନ୍ଧ କେସିୟୁ ୪-୧ ଗୋଲରେ ରାଇଜିଂ ଷ୍ଟାର ଟିଟିଲାଗଡ଼କୁ ହରାଇ ବିଜୟ ହୋଇଛି। ମୁଖ୍ୟଅତିଥି ଭାବେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଯୋଗ ଦେଇଥିଲେ। ଖେଳକୁ ଆଶିର୍ବାଦ ସା, ମୋହନ ପ୍ରଧାନୀ, ପ୍ରିତମ ନାଏକ, ଆଶିଷଦେବ ସା ଓ ଧବଳେଶ୍ୱର ଦଳବେହେରା ପରିଚାଳନା କରିଥିଲେ।

## ହିଆଁଲ ପଞ୍ଚାୟତରେ ମନରେଗା ଦିଗହରା

# ପୋଖରୀ ନଥାଇ ହୋଇଛି ପାହାଚ ନିର୍ମାଣ

**କଣ୍ଟାବାଞ୍ଜି, ୩।୭ (ସମିସ)**

ଗାଁରେ ରହି ଶ୍ରମିକ କାମ କରିବେ ଭିଟାମାଟି ଛାଡି ଦାଦନ ଯିବେ ନାହିଁ ସେଥିପାଇଁ ସରକାର ମନରେଗାରେ ଶ୍ରମିକଙ୍କୁ ଗାଁରେ ରୋଜଗାର ଦେବା ବ୍ୟବସ୍ଥା କରିଛନ୍ତି। କିନ୍ତୁ ଯୋଜନା ଦାୟିତ୍ୱରେ ଥିବା ଅଧିକାରୀମାନେ ଯୋଜନା ବାଟମାରଣା କରି ପୋଖରୀ ନ ଥାଇ ମଧ ନିମ୍ନମାନର ପାହଚ ନିର୍ମାଣ କରି ସରକାରୀ ଅନୁଦାନ ଆତ୍ମସାତ କରୁଥିବା ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ହିଆଁଲ ପଞ୍ଚାୟତରୁ ଅଭିଯୋଗ ସାମ୍ନାକୁ ଆସିଛି। ଏହି ପଞ୍ଚାୟତ ଅନ୍ତର୍ଗତ ଡୁମେରୁଆଁ ଗାଁରେ ମନରେଗାରେ ମାହାବନ୍ଧ କାମରେ ମାଟି ଉନ୍ନତୀକରଣ କାମ ଓ ମେଟ୍ରିଆଲ କରାଯାଇଛି । ହେଲେ ଏଠାରେ କାମ ଶେଷ ହୋଇ ଯାଉଥିଲେ ମଧ କାମ ର ସୂଚନାର ଫଳକର ଦେଖା ନାହିଁ। ସରକାରୀ ନିୟମ ଅନୁଯାଏ ଯେଉଁ କୌଣସି ସରକାରୀ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସୂଚନା ଫଳକ ଲଗାଯାଇ କାମ କରାଯାଏ। ଯାହା ଦ୍ୱାରା ସର୍ବସାଧାରଣ କାମ ତଥ୍ୟ ଜାଣିବେ କିନ୍ତୁ ଏଠାରେ ସରକାରୀ



ନିୟମ ଉଲ୍ଲଂଘନ କରି ବିନା ସୂଚନା ଫଳକ କାମ ଆରମ୍ଭ ହୋଇ ଶେଷ ହୋଇଛି । ଏଠାରେ ୬୦% ପ୍ରତିଶତ ଟଙ୍କା ମାଟି ଉନ୍ନତୀକରଣ ନାରେ ଖର୍ଚ୍ଚ ହୋଇଥିବା ବେଳେ ୪୦% ପ୍ରତିଶତ ଟଙ୍କା ମେଟ୍ରିଆଲ କାମରେ ଖର୍ଚ୍ଚ ହୋଇଛି । ଯେଉଁ ମେଟ୍ରିଆଲ କାମରେ ସେଠାରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚରେ ପାହଚ ନିର୍ମାଣ କରାଯାଇଛି। ଏଠାରେ ପାହଚ ନିର୍ମାଣ କରାଯାଇଥିବା ବେଳେ ବାସ୍ତବରେ ଏଠାରେ ପୋଖରୀ ନାହିଁ ଯାହା ଦ୍ୱାରା ଏଠାରେ ଲୋକେ ସେହି ପାହଚ କେମିତି ବ୍ୟବହାର କରିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗତ କିଛି ବର୍ଷ ତଳେ ଏହାରେ ଏକ ପୋଖରୀ ଖନନ କରିବା ତତ୍କାଳୀନ ପଞ୍ଚାୟତ କର୍ତ୍ତୃପକ୍ଷ ମନରେଗା ଯୋଜନାରେ ନୂତନ ଏକ ପ୍ରୋଜେଟ ଆରମ୍ଭ କରିଥିଲେ ଯାହାର ନାମ ଦେଉଥିଲେ ଡୁମେରତୁଆ ମହାବନ୍ଧ ମାଟି ଉନ୍ନତୀକରଣ ନାରେ। ଏହି ପ୍ରଜେକ୍ଟ କାମ ଆରମ୍ଭ ହୋଇ ଥିଲା ହେଲେ ଆଜିଯାଏ ସମ୍ପୂର୍ଣ୍ଣ ପୋଖରୀ ନିର୍ମାଣ ହୋଇ ନାହିଁ ଏଠାରେ ପାଣି ମଧ ରହୁନାହିଁ। ଯାହାକୁ ଲୋକେ ବ୍ୟବହାର କରି ପାରିବେ ଅଳ୍ପ କିଛି ଗାତ ରଖିଥିବା ବେଳେ ତାହା ମଧ ବର୍ଷ ବର୍ଷ ହେଲା ସୁଖିଲା ପଡ଼ିଛି ।ସେପଟେ ନିର୍ମାଣ ହୋଇଥିବା ପାହଚ ମଧ ଅତି ନିମ୍ନମାନର କରାଯାଉଛି ଯାହା ଦ୍ୱାରା ନୂତନ ନିର୍ମାଣ ହୋଇଥିବା ପାହଚରୁ ସିମେଣ୍ଟ ଖସିବାରେ ଲାଗିଛି । ଏନେଇ ହିଆଁଲ ପଞ୍ଚାୟତରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ସନତ ଦାଶଙ୍କୁ ପଚାରିବାରୁ ସେହି

**ନିମ୍ନମାନର କାମକରି ସରକାରୀ ଅର୍ଥ ହଡପ**

ଏହି ପ୍ରଶ୍ନ ଏଡେଇ ଦେଇ କୌଣସି ଉତ୍ତର ଦେଉ ନାହାଁନ୍ତି। ଅନ୍ୟପକ୍ଷରେ ଏ ନେଇ ଏହି ପଞ୍ଚାୟତରେ କାର୍ଯ୍ୟରତ ଏଡିଓ ରମେଶ ମାଝିଙ୍କୁ ଯୋଗାଯୋଗ କରିଥିଲେ ହେଲେ ତାଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ। ଏହି ମନରେଗା ନାରେ ସରକାରୀ ଅନୁଦାନ ଆତ୍ମସାତ କରୁଥିବା ସରକାରୀ କର୍ମଚାରୀଙ୍କ ବିରୋଧ ରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ ।
-ୱିଲିୟମ ବ୍ରୋଡି

ସକାଳ
THE SAKALA

## ପୁନଶ୍ଚ ଅଧିକାର ସଙ୍କଟ

ଭାରତର 'ଅସୁସ୍ଥ ବ୍ୟକ୍ତି' (ସିକ୍‌ମ୍ୟାନ୍) ଭାବେ ପରିଚିତ ବିହାର ଅନେକ ପ୍ରସଙ୍ଗରେ ଦେଶକୁ ବାଟ ଦେଖାଇଛି ଏବଂ ବହୁକ୍ଷେତ୍ରରେ ବାଟ ବିଗାଡ଼ିଛି । ଜାତିଆଣ ରାଜନୀତି, ଜାତିଗତ ଦଙ୍ଗା, ଜାତିଗତ ହିଂସାକାଣ୍ଡ, ଜାତିଗତ ଜନଗଣନା, ବ୍ୟାଧି, ଦାରିଦ୍ର୍ୟ ଓ ସାମାଜିକ ଅସମତାର ଏକ ପରିଦର୍ଶନ ଓ ପ୍ରୟୋଗାତ୍ମକ କ୍ଷେତ୍ର ହୋଇ ରହିଆସିଥିବା ବିହାର ଏବେ ପୁଣି ଥରେ ପ୍ରମୁଖ ଖବରର ଶୀର୍ଷରେ ରହିଛି । ଆଉ ମାତ୍ର ଚାରି/ପାଞ୍ଚ ମାସ ପରେ ବିହାରରେ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ ଆୟୋଗ ରାଜ୍ୟର ଭୋଟର ତାଲିକାକୁ ତ୍ରୁଟିହୀନ ଓ ସମ୍ପୂର୍ଣ୍ଣ ବୈଧ କରିବା ପାଇଁ ଆରମ୍ଭ କରିଥିବା ଅଭିଯାନ ରାଜନୈତିକ ବିବାଦ ଓ ଅଧିକାର ସଙ୍କଟ ଭଳି ପ୍ରସଙ୍ଗକୁ ଜନ୍ମ ଦେଇଛି । ଅଣଏନ୍‌ଡିଏ ଦଳମାନେ ଏଥିରେ ଏନ୍‌ଆରସି (ଜାତୀୟ ନାଗରିକ ସଂହିତା) ର ଗନ୍ଧ ବାରିଛନ୍ତି । ବିଶେଷଜ୍ଞମାନଙ୍କ ମତାନୁଯାୟୀ ନିର୍ବାଚନ ଆୟୋଗଙ୍କ ଏହି ଅଭିଯାନ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ନ ହେଲେ ସାମ୍ବିଧାନିକ ଅଧିକାର ହନନ ଭଳି ଗୁରୁତର ସଙ୍କଟ ସୃଷ୍ଟି ହେବ ।

ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ବିହାର ଭୋଟର ତାଲିକାରେ ନାମ ସଂଶୋଧନ ବାଧ୍ୟତାମୂଳକ କରାଯାଇଥିବା ବେଳେ ସେଥିପାଇଁ ୧୧ ପ୍ରକାର ଦଲିଲ୍ ବା ପ୍ରମାଣପତ୍ରର ଆବଶ୍ୟକତାକୁ ଦର୍ଶାଯାଇଛି । ୧୯୮୭ ପରେ ଜନ୍ମ ନେଇଥିବା ଏବଂ ୨୦୦୩ ଜାନୁଆରୀ ୧ ତାରିଖ ପରେ ଭୋଟର ତାଲିକାରେ ନାମ ଦାଖଲ କରିଥିବା ପ୍ରତି ଭୋଟର ସାନି ତାଲିକାଭୁକ୍ତ ହେବା ପାଇଁ ଅତିରିକ୍ତ ଭାବେ ସେମାନଙ୍କ ଭାରତୀୟ ନାଗରିକତ୍ୱର ପ୍ରମାଣପତ୍ର, ଜନ୍ମ ପ୍ରମାଣପତ୍ର, ପାସପୋର୍ଟ, ଜାତିଗତ ପ୍ରମାଣପତ୍ର କିମ୍ବା ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ନେବାକୁ ପଡ଼ିବ । ଗରିବ, ନିରକ୍ଷର ଓ ଭୂମିହୀନ ଭୋଟରଙ୍କ ପକ୍ଷେ ଏହା ଯୋଗାଡ଼ କରିବା ଏକ ଦୁରୂହ ବ୍ୟାପାର । ତା'ଛଡ଼ା ଜୁନ୍ ୨୫ରୁ ଆରମ୍ଭ ହୋଇସାରିଥିବା ଏହି ସଂଶୋଧନ ପ୍ରକ୍ରିୟା ଜୁଲାଇ ୨୫ ତାରିଖ ସୁଦ୍ଧ ସମାପ୍ତ ହେବ ବୋଲି ଧାର୍ଯ୍ୟ କରାଯାଇଥିବାରୁ ଏତେ ସ୍ୱଳ୍ପ ସମୟ ମଧ୍ୟରେ ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ରହୁଥିବା ଭୋଟରମାନେ ମାଇଲ୍ ମାଇଲ୍ ଗସ୍ତ ଓ ଅର୍ଥ ଖର୍ଚ୍ଚ କରି ସଂଶୋଧିତ ତାଲିକାରେ ନିଜ ନାମ ପଞ୍ଜିକରଣ କରିବା ପାଇଁ ଯେ ଆଗ୍ରହ ପ୍ରକାଶ କରିବେ ତାହା ବିଶ୍ୱାସ ହେଉନାହିଁ । ଏଭଳି ଏକପ୍ରକାର ଅସମ୍ଭବ ପରିସ୍ଥିତିରେ ରାଜନୈତିକ ଦଳର ତୃଣମୂଳସ୍ତରର କର୍ମୀମାନେ ସକ୍ରିୟ ହେବା ସ୍ୱାଭାବିକ । ତେଣୁ କୃତଜ୍ଞତା ସ୍ୱରୂପ ଭୋଟରମାନେ ସେହି ଦଳକୁ ଭୋଟ ଦେବେ ଯେଉଁ ଦଳର ନେତାମାନେ ଭୋଟରଙ୍କ ନାମଗୁଡ଼ିକୁ ସାନି ତାଲିକାଭୁକ୍ତ କରାଇବାରେ ସହାୟତା କରିଛନ୍ତି ।

ରାଜନୈତିକ ବିବାଦରୁ ଊର୍ଦ୍ଧ୍ୱରେ ନିର୍ବାଚନ ଆୟୋଗଙ୍କ ସ୍ପଷ୍ଟୀକରଣ ଅନୁଯାୟୀ ବିହାରରେ ଭୂତଭୋଟର ଓ ଅବୈଧ ବହିରାଗତ ଭୋଟର ସମସ୍ୟା ସର୍ବାଧିକ । ଏହି ସଂଶୋଧନ ତାଲିକା ବଳରେ ଅବୈଧ ଭୋଟରଙ୍କୁ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ନିର୍ବାଚନ ପ୍ରକ୍ରିୟାରୁ ଦୂରେଇ ରଖିବା ସମ୍ଭବ ହେବ । ନିର୍ବାଚନ ଆୟୋଗଙ୍କ ଏହି ଲକ୍ଷ୍ୟ ଯେତିକି ମହତ୍ ଓ ସ୍ୱାଗତଯୋଗ୍ୟ; ତା'ଠାରୁ ଅଧିକ ଜଟିଳ ଓ ଆହ୍ୱାନପୂର୍ଣ୍ଣ । ଆମ ଦେଶର ସାମାଜିକ ବ୍ୟବସ୍ଥାରେ ସୀମିତ ସମୟରେ ଏହି ତାଲିକା ଯେ ତ୍ରୁଟିପୂର୍ଣ୍ଣ ହେବ ସେ ନିଶ୍ଚିତତା ଆଦୌ କରିହେଉ ନାହିଁ । ଆହୁରି ମଧ୍ୟ ବିହାରର ଶିକ୍ଷା, ସାମାଜିକ ଓ ଅର୍ଥନୈତିକ ସ୍ଥିତି ଯାହା ସେଥିରେ ମାତ୍ର ୩୦ଦିନ ମଧ୍ୟରେ ପ୍ରାୟ ୧୩ କୋଟି ୭ ଲକ୍ଷର ବିଶାଳ ଜନସଂଖ୍ୟା ଏବଂ ୭ କୋଟି ୬୪ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ବିଶିଷ୍ଟ ତାଲିକାର ତ୍ରୁଟିବିହୀନ ସଂଶୋଧନ ଯେ ସମ୍ଭବ ହେବ ସେ ବିଶ୍ୱାସ ହେଉନାହିଁ । ଏ କାମଟି କେତେ ଜଟିଳ ତାହା ଏକ କ୍ଷୁଦ୍ର ପରିସଂଖ୍ୟାନଗତ ବିଶ୍ଳେଷଣରୁ ବୁଝି ହେବ । 'ରେଜିଷ୍ଟ୍ରାର ଜେନେରାଲ୍ ଅଫ୍ ଇଣ୍ଡିଆ'ର ତଥ୍ୟାନୁଯାୟୀ ବିହାରରେ ୨୦୦୦ ମସିହାରେ ମାତ୍ର ୧.୧୯ ଲକ୍ଷ ଜନ୍ମ ପ୍ରମାଣପତ୍ର ପଞ୍ଜିକରଣ ହୋଇଥିବା ବେଳେ ତାହା ସେହିବର୍ଷ ସେହି ରାଜ୍ୟରେ ଜନ୍ମ ନେଇଥିବା ମୋଟ ଶିଶୁଙ୍କର ମାତ୍ର ୩.୭% । ୨୦୦୦ ପୂର୍ବରୁ ବିହାରରେ ଜନ୍ମଗତ ପ୍ରମାଣର କୌଣସି ନଥିପତ୍ର 'ରେଜିଷ୍ଟ୍ରାର ଜେନେରାଲ୍ ଅଫ୍ ଇଣ୍ଡିଆ' ପାଖରେ ଉପଲବ୍ଧ ନୁହେଁ । ଆଉ ଏକ ତଥ୍ୟ ଅନୁଯାୟୀ ୨୦୦୧ ମାର୍ଚ୍ଚ ୧ ତାରିଖରୁ ୨୦୧୧ ଭିତରେ ବିହାର ଜନସଂଖ୍ୟା ୨.୧୧ କୋଟି ବୃଦ୍ଧି ପାଇଛି, ଅଥଚ ସେହି ସମୟ ଭିତରେ ଜନ୍ମ ପଞ୍ଜିକରଣ ସଂଖ୍ୟା ବଢ଼ିଛି ମାତ୍ର ୭୩.୯୧ ଲକ୍ଷ । ଏଭଳି ପରିସ୍ଥିତିରେ ଗରିବ ଓ ଅଶିକ୍ଷିତ ଭୋଟରଟିଏ ଜନ୍ମ ପ୍ରମାଣପତ୍ର ପାଇବେ କେମିତି, ଭୋଟର ତାଲିକାରେ ନାମ ସଂଶୋଧନ କରିବ କେମିତି ଏବଂ ଭୋଟ ଅଧିକାର ସାବ୍ୟସ୍ତ କରିବ କେମିତି?

ବିହାରରେ ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ବୈଧ ଓ ତ୍ରୁଟିହୀନ କରିବା ପାଇଁ ନିର୍ବାଚନ ଆୟୋଗ ଯେଉଁ ଅଭିଯାନ ଆରମ୍ଭ କରିଛନ୍ତି ତାହାକୁ ଆସାମ ନାଗରିକ ପଞ୍ଜିକାର ଫଳାଫଳ ଆଧାରରେ ବିଶ୍ଳେଷଣ କଲେ ବଡ଼ ପ୍ରମାଦର ଗନ୍ଧ ବାରି ହେଉଛି । ଆସାମର ମୂଳବାସିନ୍ଦାମାନଙ୍କ ଅଧିକାର ସୁରକ୍ଷିତ କରି ସେମାନଙ୍କ ଭାରତୀୟ ନାଗରିକତାକୁ ବୈଧ କରିବା ଏବଂ ବହିରାଗତମାନଙ୍କୁ ଅବୈଧ ଭାବେ ହାତେଇ ନେଇଥିବା ସରକାରୀ ସୁବିଧାସୁଯୋଗରୁ ବାଦ୍ ଦେବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକାରୀ ହୋଇଥିଲା 'ଆସାମ୍ ନାଗରିକ ପଞ୍ଜିକା' । କିନ୍ତୁ ଏହା ପୂର୍ଣ୍ଣାଙ୍ଗ ରୂପ ନେବା ବେଳକୁ ଜଣାପଡ଼ିଲା ଯେ ବାଂଲାଦେଶୀ ଅନୁପ୍ରବେଶକାରୀ ବା ବହିରାଗତମାନେ ଅବୈଧ ଭାବରେ ହାତେଇ ନେଇଥିବା ଜମି ପଟ୍ଟା ବଳରେ ନାଗରିକ ପଞ୍ଜିକାରେ ସ୍ଥାନ ପାଇଛନ୍ତି, ଅଥଚ ଆସାମର ୧୯ ଲକ୍ଷ ମୂଳ ବାସିନ୍ଦା ପଞ୍ଜିକାରୁ ବାଦ୍ ପଡ଼ିଛନ୍ତି । ସେହି ହତଭାଗ୍ୟମାନେ ନିଜର ନ୍ୟାଯ୍ୟ ଭାରତୀୟତା ପ୍ରମାଣ କରିବା ଏବେ ବିଭିନ୍ନ ଆଇନ ଅଦାଲତକୁ ଦୌଡ଼ୁଛନ୍ତି । ତେଣୁ ଉପରୋକ୍ତ ପରିସଂଖ୍ୟାନ ଆଧାରରେ ବିହାରରେ ଯଦି ଅନୁରୂପ ବିଡ଼ମ୍ବନା ଘଟେ ତେବେ ତାହା ତ ନିର୍ବାଚନ ଆୟୋଗଙ୍କ ମୂଳ ଲକ୍ଷ୍ୟର ବ୍ୟତିକ୍ରମ ହେବ; ତା'ସହିତ ଭୋଟଦାନ ଅଧିକାରରୁ ବଞ୍ଚିତ ଭଳି ଗୁରୁତର ସାମ୍ବିଧାନିକ, ବୈଧାନିକ ଓ ଆଇନଗତ ଜଟିଳତାକୁ ଜନ୍ମ ଦେବ ।

ଆହୁରି ମଧ୍ୟ ଆଶଙ୍କା ପ୍ରକାଶ ପାଉଛି ଯେ ବିହାରରେ ପରୀକ୍ଷଣ ପରେ ଦେଶର ଅନ୍ୟାନ୍ୟ ଏନ୍‌ଡିଏ ଶାସିତ ଏବଂ ପରବର୍ତ୍ତୀ ସମୟରେ ଅଣଏନ୍‌ଡିଏ ଶାସିତ ରାଜ୍ୟରେ ଏହା କାର୍ଯ୍ୟକାରୀ ହୋଇପାରେ । ଯଦି ଅବୈଧ ନାଗରିକ ଚିହ୍ନଟର ଏହା ତ୍ରୁଟିଶୂନ୍ୟ ଆଧାର ହୁଏ, ସେଥିରେ କେହି ବିରୋଧ କରିବାର ନାହିଁ । କିନ୍ତୁ ଏନ୍‌ଆରସି ଆଳରେ ଭାରତର ମୂଳ ବାସିନ୍ଦା ଯଦି ଭୋଟର ଅଧିକାରରୁ ବଞ୍ଚିତ ହେବେ ତାହା ଗ୍ରହଣୀୟ ନୁହେଁ । ଭୋଟର ତାଲିକାର ମୌଳିକ ସଂରଚନା, ବ୍ୟବସ୍ଥା ଓ ନିଷ୍ପତ୍ତିଗତ ଅଧିକାର ଆଦି ରାଜ୍ୟ ବ୍ୟାପାର ନୁହେଁ । ତେଣୁ ଗୋଟିଏ ରାଜ୍ୟରେ ଏତେ ବଡ଼ ଯୁଗାନ୍ତକାରୀ ପରୀକ୍ଷା ନିରୀକ୍ଷା କରିବା ପୂର୍ବରୁ ଏ ଦିଗରେ ଜାତୀୟସ୍ତରରେ ଅଧିକ ବିଚାର ବିମର୍ଶର ଆବଶ୍ୟକତା ଥିବା ଏବଂ ହାତରେ ଅଧିକ ସମୟ ରଖିବା ଉଚିତ ମନେ ହୁଏ ।

# ଉତ୍ତର ଔପନିବେଶିକ ଧର୍ମଚିନ୍ତା

ହରପ୍ରସାଦ ଦାସ

ହିନ୍ଦୁଧର୍ମକୁ ନେଇ ସମଗ୍ର ୟୁରୋପରେ ନୂଆ ବୌଦ୍ଧିକ ଆଗ୍ରହ ସୃଷ୍ଟି ହେବା ସାମୟିକ, କ୍ଷଣସ୍ଥାୟୀ ନା ଆକସ୍ମିକ? ଏ ଆଗ୍ରହ ୧୯୬୪ ବେଳକୁ ଥିଲା କି? ବିଦେଶରେ ପ୍ରକାଶିତ ଧର୍ମ ସମ୍ବନ୍ଧୀୟ ବହିମାନଙ୍କ ଭିତରେ ହିନ୍ଦୁ ଧର୍ମର ଚର୍ଚ୍ଚା, ଦେବଦେବୀ ଓ ଲୋକସାହିତ୍ୟ ତଥା ଦନ୍ତକଥାକୁ ନେଇ ଅବଶ୍ୟ ଥିଲା, କିନ୍ତୁ ତାହା ସମକାଳୀନ ବିଶ୍ୱରେ ଶକ୍ତିତନ୍ତ୍ରର ରାଜନୀତିରେ ପ୍ରବେଶ କରି ନ ଥିଲା । କାରଣ ପାଶ୍ଚାତ୍ୟ ବୌଦ୍ଧିକ ଜଗତ ସେତେବେଳକୁ ପ୍ରାୟ ନିଶ୍ଚିତ ଥିଲା ଯେ ଯେତେସବୁ ଉପନିବେଶରୁ ୟୁରୋପୀୟମାନେ ଓହରିଯାଇଥିଲେ ସେଠି ଗୋଟେ ବୃହତ୍ତର ଉପନିବେଶ ରହିଯାଇଥିଲା । ସେ ଉପନିବେଶ ଥିଲା ବୌଦ୍ଧିକ ଉପନିବେଶ । ତାହା ରଚିତ ହୋଇଥିଲା ଚିନ୍ତାରେ, ଶିକ୍ଷାରେ ଓ ଇଂରେଜୀ ଭାଷା ଦ୍ୱାରା ଗୋଟେ ମହାଦେଶୋପମ ବିଶାଳ, ବିଚିତ୍ର ଓ ଧର୍ମପ୍ରଧାନ କ୍ଷେତ୍ରରେ । ଏ ବୌଦ୍ଧିକ ଉପନିବେଶ ଭାରତୀୟଙ୍କୁ ଏଭଳି ବଦଳେଇ ଦେଇଚି ଯେ ଇଂରେଜ ଗଲାପରେ ବି ଇଂରେଜୀ ରହିବ, ଇଂରେଜିୟତ ରହିବ ଓ ଭାରତ ଏକ କୃତାର୍ଥ ଦୃଷ୍ଟିରେ ଇଂରେଜ ଓ ଇଂରେଜୀକୁ ଅନାଇ ରହିବ । ଏ ଧାରଣା ଭୁଲ ଥିଲା ।

ଏଡ଼ିକି କ୍ଷୁଦ୍ର ଗୋଟିଏ ଦେଶରୁ ଆସି ଏଭଳି ବିଶାଳ କ୍ଷେତ୍ରକୁ ସ୍ଥାନୀୟ ଲୋକଶକ୍ତି ବ୍ୟବହାର କରି ପ୍ରଭାବିତ କରିବା ସହିତ ଆଧୁନିକୀକରଣର ପ୍ରତିମାନ ସ୍ଥାପିତ କରି ସଫଳ ହେବା କିଛି କ୍ଷୁଦ୍ର ବ୍ୟାପାର ନଥିଲା । ଇଂରେଜଙ୍କ ସମ୍ରାଜ୍ୟବାଦୀ ଇତିହାସରେ ଭାରତ ଥିଲା ଏକ ଅତୁଳନୀୟ ଓ ଅନନ୍ୟ ଅନୁଭୂତି । ଏତେ ସମସ୍ୟା ସେମାନେ କୋଉଠି ସାମ୍ନା କରିନଥିଲେ, ଏତେ ହନ୍ତସନ୍ତ ସେମାନେ କୋଉଠି ହେଇନଥିଲେ କି ଏତେବଡ଼ ପ୍ରଶାସକୀୟ ଅଭିଜ୍ଞତା ସେମାନେ କୋଉଠି ପାଇନଥିଲେ । ୧୭୫୭ରୁ ୧୮୫୭ କମ୍ପାନୀ ଶାସନ ଓ ତା'ପରେ ୧୯୪୭ ଯାଏଁ ରାଜଗଣତନ୍ତ୍ର (ଉତ୍ତରାଧିକାର ସୂତ୍ରରେ ରାଜତନ୍ତ୍ରୀୟ ରାଷ୍ଟ୍ରମୁଖ୍ୟ, କିନ୍ତୁ ଲୋକନିର୍ବାଚିତ ପ୍ରତିନିଧିଙ୍କ ସରକାର) ଅଧୀନରେ ଔପନିବେଶିକ ଶାସନ ଏକ ବିଚିତ୍ର ମଡେଲ । ଶେଷ ନବେ ବର୍ଷ କଷ୍ଟକର । ସିପାହୀବିଦ୍ରୋହ (୧୮୫୭) ପରେ ବ୍ରିଟିଶ ପାର୍ଲିଆମେଣ୍ଟ ଓ ନିର୍ବାଚିତ ସରକାର ଭାରତର ଶାସନ ନିଜ ହାତକୁ ନେଇଗଲେ ସିନା ସମ୍ଭାଳିବା ସହଜ ନଥିଲା । ଇଂରେଜମାନଙ୍କ କୂଟର ପ୍ରୟୋଗ ବିଫଳ ହୋଇଚାଲିଲା । ଏଡ଼େ ବିରାଟ ଭୂଖଣ୍ଡର ଭାଷା, ସଂସ୍କୃତି ଓ ଧର୍ମକୁ ଗୋଟିଏ କ୍ଷୁଦ୍ର ବେଷ୍ଟନୀ ଭିତରେ ଆବଦ୍ଧ କରିବାର ଅନୁଭୂତିହୀନ ଉନ୍ମାସିକତା ତାଙ୍କୁ ବିପଦରେ ପକେଇଦେଲା । ଭାବିଦେଖନ୍ତୁ ସେତେବେଳର ଏ ସାଇବଗୁଡ଼ିକ କେଡ଼େ କ୍ଷୁଦ୍ର ଜୀବ ଥିଲେ, ଅଥଚ କେବଳ ଆଟୋପ ଦେଖାଇ କେଡ଼େବଡ଼ ମହାତ୍ତ୍ୱାକାଂକ୍ଷା ନେଇ ନିଜକୁ ଉପସ୍ଥାପିତ କରୁଥିଲେ ଏବଂ ନିଜ ଅଧସ୍ତନ ଦ୍ୱାରା ନିଜ ବଡ଼ପଣର କାହାଣୀ ଲେଖାଇ ତା'କୁ ଇତିହାସର ମାନ୍ୟତା ବି ଦେଇଥିଲେ ।

ନିଜ କ୍ଷୁଦ୍ର ଦେଶର କମ୍ପାନୀ କିରାଣୀ, ଆର୍ମି ଅଫିସର, ସାମନ୍ତ ବଂଶଜମାନଙ୍କୁ ଗଭର୍ଣ୍ଣର ବନେଇ ସାଧାରଣଙ୍କୁ ମହିମାମଣ୍ଡିତ କରି ଥୋଇଲେ । ହେଷ୍ଟିଂସ, କ୍ଲାଇବ, କାନିଙ୍ଗ ଓ ପରେ କର୍ଜନ, ରିପ୍ପନ, ମାଉଣ୍ଟବାଟେନ ଓ ଅନ୍ୟସମସ୍ତେ ଗୋଟିଏ ଷ୍ଟେରିଓଟାଇପ । ଶିଳ୍ପବିପ୍ଳବ ପରର ଲୋକଜୀବନରେ ବ୍ୟାଚ ଉତ୍ପାଦନର ଯେଉଁ ଧାଡ଼ି, ଟାଇପ, ଶ୍ରେଣୀ ପ୍ରବେଶ କଲା ତା'ର ପ୍ରଭାବ ଥିଲା ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସବୁଠି ସାଧାରଣୀକରଣ । ମାଉଣ୍ଟବ୍ୟାଟେନ ଓ ରିପ୍ପନ, ଡେଲହାଉସି ଓ କର୍ଜନ ଏମାନେ ଅଲଗା ସମ୍ଭ୍ରାନ୍ତ୍ୟରେ କିନ୍ତୁ ଏକ ଉନ୍ନାସିକ ପତିଆରାରେ । ଏମାନଙ୍କ ବ୍ୟକ୍ତିପ୍ରତିମାର ଛାୟାଲୋକରେ ଯେଉଁ ଅମଲାତନ୍ତ୍ର କମ୍ପାନୀ ଓ ବ୍ରିଟିଶ ସରକାର ଉପନିବେଶ ପାଇଁ ନିର୍ମାଣ କଲେ ସେଥିରେ ଉନ୍ନାସିକ ପତିଆରା ଗୋଟେ ଅପଠିତ, କିନ୍ତୁ ଅନୁଭୂତ ଛାୟାପାଠ ହୋଇ ରହିଗଲା ।

ମାନିବାକୁ ପଡ଼ିବ ଯେ ଅମଲାତନ୍ତ୍ରର ପ୍ରତିଷ୍ଠା ଥିଲା ଇଂରେଜଙ୍କ ବଡ଼ ସଫଳତା । ଇଏ ଥିଲା ଏକ ପ୍ରତିମାନ ବା ପ୍ରଚଳିତ ମାନର ବିପରୀତରେ ସ୍ଥାପିତ ଏକ ମାନ । ମୋଗଲ ଅମଲାବ୍ୟବସ୍ଥା ତନ୍ତ୍ରରେ ନିର୍ମିତ ହୋଇନଥିଲା । ଭାରତୀୟ ରାଜତନ୍ତ୍ରରେ ଅମଲାବ୍ୟବସ୍ଥା, ବସ୍ତୁତଃ ସବୁ ବ୍ୟବସ୍ଥାର ଭିତରେ ଥିଲା ଧର୍ମ, ତା'ର ବ୍ୟବହାରିକ ନୈତିକତା ଥିଲା ଆଧାମ୍ । କୁହାଯାଇପାରେ ଯେ ସନାତନୀ ଶାସନତନ୍ତ୍ର ଥିଲା ଧର୍ମ ଓ ତା'ର ଅନୁଭୂତି ଥିଲା ଆଧାମ୍ । ଏପରିକି ପରବର୍ତ୍ତୀ କାଳର ବୌଦ୍ଧ ଓ ଜୈନ ରାଜତନ୍ତ୍ରରେ ବି ଆଧାରଭୂତ ରଚନା ଥିଲା ସେଇଆ । କେବଳ ଅମଲାତନ୍ତ୍ର ଦ୍ୱାରା ଶାସନ କରିବା ସମ୍ଭବ ନଥିଲା, ତେଣେ ସନାତନୀ ହିନ୍ଦୁଙ୍କ ପ୍ରକୃତ ଆନୁଗତ୍ୟ ବା ସମ୍ମାନବୋଧର ଧର୍ମସୂତ୍ର ସେମାନଙ୍କ କଳ୍ପନାରେ ନଥିଲା । କ୍ୟାଥଲିକ ଖ୍ରୀଷ୍ଟୀୟ ଧର୍ମଧାରା ଓ ଭାରତୀୟ ସନାତନୀ ଧର୍ମଧାରା ଭିତରେ ଗୋଟିଏ ବଡ଼ ପାର୍ଥକ୍ୟ ଥିଲା । ସନାତନୀ ଧର୍ମ ମାର୍ଗ ଜ୍ଞାନମାର୍ଗ । ଅର୍ଥାତ ଏ ମାର୍ଗରେ ଔପଚାରିକତା ଗୌଣ, ଦର୍ଶନ ମୁଖ୍ୟ । ଏଭଳି ଧର୍ମ ବିଶ୍ୱରେ ଆଉ କାହିଁ? ମୁଁ ଜଣେ ହିନ୍ଦୁ ଭାବରେ ଏକଥା କହୁନାହିଁ । ସବୁ ଧର୍ମର କ୍ୟାନନିକାଲ ପାଠଗୁଡ଼ିକୁ ପଢ଼ିଲା ପରେ ମୁଁ ଏ ନିଷ୍କର୍ଷରେ ଉପନୀତ ହୋଇଚି ଯେ ସନାତନୀ ହିନ୍ଦୁଙ୍କ ଧର୍ମପାଠଗୁଡ଼ିକ ଧର୍ମ ଆଚରଣ ପାଇଁ ବିକଶିତ ହୋଇନାହାନ୍ତି, ଏଗୁଡ଼ିକ ବ୍ରହ୍ମାଣ୍ଡ ସହିତ ଈଶ୍ୱରଙ୍କୁ ନେଇ ବିସ୍ମୟ, ସୃଜନଶୀଳତା, କଳା ଓ କଳ୍ପନାର ବୌଦ୍ଧିକ ଆକଳନ ଓ ବିଚାର । ଯାକୁ ଲୋକାୟତରେ ପରିଚାଳିତ କରିବା ପାଇଁ ପୁରାଣମାନଙ୍କ ରଚନା । ପୁରାଣର ମର୍ମ ସାଧାରଣ ବୋଧଗମ୍ୟତା ପାଇଁ କଥାବାଚନ ଓ ପାରାୟଣ ଦ୍ୱାରା ପ୍ରସାରିତ । ସଂକ୍ଷେପରେ ହିନ୍ଦୁ ଜ୍ଞାନମାର୍ଗ ଏକ ତ୍ରିସ୍ତରୀୟ ମହାପଥ ବା ହାଇୱେ । ଲକ୍ଷ୍ୟସ୍ଥଳ ଗୋଟିଏ । ଜୀବରେ ପରମ ଓ ପରମରେ ଜୀବର ସ୍ଥାପନା । ଏତିକି ହୋଇଗଲେ ବସୁଧା ଏକ କୁଟୁମ୍ବ, ବିଶ୍ୱ ମଧୁମୟ ଓ ନିସର୍ଗ ସହିତ ସମଗ୍ର ବ୍ରହ୍ମାଣ୍ଡ ରାହସ୍ୟାବୃତ । ରହସ୍ୟ ଉଦଘାଟନ ଭାରତୀୟଙ୍କ ବିଜ୍ଞାନ ନୁହେଁ । ରହସ୍ୟ ଉତ୍ପାଦନ ବି ନୁହେଁ । ରହସ୍ୟକୁ ରହସ୍ୟ କରି ରଖିବାରେ ଭାରତୀୟ ସ୍ୱତନ୍ତ୍ରତା । ଯା ସହିତ ବିଶ୍ୱର ଚଳନ୍ତି ଆଧୁନିକତାର ଯୋଡ଼ ବସିବକି ନାହିଁ, ତାର ବିଚାର ପରେ । ଏବେ ସଂକ୍ଷେପରେ କେବଳ ସୂଚାଇ ଦେଉଚି ଯେ ବର୍ତ୍ତମାନର ସଂକ୍ରାମକ ଆଧୁନିକତାରୁ ଅତିବୁଦ୍ଧି, ଅତିବିଜ୍ଞାନ ଓ ଅତିଆସ୍ପର୍ଦ୍ଧା - ଏହି ତିନୋଟି 'ଅତି' ବାହାରିଗଲେ ମଣିଷ ତା'ର ମଣିଷ ହେବାର ତାତ୍ପର୍ଯ୍ୟ ଫେରିପା'ନ୍ତା । ଭାରତୀୟ ଧର୍ମଚିନ୍ତନରେ ସନାତନ ଅର୍ଥାତ ଅବିନାଶୀ ଚିରନ୍ତନତା ମଣିଷକୁ ମଣିଷ କରି ରଖିବାରେ ।

ଶଙ୍କରାଚାର୍ଯ୍ୟଙ୍କ କାଶ୍ମୀରରୁ କନ୍ୟାକୁମାରୀ ଯାଏଁ ଯେଉଁ ଜୟଯାତ୍ରା ତାକୁ ଧର୍ମପ୍ରତିଷ୍ଠାର ଅଭିଯାନ ବୋଲି କହିବାର ତାତ୍ପର୍ଯ୍ୟ ଉପରଠାଉରିଆ । ପ୍ରକୃତରେ ଏହା ଥିଲା ଏକ ଜୀବନମୂଲ୍ୟ ବା ସିଦ୍ଧାନ୍ତର ତର୍କଯାତ୍ରା । ଯାର ପଟାନ୍ତର ନାହିଁ । ସପ୍ତମ-ଅଷ୍ଟମ ଶତାବ୍ଦୀରେ ସନାତନ ସହିତ ଏକେଶ୍ୱର ଗୋଟିଏ ବଡ଼ ତର୍କରେ ପରିଣତ ହୋଇଥିଲା ଜୈନ ଓ ବୌଦ୍ଧ ଉପଧାରା ପାଇଁ ଭୂମି ସନ୍ଧାନରେ ଥିବା ତର୍କବାଗୀଶଙ୍କ ଯୋଗୁଁ । ସନାତନୀ ପୃଷ୍ଠଭୂମି ପରିତ୍ୟାଗ କରି ଗୋଟିଏ ଆର୍ଖନୂଆ ଭୂମିରେ ଧର୍ମପ୍ରତିଷ୍ଠା ମହାବୀର ବା ବୁଦ୍ଧ ଚାହୁଁନଥିଲେ । ସେମାନେ ସନାତନର ମାର୍ଗୀ ଦାର୍ଶନିକ ଥିଲେ, ଅହିଂସ ମଧ୍ୟମ ମାର୍ଗ ଥିଲା ସନାତନର ବୈଦିକ-ବ୍ରାହ୍ମଣ୍ୟ ଉପଚାରସର୍ବସ୍ୱତାରୁ ସହଜ ସମାଧାନ ପାଇବାର ଲୋକମାର୍ଗ । ଲୋକଭାଷାରେ ଲୋକଙ୍କ ପାଖରେ ସନାତନୀ ପ୍ରଜ୍ଞାର ଆଲୋକ ପହଞ୍ଚାଇବା ଥିଲା ଜ୍ଞାନୋଦୟର ଧର୍ମାନୁଭବ । ପରେ ଯେତେବେଳେ ଏହା ଅନୁଷ୍ଠାନରେ ପରିଣତ ହୋଇଗଲା, ଏପରିକି ରାଜଧର୍ମ ଭାବରେ ଗୃହୀତ ହୋଇଗଲା, ସେତେବେଳେ ଯା'ର ସନାତନୀ ମୂଳ ଉତ୍ପାଟିତ ହେବାର ଭୟ ଆସିଗଲା । ସନାତନୀ ପ୍ରାଜ୍ଞ, ବୈଦିକ ବ୍ରାହ୍ମଣ ପଣ୍ଡିତ ଓ ବୌଦ୍ଧ-ଜୈନ ଧର୍ମପ୍ରଚାରକ - ଏ ତ୍ରିଶକ୍ତି ଏକାସାଙ୍ଗରେ ସକ୍ରିୟ ହେଲେ ଓ ପରସ୍ପର ସହିତ ତର୍କ କଲେ । ଶଙ୍କରାଚାର୍ଯ୍ୟ ଥିଲେ ସନାତନର ଅନ୍ତିମ ତାର୍କିକ । ସେ ଯେଉଁ ଚତୁର୍ଧାମର ପ୍ରତିଷ୍ଠା କଲେ ଓ ତା'ସହିତ ଯେଉଁଭଳି ଭାବରେ ଯୁଗକଳ୍ପନାକୁ ଆଣି ଯୋଡ଼ିଲେ, ତହିଁରେ ଏକ ରୋମାଞ୍ଚକ ବିସ୍ମୟ ଥିଲା ପୁରୀର ଜଗନ୍ନାଥ ଧାମ । ଜଗନ୍ନାଥ କଳ୍ପିତ ହେଇଥିଲେ ଜନଜାତୀୟ ଉପାସ୍ୟ ଶଙ୍କୁ ପ୍ରତୀକ ଭାବରେ, ତାହା ବ୍ରାହ୍ମଣ୍ୟ ଔପଚାରିକତାରୁ ମୁକ୍ତଥିଲା । ଶଙ୍କରାଚାର୍ଯ୍ୟ ଦୂରଦର୍ଶୀ ପ୍ରାଜ୍ଞପୁରୁଷ ଠିକ ଦେଖିଥିଲେ ଯେ ଜଗନ୍ନାଥରେ ହିଁ ସ୍ଥାନ-କାଳ, ତାଙ୍କରି ନିର୍ମିୟମାଣ ଭଙ୍ଗୁରତାରେ ଚଳମାନ ବର୍ତ୍ତମାନ, ସେହିଁ ନିରାକାରଙ୍କର ମଣିଷ ହାତରେ ଗଢ଼ା ଅମୂର୍ତ୍ତ ମୂର୍ତ୍ତି ଶ୍ରୀଜଗନ୍ନାଥ । ସେହି ଅମୂର୍ତ୍ତର ଆକାରପ୍ରାପ୍ତି ଦନ୍ତକଥା ଭଳି ଲାଗୁଚି, କିନ୍ତୁ ଏହା ଏକ ପ୍ରତୀକ ନିର୍ମାଣ ।

ସରଳ ଭାବରେ କହିଲେ ସନାତନୀ ହିନ୍ଦୁଙ୍କ ଧର୍ମଚିନ୍ତା ଜୀବନଠାରୁ ଅଲଗା ନୁହେଁ, ଯେତେବେଳେ କି ହିନ୍ଦୁଙ୍କ ଧର୍ମଚିନ୍ତାକୁ ଜୀବନଠାରୁ ଅଲଗା କରି ଏକ ରାଜନୈତିକ ଦୃଷ୍ଟିକୋଣରୁ ଦେଖିବାର ପ୍ରୟାସ ଜାରି ରହିଚି ପଶ୍ଚିମରେ । ଏବେ ପୁରୀରେ ରଥଯାତ୍ରା ଦିନ ଘଟିଥିବା ଅଘଟନ ଯେଉଁ କାରଣରୁ ବିଘଟିଥାଉ ସାଧାରଣ ଲୋକେ ଆତଙ୍କିତ ଯେ ଜଗନ୍ନାଥ ରୁଷ୍ଟ । ଶ୍ରୀମନ୍ଦିର ପ୍ରଶାସକ ଏବଂ ସରକାର ପ୍ରଭୁଙ୍କୁ କ୍ଷମାମାଗିବା ଗୋଟେ ଧର୍ମୀୟ ବ୍ୟାପାର ନା ସମାଜ, ରାଜନୀତି ଓ ପ୍ରଶାସନକୁ ଏକାଠି କରି ଆସ୍ଥାରେ ନ୍ୟସ୍ତ କରିବାର ସ୍ୱାଭାବିକ ପ୍ରତିକ୍ରିୟା? ଏଠି ସ୍ମରଣରେ ରହୁ ଯେ ପ୍ରଥମ ଓଡ଼ିଆ ଗଜପତି କପିଳେନ୍ଦ୍ରଦେବ ଜଗନ୍ନାଥଙ୍କୁ ରାଷ୍ଟ୍ରଦେବତା ମାନିଥିଲେ । ବସ୍ତୁତଃ ସେ ବର୍ତ୍ତମାନ ସମୟର ଏ ଦେଶ ଓ ରାଷ୍ଟ୍ର ଥିଲା ଯାଏଁ ଭାରତର ରାଷ୍ଟ୍ରଦେବତା । କୁହାଯାଉ କି ନ କୁହାଯାଉ ଶଙ୍କରାଚାର୍ଯ୍ୟ ଯେ ଜଗନ୍ନାଥଙ୍କ ସର୍ବସମନ୍ୱୟୀ, ସର୍ବମାନ୍ୟ ଐଶୀସତ୍ତା ଓ ତା'ର ରୂପ ପରିଗ୍ରହ ପର୍ଯ୍ୟନ୍ତ ସମଗ୍ର ବିଚାରଧାରାକୁ ସନାତନୀ ଜୀବନଧାରା ଭାବରେ ଗ୍ରହଣ କରିନେଇଥିଲେ ଏଥିରେ ସନ୍ଦେହ ନାହିଁ । ନଚେତ ସେ ଜଗନ୍ନାଥଙ୍କ ଆରାଧନା ଓ କର୍ମକାଣ୍ଡରେ ବାହ୍ୟ ପରିବର୍ତ୍ତନ କରି ଛାଡ଼ିଦେଇ ନ ଥା'ନ୍ତେ । ଶଙ୍କରଙ୍କ ଅବଦାନ ସନାତନୀ ଦେବତାଙ୍କର ଜନଜାତୀୟ ପ୍ରତିଷ୍ଠାରେ । ଏବେ ମଧ୍ୟ ତାହା ଅପ୍ରତିହତ ।

ବିଶ୍ୱରେ ଅବଦମନର ରାଜନୀତିରେ ପଶ୍ଚିମାଙ୍କ ଦୃଷ୍ଟି ଭାରତକୁ ସଂହତ ଓ ସମନ୍ୱିତ କରି ରଖିଥିବା ସେଇ ରହସ୍ୟମୟ ଶକ୍ତି ଉପରେ ଯାହା ବାହାରକୁ ଦିଶୁନାହିଁ, କିନ୍ତୁ କାର୍ଯ୍ୟ କରିଚାଲିଚି । ତାହା ଧର୍ମ । ସେମାନେ ଏ ସତ୍ୟକୁ ଶାସକ ଭାବରେ ଧରିପାରିନଥିଲେ କି ଏବେବି ଧରିପାରୁନାହାନ୍ତି । ତାଙ୍କ ବହି ଗୋଟେ ଆଡ଼େ ଆମ ଆସ୍ଥାର ଗତି ଆଉ ଗୋଟେଆଡ଼େ । ଗୁହ୍ୟ ଓ ଅପ୍ରକଟ୍ୟ ହୋଇଥିବା ହେତୁ ଆମ ଧର୍ମର କାଇନେଟିକ ବା ଚଳତଶକ୍ତି ଏକ ମର୍ମ, ଭାଷ୍ୟ ନୁହେଁ ।

ଭୁବନେଶ୍ୱର, ମୋ: ୯୪୩୭୦୩୯୮୫୮

# କବିତା ପାଠର ନୂଆ ଧାରା

ଧ୍ରୁବ ଚରଣ ଘିବେଲା

ସାହିତ୍ୟ ସଭାଟିଏ କରାଯାଉଛି ମାନେ ସେଠି ଗହଳ ଚହଳ ପରିବେଶଟିଏ ତିଆରିବା ପାଇଁ ସଂଯୋଜିତ ଥାଏ କବିତାପାଠର ଭବ୍ୟ ଆୟୋଜନ । ସେଠାକୁ ପୁଣି ନିମନ୍ତ୍ରିତ ଥା'ନ୍ତି କେତେ କବି, କବୟତ୍ରୀ । ସାଧାରଣତଃ ଅନେକ ସ୍ଥାନରେ ଆଗ ହୁଏ ସାହିତ୍ୟ ସଭା ଏବଂ ତା'ପରେ କରାଯାଏ କବିତା ପାଠ । ସାହିତ୍ୟ ସଭା ଓ କବିତା ପାଠ ମଧ୍ୟରେ କେଉଁଠି କେଉଁଠି ସୁବ୍ୟବସ୍ଥିତ ଥାଏ ସୁସ୍ୱାଦୁ ଭୋଜନର ବ୍ୟବସ୍ଥା । ସଭା ପରେ ଯାଇ ହୁଏ ଭୋଜନ । ତା'ପରେ କବିତା ପାଠର ସୁନ୍ଦର ଆୟୋଜନ । ସାହିତ୍ୟ ସଭା ପରି କବିତାପାଠ କାର୍ଯ୍ୟକ୍ରମରେ ମଞ୍ଚାସୀନ ରହନ୍ତି ସଭାପତି, ଅତିଥିଙ୍କ ସହିତ କବିମାନଙ୍କ କବିତାଗୁଡ଼ିକର ସୁସଂଯୋଜନା ପାଇଁ ସଂଯୋଜକ ସଂଯୋଜିକା । ସେମାନଙ୍କ ସରସ ସୁନ୍ଦର ସଂଯୋଜନାରେ ରସାଳ କବିତା ପାଠ ଗତିଶୀଳ ରହିଥାଏ କବିମାନଙ୍କ ଭିନ୍ନ ଭିନ୍ନ ଶୈଳୀରେ କବିତାପାଠ କରିବା ଭିତରେ । ଆଜିକାଲି କବିତାପାଠ କାର୍ଯ୍ୟକ୍ରମକୁ ଅଧିକ ମନୋଜ୍ଞ ଓ ମନୋହର କରିବା ପାଇଁ ମଞ୍ଚରେ ସଙ୍ଗୀତ, ନାଚ ଓ ଗୀତ ପରିବେଷଣ ବ୍ୟବସ୍ଥା କରାଗଲାଣି । ତଥାପି ଦେଖାଯାଏ ନାନା ବାହାନା ଦେଖାଇ କେହି କେହି କବି ନିଜ କବିତାଟି ପଢ଼ି ସାରି ସେଠୁ ଖସିଯିବାର ଧାରାବାହିକ ଉପକ୍ରମ କରନ୍ତି । ଏଥିରେ ହୁଏ କ'ଣ ନା କବିତାପାଠର ଶେଷଆଡ଼କୁ ଆଉ ବିଶେଷ କବି କେହି ନ ଥା'ନ୍ତି । ଯାହାର କବିତା ଥିବ, ସେଇ ଦୁଇ/ତିନି ଜଣ ଯାହା ରହିଥା'ନ୍ତି ।

ଥରେ ଗୋଟେ ସଂସ୍ଥାର ବାର୍ଷିକ ଉତ୍ସବ ଆୟୋଜନ ପାଇଁ ଆହୂତ ପ୍ରାକ ବୈଠକ ସଭାରେ କବିତାପାଠର ଶେଷଭାଗରେ କବି ଓ କବିତା ମରୁଡ଼ି ବା କବିଙ୍କ ଅନୁପସ୍ଥିତିକୁ (ନିଜ କବିତା ପଢ଼ି ସାରି କବିଙ୍କ ପଳାଇବା ଦୁଃସ୍ଥିତିକୁ) କେମିତି ଏଡ଼ାଇ ଦିଆଯାଇପାରିବ ସେ ନେଇ ବିଚାରବିମର୍ଶ ଚାଲିଲା । ଜଣେ ସଦସ୍ୟ କହିଲେ ସଭାଶେଷରେ ସବୁ କବିଙ୍କୁ ପ୍ରଶସ୍ତିପତ୍ର ଦେବାର ବ୍ୟବସ୍ଥା ରଖାଯାଉ । ଆଉ ଜଣେ ସଦସ୍ୟ ତାଙ୍କ ଅନୁଭୂତିରୁ ଏକ ପ୍ରସ୍ତାବ ରଖିଲେ ଯେ ଉତ୍ସବର ମାସକ ଆଗରୁ କବିମାନଙ୍କୁ ଆହ୍ୱାନ କରାଯିବ ସ୍ୱରଚିତ କବିତା ଦାଖଲ କରିବା ପାଇଁ । ତା'ପରେ ଆସିଥିବା କବିତା ସଂଖ୍ୟା ଦେଖି କବିମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ କବିତା ପଢ଼ିବା ପାଇଁ ତାଲିକା ପ୍ରସ୍ତୁତ କରାଯିବ । ଯଦି ଷାଠିଏ କବିଙ୍କ କବିତା ଚୂଡ଼ାନ୍ତ ହେଲା ତେବେ ଚାରୋଟି ପର୍ଯ୍ୟାୟରେ ପନ୍ଦର ଜଣ ଲେଖାଏଁ କବି କବିତାପାଠ କରିବେ । ଏ ପ୍ରସ୍ତାବରେ ସମସ୍ତେ ସମ୍ମତି ଜଣାଇଲେ ।

ପରବର୍ତ୍ତୀ ଉତ୍ସବ ସଭାକାର୍ଯ୍ୟ ସମୟ ରଖାଯାଇଥିଲା ଦିନ ଘ.୧୧.୪୫ମି. ରୁ ଘ.୧.୪୫ମି. ପର୍ଯ୍ୟନ୍ତ । ବାର୍ଷିକ ସଭା ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ପନ୍ଦର ଜଣ ଲେଖାଏଁ କବି କବିତା ପଢ଼ିଲେ । ଆଗରୁ ବି ସୂଚନା ଦିଆଯାଇଥିଲା ସଂଯୋଜକ ଅତି ସଂକ୍ଷିପ୍ତ ବକ୍ତବ୍ୟ ରଖିବେ । କବି ସେମିତି ଅନାବଶ୍ୟକ ଭାବେ କବିତା ବ୍ୟତୀତ ଅନ୍ୟକଥା ରଖିବେ ନାହିଁ । ସମସ୍ତେ ସୂଚନା ମାନିଥିବାରୁ ନିର୍ଦ୍ଧାରିତ ସମୟରେ କବିତା ପାଠ ସରିଥିଲା ସଭା ଆଗରୁ । କବିତା ପାଠ ପରେ ସଭିଏଁ ମଞ୍ଚରୁ ଓହ୍ଲେଇ ଥିଲେ ଏକାଥରକେ । ତା'ପରେ ପରବର୍ତ୍ତୀ ପନ୍ଦର ଜଣ କବି ସସମ୍ମାନେ ମଞ୍ଚାସୀନ ହୋଇ କବିତା ପାଠ କରିଥିଲେ । ବାର୍ଷିକ ସଭା ପରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥିତ ଥିଲା । ତା'ପରେ ତୃତୀୟ ପର୍ଯ୍ୟାୟ କବିତାପାଠ ସେଇ ସମାନ ଢାଞ୍ଚାରେ କରାଯାଇଥିଲା । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା ବାହାର କବିଙ୍କୁ ଆଗ କବିତା ପଢ଼ିବା ପାଇଁ ସୁଯୋଗ ଦିଆଯାଇଥିଲା ଏବଂ ତୃତୀୟ ପର୍ଯ୍ୟାୟରେ ସ୍ଥାନୀୟ କବି କବିତା ପାଠ କରିଥିଲେ । ଏଥିରେ ଦେଖାଗଲା କବିମାନେ କବିତା ପଢ଼ିଲା ପରେ ପାଠୋତ୍ସବ ସ୍ଥଳି ଛାଡ଼ି ଯାଇନଥିଲେ ।

ବାର୍ଷିକ ଉତ୍ସବ ପାଇଁ ନାଁ ପଞ୍ଜିକରଣ ବେଳେ ଫୁଲ ଚନ୍ଦନ ଦେଇ କବିଙ୍କୁ ବି ସୁସ୍ୱାଗତମ କରାସରିଥାଏ । ସେଠି କିଛି ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ପ୍ରଶସ୍ତିପତ୍ର, ସାଲ ଓ ସ୍ମାରକ ଫଳକ ଦିଆଯାଇ । ସବୁ କବିଙ୍କୁ ବି ମିଳିଥିଲା ପ୍ରଶଂସାପତ୍ର । ନୂଆ ତରିକାରେ କବିତା ପାଠ ଧାରା ଭଲ ଥିଲା । ଜଣକ ପରେ ଜଣେ ମଞ୍ଚକୁ ଯାଇ କବିତା ପଢ଼ି ପୁଣି ଫେରିଆସି ମଞ୍ଚ ସାମ୍ନାରେ ବସିବା ଧାରାଠୁ ପର୍ଯ୍ୟାୟଭିତ୍ତିକ କବିତାପାଠରେ ଜଣେ କବି ନିଜ କବିତା ପଢ଼ି ସାରିଲା ପରେ ଘଣ୍ଟାଏ କାଳ ମଞ୍ଚରେ ବସିବାର ଅନୁଭବ ନିଶ୍ଚୟ ନିଆରା ଥିଲା । ସବୁ କାର୍ଯ୍ୟକ୍ରମ ସରିଲା ପରେ ନୂଆ କବିତା ପାଠ ଧାରାକୁ ସ୍ଥାନୀୟ କବି ପ୍ରଶଂସା କରିବାରେ କାର୍ପଣ୍ୟତା ପ୍ରକାଶ କରିନଥିଲେ ।

ବଉଦରାଜ (ବୌଦ୍ଧ), ମୋ: ୯୪୩୭୪୭୮୪୬୬

# ବାସି ଖାଦ୍ୟ, ଝାଡ଼ୁ ଅର୍ପଣରେ ଦୂର ହୁଏ ଚର୍ମରୋଗ

ଓଜସ୍ୱିନୀ

ଆଜିକାଲିର ପ୍ରଦୂଷିତ ପରିବେଶ ପାଇଁ ବିଭିନ୍ନ ପ୍ରକାର ଚର୍ମରୋଗର ପ୍ରାଦୁର୍ଭାବ ବଢ଼ି ବଢ଼ି ଚାଲିଛି । ଚର୍ମରୋଗ ବିଶେଷଜ୍ଞମାନଙ୍କ ପାଖରେ ଚିକିତ୍ସିତ ହେବା ପରେ ରୋଗୀ କିଛିମାତ୍ରାରେ ସୁସ୍ଥ ହେଉଛନ୍ତି । ଅନେକେ କସ୍‌ମେଟିକ୍ ସର୍ଜରୀର ସାହାରା ମଧ୍ୟ ନେଉଛନ୍ତି, ଯାହାକି ବ୍ୟୟବହୁଳ । ଡାକ୍ତରୀ ସୁବିଧା ନଥିବା କିମ୍ବା ଅର୍ଥବଳ ନଥିବା ରୋଗୀମାନେ କିନ୍ତୁ ଆରୋଗ୍ୟ ଲାଭ ପାଇଁ ଈଶ୍ୱରଙ୍କ ଉପରେ ହିଁ ଭରସା କରିଥା'ନ୍ତି । ଭାରତରେ ଏଭଳି ଦୁଇଟି ଚମତ୍କାରୀ ମନ୍ଦିର ଅଛି, ଯେଉଁଠି ସମସ୍ତପ୍ରକାର ଚର୍ମରୋଗରୁ ମୁକ୍ତି ମିଳିଥାଏ । ଗୋଟିଏ ହେଉଛି ରାଜସ୍ଥାନର ଭରତପୁର ଜିଲ୍ଲାସ୍ଥିତ ବ୍ରହ୍ମବାଦଠାରେ ଥିବା ମା' ଶୀତଳାଙ୍କ ମନ୍ଦିର ଏବଂ ମୁର୍ଶୀଦାବାଦ୍-ଆଗ୍ରା ରାଜପଥ ନିକଟରେ ସଦ୍‌ଥିଠାରେ ଥିବା ମହାଦେବ ପୂଜା ପାଉଥିବା ପାତାଳେଶ୍ୱର ମନ୍ଦିର ।

ସ୍କନ୍ଦପୁରାଣ ଅନୁସାରେ ମା' ଶୀତଳା ହେଉଛନ୍ତି ସ୍ୱଚ୍ଛତାର ଦେବୀ । ଗଧ ବାହିନୀ ମା' ନିମ୍ବ ପତ୍ର, ଝାଡ଼ୁ, କଳସ ଓ ସୂପ ଧାରଣ କରିଛନ୍ତି । ପାରମ୍ପରିକ ଚିକିତ୍ସା ବିଜ୍ଞାନରେ ହାଡ଼ଫୁଟି ଉପଶମ ପାଇଁ ଏଗୁଡ଼ିକ ଉପଯୋଗ ହେଉଥିବାରୁ ମା' ଶୀତଳାଙ୍କୁ ସଂକ୍ରାମକ ରୋଗନାଶିନୀ ଭାବେ ବର୍ଣ୍ଣନା କରାଯାଇଛି । ବହୁପୂର୍ବରୁ ଯେତେବେଳେ ହାଡ଼ଫୁଟିର ପ୍ରାଦୁର୍ଭାବ ଅଧିକ ଥିଲା, ସେତେବେଳେ ମା' ଶୀତଳାଙ୍କୁ ପୂଜା କରିବା ଦ୍ୱାରା ବ୍ୟକ୍ତି ସୁସ୍ଥ ହେବା ସହିତ ଶରୀର ଦାଗମୁକ୍ତ ହେଉଥିଲା ବୋଲି ଜନଶ୍ରୁତି ଅଛି । ବର୍ତ୍ତମାନ ସମୟରେ ମଧ୍ୟ ମା' ଶୀତଳାଙ୍କୁ ସମସ୍ତ ପ୍ରକାର ଚର୍ମରୋଗରୁ ମୁକ୍ତି ପାଇଁ ସେଠାରେ ପୂଜାର୍ଚ୍ଚନା କରାଯାଉଛି । ମନ୍ଦିରରେ ଥିବା ଏକ କୂଅରୁ ମା' ଶୀତଳାଙ୍କ ଆବିର୍ଭାବ ହୋଇଥିଲା ବୋଲି କଥିତ ଅଛି । ସେହି କୂଅର ପାଣି ପିଇବା ଓ ସ୍ନାନ କରିବା ଦ୍ୱାରା ସବୁ ଚର୍ମରୋଗ ଦୂର ହୋଇଥାଏ । ଏହାସହିତ ମା'ଙ୍କ ପାଖରେ ବାସି ଓ ଥଣ୍ଡା ଖାଦ୍ୟ ଭୋଗ କରିବାର ବିଧି ମଧ୍ୟ ରହିଛି । ମହିଳାମାନେ ମା'ଙ୍କୁ ଦର୍ଶନ କରିବାର ଗୋଟିଏ ଦିନ ପୂର୍ବରୁ ଭୋଗ ପ୍ରସ୍ତୁତ କରି ରଖିଥା'ନ୍ତି । ଶିତଳାଷ୍ଟମୀ ଦିନ ଏଠାରେ ମା'ଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଏ ଏବଂ ଗୋଟିଏ ବଡ଼ ମେଳାର ଆୟୋଜନ ହୋଇଥାଏ, ଯାହାକୁ ବସୌଡ଼ା ପର୍ବ କୁହାଯାଏ । ଏହିଦିନ ଭକ୍ତମାନେ ସେମାନଙ୍କର ପରିବାରର ମଙ୍ଗଳକାମନା କରି ମା'ଙ୍କ ଦର୍ଶନ ପାଇଁ ଆସିଥା'ନ୍ତି । ମା' ଶୀତଳାଙ୍କ ମନ୍ଦିର ବ୍ରହ୍ମବାଦଠାରେ କିଭଳି ପ୍ରତିଷ୍ଠା ହେଲା ଏବଂ ମା'ଙ୍କ ପାଖରେ ବାସି ଖାଦ୍ୟ କାହିଁକି ଭୋଗ ହୁଏ, ସେ ସମ୍ପର୍କରେ ଅନେକ ଲୋକକଥା ଏବଂ ପୌରାଣିକ କଥା ରହିଛି ।

**ବିଶ୍ୱାସ ଓ ବିଜ୍ଞାନ**

ମୁର୍ଶୀଦାବାଦ୍-ଆଗ୍ରା ରାଜପଥ ନିକଟସ୍ଥ ସଦ୍‌ଥିଠାରେ ଥିବା ପ୍ରାୟ ୧୫୦ ବର୍ଷ ପୁରୁଣା ପାତାଳେଶ୍ୱର ମନ୍ଦିରର ବିଶେଷତ୍ୱ ହେଉଛି, ଚର୍ମରୋଗରୁ ମୁକ୍ତି ପାଇଁ ଏଠାରେ ଭକ୍ତମାନେ ଶିବଲିଙ୍ଗ ନିକଟରେ ଝାଡ଼ୁ ଅର୍ପଣ କରିଥା'ନ୍ତି । କିମ୍ବଦନ୍ତୀ ଅନୁଯାୟୀ ବହୁବର୍ଷ ପୂର୍ବେ ସଦ୍‌ଥିଠାରେ ଭିକାରୀ ଦାସ ନାମକ ଜଣେ ଅତ୍ୟନ୍ତ ଧନୀ ବ୍ୟବସାୟୀ ରହୁଥିଲେ । ସେ ଗମ୍ଭୀର ଚର୍ମରୋଗରେ ପୀଡ଼ିତ ଥିଲେ । ଏକଦା ସେ ଔଷଧ ଆଣିବା ପାଇଁ ସହର ଯିବା ସମୟରେ ଏହି ଗାଁ ନିକଟରେ ଅଟକିଥିଲେ । ଶୋଷ ମେଣ୍ଟାଇବା ପାଇଁ ନିକଟରେ ଥିବା ଆଶ୍ରମକୁ ଗଲେ । ସେଠାରେ ଜଣେ ସନ୍ନ୍ୟାସୀ ଦାଣ୍ଡ ଓଳାଉଥିଲେ । ସନ୍ନ୍ୟାସୀଙ୍କର ଝାଡ଼ୁ ବ୍ୟବସାୟୀଙ୍କ ଗୋଡ଼ରେ ବାଜିବାରୁ ଚମତ୍କାର ଭାବେ ସେ ଚର୍ମରୋଗରୁ ତତ୍‌କ୍ଷଣାତ୍ ମୁକ୍ତ ହୋଇଯାଇଥିଲେ । ପ୍ରତିଦାନ ସ୍ୱରୂପ ବ୍ୟବସାୟୀଜଣକ ସନ୍ନ୍ୟାସୀଙ୍କୁ ଅନେକ ସୁନା ମୋହର ଦେଲେ । କିନ୍ତୁ ସନ୍ନ୍ୟାସୀ ତାହାକୁ ଗ୍ରହଣ ନକରି ଆଶ୍ରମରେ ଗୋଟିଏ ମହାଦେବଙ୍କ ମନ୍ଦିର ନିର୍ମାଣ କରାଇବା ପାଇଁ ଇଚ୍ଛା ପ୍ରକାଶ କଲେ । ସେବେଠାରୁ ସେଠାରେ ମହାଦେବ ଶିବଲିଙ୍ଗ ସ୍ୱରୂପରେ ପାତାଳେଶ୍ୱର ଭାବେ ପୂଜା ପାଇ ଆସୁଛନ୍ତି । ଏଠାରେ ଭକ୍ତମାନେ ଝାଡ଼ୁ ଅର୍ପଣ କରିବା ଦ୍ୱାରା ଅନେକ ପ୍ରକାର ଚର୍ମରୋଗରୁ ମୁକ୍ତି ପାଇଥା'ନ୍ତି । ଭାରତ ବାହାରୁ ମଧ୍ୟ ଏଠାକୁ ଅନେକ ଭକ୍ତ ଆସି ସୁସ୍ଥ ହୋଇ ଫେରିଛନ୍ତି ବୋଲି ସ୍ଥାନୀୟ ଲୋକମାନଙ୍କଠାରୁ ଶୁଣିବାକୁ ମିଳେ । ଓଡ଼ିଶାର ଉଷ୍ମ ପ୍ରସ୍ରବଣ ତପ୍ତପାଣି କୁଣ୍ଡରେ ସ୍ନାନ କରିବା ଦ୍ୱାରା ମଧ୍ୟ ଚର୍ମରୋଗ ଦୂର ହୋଇଥାଏ ବୋଲି ବିଶ୍ୱାସ ଅଛି । ଭଗବାନଙ୍କ ଉପରେ ଅତୁଟ ଭରସା ଓ ବିଶ୍ୱାସ ହିଁ ରୋଗମୁକ୍ତିରେ ମହୌଷଧି ପାଲଟିଯାଏ ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

### ବିଜେପି ବିଧାୟକଙ୍କ ଗାଡ଼ିରେ ଚୋରା ଗଞ୍ଜେଇ ଓ ମଦ ଚାଲାଣ

# ବିଧାୟକଙ୍କୁ ସରକାର ଘଣ୍ଟ ଘୋଡ଼ାଉଛନ୍ତି: ବିଜେଡି

**ଭୁବନେଶ୍ୱର,୩।୭ (ସମିସ):** ଭୁବନେଶ୍ୱରର ନାଲକୋ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିଜେପି ବିଧାୟକ ପ୍ରକାଶ ସୋରେନଙ୍କ ଗାଡ଼ିରୁ ଗଞ୍ଜେଇ ଓ ମଦ ଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓକୁ ଆଧାର କରି ବିଜେଡି ପକ୍ଷରୁ ବିଜେପିର ବିଧାୟକ ମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିବା ବେଳେ ରାଜ୍ୟ ସରକାର ତାଙ୍କୁ ଘଣ୍ଟ ଘୋଡାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି କହିଛନ୍ତି ଯେ ରାଜଧାନୀର ଜନଗହଳି ପୂର୍ଣ୍ଣ ନାଲକୋ ଛକରେ ସ୍ୱଷ୍ଟ ଦିବାଲୋକରେ ହୋଇଥିବା ଏହି ଦୁର୍ଘଟଣା ବେଳେ ବିଧାୟକ ପ୍ରକାଶ ସୋରେନଙ୍କ ପୁଅ ଓ ତାଙ୍କର ପାଞ୍ଚ ଜଣ ସହଯୋଗୀ ଏହି ଗାଡ଼ିରେ ଥିଲେ। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ସ୍ଥାନୀୟ ଲୋକମାନେ ରୁଣ୍ଡ ହୋଇ ଯାଇଥିଲେ। ବିଧାୟକଙ୍କ ଦୁର୍ଘଟଣାଗ୍ରସ୍ତ ଗାଡ଼ିରେ ମଦ ବୋତଲ ଓ ଗଂଜେଇ ଥିବାର ସ୍ଥାନୀୟ ଜନସାଧାରଣ ଦେଖିବା ପରେ ଏହାର ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଛାଡିଥିଲେ, ଯାହା ଭାଇରାଲ ହେବାରେ ଲାଗିଛି। ବିଧାୟକଙ୍କ ଗାଡ଼ିରେ ମଦ ଗଞ୍ଜେଇ ଚାଲାଣ ହେବା ଏନଡିପିଏସ ଆଇନର ଉଲ୍ଲଂଘନ ଏବଂ ଏକ ସଂଗୀନ ଅପରାଧ। ବିଧାୟକ ପ୍ରକାଶ ସୋରେନ ଏହି ଘଟଣାକୁ ଚାପିଦେବା ଉଦ୍ଦେଶ୍ୟରେ ଘଟଣାକୁ ଅସ୍ୱୀକାର କରି ତାଙ୍କ ପୁଅ ଓ ସହଚରମାନଙ୍କୁ କ୍ଲିନଚିଟ ଦେବାକୁ ପ୍ରୟାସ କରୁଛନ୍ତି ବୋଲି ଶ୍ରୀ ମାର୍ଣ୍ଡି ଅଭିଯୋଗ କହିଛନ୍ତି।

ଅନ୍ୟପଟେ ଏହି ସଂଗୀନ ଅପରାଧରେ ଜଡ଼ିତ ବିଧାୟକଙ୍କ ପୁଅ ଓ ତାଙ୍କ ସହଚରମାନଙ୍କୁ ତୁରନ୍ତ ଗିରଫ



ସହ ବିଧାୟକ ପ୍ରକାଶ ସୋରେନଙ୍କୁ ତଦନ୍ତ ପରିସର ଭିତରେ ରଖାଯାଉ ବୋଲି ବିଜେଡ଼ି ଦାବି କରିଛି। ପ୍ରକାଶ ସୋରେନ ମର୍ଯ୍ୟାଦାଜନକ ବାରିପଦା ଆସନରୁ ନିର୍ବାଚିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ବେଆଇନ ଗଞ୍ଜେଇ ଓ ମଦ ବେପାର ଅହେତୁକ ଭାବେ ବୃଦ୍ଧି ପାଇଛି। ରାସ୍ତାରେ ଚେକିଂକୁ ଚକମା ଦେବା ପାଇଁ ବିଧାୟକଙ୍କ ବୋର୍ଡ ଲାଗିଥିବା ଗାଡିକୁ ବେଆଇନ ଗଞ୍ଜେଇ ଓ ମଦ ଚାଲାଣ କାମରେ ଲଗା ଯାଉଛି। ତାଙ୍କ ନାମରେ ଥିବା ଗାଡ଼ିଟି ଅବୈଧ କାର୍ଯ୍ୟରେ ବ୍ୟବହାର ହେବା ଏକ ଗୁରୁତର ବିଷୟ। କେବଳ ବାରିପଦା ବିଧାୟକ ନୁହେଁ ରାଜ୍ୟର ଅନେକ ବିଜେପି ବିଧାୟକ ଓ ବିଜେପି କର୍ମକର୍ତ୍ତା ଏବେ ବିଭିନ୍ନ ବେଆଇନ କାର୍ଯ୍ୟରେ ଲିପ୍ତ ହୋଇଛନ୍ତି। ରାଜ୍ୟର ପୁଲିସ ଓ ଅବକାରୀ ଅଧିକାରୀଙ୍କୁ ଭୟଭୀତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବାରଣ କରାଯାଇଛି। ଯାହା ଫଳରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି। ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ତୁରନ୍ତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଶ୍ରୀ ମାର୍ଣ୍ଡି ଦାବି କରିଛନ୍ତି।

## ବିପୁଳ ମାଓ ସାମଗ୍ରୀ ଜବତ

**ବାଲିଗୁଡ଼ା,୩।୭ (ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ସଲାଗୁଡା ପଞ୍ଚାୟତର କୁମ୍ଭେମିଲା ଜଙ୍ଗଲରୁ ବିପୁଳ ମାଓ ସାମଗ୍ରୀ ଜବତ ହୋଇଛି। ସୂଚନା ଅନୁସାରେ, ଗୁରୁବାର ଦିନ ଗୁଇନ୍ଦା ସୂଚନା ଅନୁଯାୟୀ ବିଏସ୍ଏଫ୍ ୧୩୬ ବାଟାଲିୟନ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଅପରେସନ୍ କରାଯାଇଥିଲା। ଅପରେସନ୍ ବେଳେ ଯବାନମାନେ ଏକ ମାଓ କ୍ୟାମ୍ପକୁ ଠାବ କରିଥିଲେ। କ୍ୟାମ୍ପରୁ ଦୁଇଟି ରାଇଫଲ, ଗୋଟଏ ପ୍ୟାକେଟ୍ ଜିଲୋଟିନ୍, ଗୋଟିଏ ଡେଟନେଟର, ଦୁଇଟି ମାଓ ପୁସ୍ତିକା ସହ ଅନ୍ୟାନ୍ୟ ମାଓ ସାମଗ୍ରୀ ଓ ଔଷଧ ଜବତ ହୋଇଥିଲା। ତେବେ ଏଥିରେ କେହି ମାଓବାଦୀ ଗିରଫ ହୋଇନାହାନ୍ତି। ଆଗାମୀ ଦିନରେ ଏଠାରେ ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରାଯିବ ବୋଲି ସୂଚନା ମିଳିଛି।

### ବିଜେଡି ନେତ୍ରୀ ଲେଖାଶ୍ରୀଙ୍କୁ ନୀଳଗିରି ବିଧାୟକଙ୍କ ଅଶାଳୀନ ମନ୍ତବ୍ୟ

# ବିଜୁ ମହିଳା ଜନତା ଦଳର ବିକ୍ଷୋଭ



**ବାଲେଶ୍ୱର/ନୀଳଗିରି,୩।୭ (ସମିସ):** ବିଜେଡିର ବାଲେଶ୍ୱର ସାଂସଦ ପ୍ରାର୍ଥିନୀ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଅତି ଆପତ୍ତିଜନକ ମନ୍ତବ୍ୟ ଦେବା ପ୍ରତିବାଦରେ ବିଜୁ ମହିଳା ଜନତା ଦଳ ଆଜି ବିକ୍ଷୋଭ ପ୍ରଦର୍ଶନ କରିଛି। ବହୁସଂଖ୍ୟାରେ ଦଳୀୟ ମହିଳା କର୍ମୀ ଆଜି ସନ୍ଧ୍ୟାରେ ଫାଣ୍ଡିଛକଠାରେ ଏକଜୁଟ୍ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାସହ ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ କାଉନସିଲର୍ ସନ୍ଧ୍ୟାରାଣୀ ଜେନା ସହଦେବଖୁଣ୍ଟା ଥାନାରେ ଏକ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି।

ଅଭିଯୋଗ ଅନୁସାରେ, ନୀଳଗିରିର ବିଜେପି ବିଧାୟକ ଶ୍ରୀ ଖଟୁଆ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ସାମନ୍ତସିଂହାରଙ୍କ ପ୍ରତି ଆପତ୍ତିଜନକ ଓ ଅଶ୍ଳୀଳ ମନ୍ତବ୍ୟ ଦେଇଥିଲେ। ଜଣେ ବିଧାୟକ ଗଣମାଧ୍ୟମରେ ଜଣେ ମହିଳାଙ୍କ ପ୍ରତି ଏଭଳି ମନ୍ତବ୍ୟ ଦେବା ନିହାତି ଲଜ୍ଜାଜନକ। ଏହା ଖାଲି ଡ. ସାମନ୍ତସିଂହାରଙ୍କୁ ଅପମାନ ନୁହେଁ, ବରଂ ସମଗ୍ର ନାରୀଜାତିକୁ ଅପମାନ ବୋଲି ବିଜେଡି ମହିଳା କର୍ମୀମାନେ ଅଭିଯୋଗ କରିଥିଲେ। ନାରୀସମାଜ ପ୍ରତି ଡବଲ ଇଞ୍ଜିନ ସରକାରର ଏହା କି’ ପ୍ରକାର ସମ୍ମାନ ବୋଲି ସେମାନେ ପ୍ରଶ୍ନ କରିଥିଲେ। ତେଣୁ, ସଂପୃକ୍ତ ବିଧାୟକଙ୍କ ବିରୋଧରେ ଆଇନଗତ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ। ଏହି ସମୟରେ ୨୬ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ସୋନାଲି ବିଶ୍ୱାଳଙ୍କ ସମେତ ଅନ୍ୟ କାଉନସିଲର ମୀନା ମହାନ୍ତି, ଶଶିରେଖା ମହାନ୍ତି, ସବିତାରାଣୀ ଦାସ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ଶୋଭା ମହାପାତ୍ର, ମୀରାଜ ବାନୋ, ରାଜଲକ୍ଷ୍ମୀ ଚାଟାର୍ଜୀ, ମିତା ପଟ୍ଟନାୟକ, କବିତା ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

### ଥାନାରେ ଏତଲା ଦେଲେ କାଉନସିଲର୍

ସେହିପରି ଗୁରୁବାର ସନ୍ଧ୍ୟାରେ ବିଜେଡିର ପ୍ରାୟ୧୦୦ରୁ ଅଧିକ ମହିଳା କର୍ମୀ ନୀଳଗିରି ଥାନା ଆଇଆଇସିଙ୍କୁ ଭେଟି ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ବିଧାୟକ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂରା ନାରୀସମାଜ ପାଖରେ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ନାରୀନେତ୍ରୀ ଆଶୋକାସିନୀ ନାୟକ, ଶାନ୍ତିଲତା ବିଶ୍ୱାଳ ଏବଂ ସୋମବାରୀ ସିଂ ଚେତାବନୀ ଦେଇଛନ୍ତି।

# ୩ ମାସ ହେବ ଦରମା ପାଇନାହାନ୍ତି ୨୬ ଜିଲ୍ଲାରେ ବିଷୟବସ୍ତୁ ବିଶେଷଜ୍ଞ

**ଭୁବନେଶ୍ୱର,୩।୭ (ସମିସ):** ଓଡ଼ିଶାର ୨୬ ଟି ଜିଲ୍ଲାରେ କାର୍ଯ୍ୟରତ ୫୭ ଜଣ ବିଷୟବସ୍ତୁ ବିଶେଷଜ୍ଞ (ସବ୍‌ଜେକ୍ଟ ମ୍ୟାଟର ଏକ୍ସପର୍ଟ୍ସ)। ଏହି ଅଧିକାରୀମାନେ ଜିଲ୍ଲା ଯୋଜନା ଓ ନିରୀକ୍ଷଣ କେନ୍ଦ୍ର (ଡିପିଏମ୍‌ୟୁ)ରେ କାର୍ଯ୍ୟରତ ଅଛନ୍ତି। ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଅଧିନରେ କାର୍ଯ୍ୟରତ ଏହି ଅଧିକାରୀମାନେ ୨୦୧୪ ମସିହାରୁ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ୩୧ ମାର୍ଚ୍ଚ ୨୦୨୫ ପରେ ସେମାନଙ୍କୁ ଆଉ ଦରମା ଦିଆଯାଇ ନ ଥିବା ଜଣାପଡ଼ିଛି। ଯୋଜନା ଓ ସଂଯୋଜନ ବିଭାଗର ମୁଖିଆ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନିର୍ବାହ କରୁଛନ୍ତି।

ଖୋଦ୍ ରାଜ୍ୟର ମୁଖିଆଙ୍କ ବିଭାଗରେ କାର୍ଯ୍ୟରତ ଅଧିକାରୀମାନେ ୩ ମାସ ହେବ ବେତନ ବିହୀନ ଅବସ୍ଥାରେ ଥିବାରୁ ସେମାନେ ଅନ୍ୟ କାହାକୁ ଗୁହାରୀ କରିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ବିଭାଗରେ କାର୍ଯ୍ୟରତ ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ ଗତ ୨୦୧୪ ଓ ୨୦୧୭ ମସିହରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟ ସରକାର ୫୭ ଜଣ ବିଷୟବସ୍ତୁ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେଇଥିଲେ। ଯୋଜନା ଓ ସଂଯୋଜନ ବିଭାଗ ଦ୍ୱାରା ଏହି ନିଯୁକ୍ତିପତ୍ର ବଣ୍ଟନ ହୋଇଥିଲା। ତେବେ ଏହି ନିଯୁକ୍ତିର ନିୟମ ଅଧାରରେ ପ୍ରତି ବର୍ଷ କର୍ମଚାରୀମାନଙ୍କ ସହ ଚୁକ୍ତି କରାଯାଉଥିଲା ଓ ପରବର୍ତ୍ତୀ ସମୟରେ ସେମାନଙ୍କୁ ସ୍ଥାୟୀ କରାଯିବ ବୋଲି ବ୍ୟବସ୍ଥା ରହିଥିଲା। ମାତ୍ର ୨୦୨୫ ମାର୍ଚ୍ଚ ଶେଷରେ ବାର୍ଷିକ ଚୁକ୍ତି ଅବଧି ଶେଷ ହେବା ପରେ ଆଉ ଏହି ଅଧିକାରୀମାନଙ୍କ ସହ ଚୁକ୍ତି କରାଯାଇ ନାହିଁ ଓ ୩ ମାସ ହେବ ସେମାନଙ୍କୁ ଦରମା ଦିଆଯାଉ ନାହିଁ। ଏହି କ୍ଷେତ୍ରରେ ୨୮ ଜଣ ବରିଷ୍ଠ ବିଶେଷଜ୍ଞଙ୍କର ୧୧ ବର୍ଷ ଓ ୨୯ ଜଣଙ୍କର ୮ ବର୍ଷରୁ ଅଧିକ ଅଭିଜ୍ଞତା ରହିଥିବା ବେଳେ ସେମାନେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନା ଯଥା ଏମ୍‌ପି ଲ୍ୟାଡ୍, ଏମ୍‌ଏଲ୍‌ଏ ଲ୍ୟାଡ୍, ସିଏମ୍ ସ୍ୱତନ୍ତ୍ର ସହାୟତା, ସିଜିଏଫ୍, ବଜିଜେୱାଇ, କେବିକେ ସ୍କିମ, ବିଜୁ ସେତୁ, ଡିଏମ୍‌ଏଫ୍ ଓ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ୍ ଆଦି ଯୋଜନାରେ କାର୍ଯ୍ୟ କରୁଛନ୍ତି। ମାତ୍ର ଏଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ଅଧିକାରୀ ଦରମା ନ ମିଳୁଥିବାରୁ ଆଗକୁ ଏହି କାର୍ଯ୍ୟରେ ଗୁରୁତର ପ୍ରଭାବ ପଡ଼ିବାର ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ଏହି ସମସ୍ୟା ସମ୍ପର୍କରେ ଉନ୍ନୟନ କମିଶନରଙ୍କୁ ଅବଗତ କରାଇବା ସତ୍ତ୍ୱେ ଏହା କୌଣସି ସମାଧାନ ହୋଇ ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଧିକାରୀମାନେ ଲିଖିତ ଭାବେ ଜଣାଇଛନ୍ତି। ଯଦି ତୁରନ୍ତ ଏହି ସମସ୍ୟାର ସମାଧାନ କରା ନଯାଏ ତେବେ ଏହି ଅଧିକାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜଣାପଡ଼ିଛି।

# ଭିଜିଲାନ୍ସ ଜାଲରେ ତାଳଚେର ଥାନା ଏଏସ୍‌ଆଇ

**ତାଳଚେରସହର/ତାଳଚେରସଦର,୩।୭ (ସମିସ):** ଜଣେ ଚୋରା ମଦ ବ୍ୟବସାୟୀଙ୍କୁ ଥାନାରୁ ସିଆର୍‌ପିସି ୪୧ରେ ଜାମିନ କରାଇଦେବା ପାଇଁ ୩ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ତାଳଚେର ଥାନା ଏଏସ୍‌ଆଇ ଧରଣୀଧର ନାଥ। ତାଙ୍କଠାରୁ ରାସାୟନିକ ପ୍ରଲେପ ବୋଳା ଲାଞ୍ଚ ଟଙ୍କା ଜବତ କରାଯାଇଛି। ତାଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇ ପଚରାଉଚରା କରାଯାଉଛି। ଏଥିସହ ଧରଣୀଧରଙ୍କ ପୈତୃକ ଘର ଚେଣ୍ଡିପଦା ବ୍ଲକ୍ ଖାମର ଗ୍ରାମ ଓ ତାଳଚେର ହାଣ୍ଡିଧୂଆଁସ୍ଥିତ ଭଡ଼ାଘରେ ଖାନତଲାସି ଆରମ୍ଭ ହୋଇଛି। ମିଳିଥିବା ସୂଚନାନୁଯାୟୀ, ଜନ୍ଦାବାହାଳ ଗ୍ରାମର ପ୍ରୀତିରଞ୍ଜନ ଭୁକ୍ତା ଚୋରା ମଦ କାରବାର କରୁଥିବା ବେଳେ ଗତ ଏପ୍ରିଲ ମାସରେ



ପୁଲିସ ଚଢ଼ଉ କରି ତାଙ୍କ ପାଖରୁ ୪୦୦୦ ଲିଟର ବିଦେଶୀ ମଦ ଜବତ କରିଥିଲା। ଏହି ମାମଲାରେ ଥାନାରୁ ୪୧ ସିଆର୍‌ପିସିରେ ଜାମିନ କରାଇଦେବା ପାଇଁ ଧରଣୀଧର ପ୍ରୀତିରଞ୍ଜନଙ୍କୁ ୩ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ପ୍ରୀତିରଞ୍ଜନ ଅନୁଗୋଳ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତେଣୁ ତାଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ଗୁରୁବାର ଭିଜିଲାନ୍ସର ରାସାୟନିକ ପ୍ରଲେପବୋଳା ଟଙ୍କା ପ୍ରୀତିରଞ୍ଜନଙ୍କ ମାଧ୍ୟମରେ ଧରଣୀଧରଙ୍କୁ ଦିଆଯାଇଥିଲା। ଏହି ସମୟରେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ଉ କରି ଧରଣୀଧରଙ୍କ ନିକଟରୁ ଉକ୍ତ ଟଙ୍କା ଜବତ କରିଥିଲେ। ଜଣେ ଡିଏସ୍‌ପି ଓ ତିନିଜଣ ଇନ୍ସପେକ୍ଟରଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା।

### ପୁଅ ପଚାରିଲାନି; ଋଣ ବୋଝ ଚିନ୍ତା ଘାରିଲା

# ଟ୍ରେନ୍ ଆଗକୁ ଡେଇଁ ବୃଦ୍ଧ ଦମ୍ପତିଙ୍କ ଆତ୍ମହତ୍ୟା

**ନୂଆପଡ଼ା, ୩।୭ (ସମିସ):** ୩ ଝିଅରେ ଗୋଟିଏ ବୋଲି ପୁଅ। ବଡ଼ ଗେଲବସରରେ ବଢ଼େଇଥିଲେ ବାପା-ମା’। ନିଜ ସାମର୍ଥ୍ୟ ଅନୁଯାୟୀ କୋଉଥିରେ କିଛି ଅଭାବ ରଖିନଥିଲେ। ଏପରିକି, ପାଠ ପଢ଼ାଠାରୁ ଆରମ୍ଭ କରି ପୁଅ-ଝିଅଙ୍କୁ ବାହାଦେବା ପାଇଁ ନିଜର ଅଢ଼େଇ ଏକରରୁ ଏକରେ ଜମି ବିକିବା ସହ ସାଉକାରଙ୍କଠାରୁ ଋଣ ବି କରିଥିଲେ। କିନ୍ତୁ ପରିଣତ ବୟସରେ ସେଇ ପୁଅ ପାଦରେ ଆଡ଼େଇଦେଲା। ବୁଢ଼ା ବୟସରେ ଦେହପା’ କଥା ବୁଝିବା ତ ଦୂରର କଥା, ସାଉକାରଠାରୁ ବାପା କରିଥିବା ଋଣ ସେ ଶୁଝିପାରିବନି ବୋଲି ରୋକଠୋକ୍ ମନା କରିଦେଲା। ଫଳରେ, ଗୋଟିଏପଟେ ଋଣଭାର ବଢ଼ି ଚାଲିବା ଓ ଅନ୍ୟପଟେ ପୁଅ ହତାଦର କରିବା ବୃଦ୍ଧ ବାପା-ମା’ଙ୍କ ପାଇଁ ଅସହ୍ୟ ହେଲା। ତେଣୁ ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଦେଲେ। ନୂଆପଡ଼ା ଜିଲ୍ଲା ସଦର ଥାନା ଅଞ୍ଚଳରେ ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି। ମୃତ ଦମ୍ପତି ହେଲେ, ଗାଁର ଯଦୁରାମ ପାଣ୍ଡେ (୫୮) ଏବଂ ତାଙ୍କ ପତ୍ନୀ ଜାମବାଇ ପାଣ୍ଡେ (୫୫)। କଲ୍ୟାଣପୁର ଗାଁ ନିକଟରେ ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି।





ସୂଚନାନୁଯାୟୀ, ଯଦୁରାମ ପୁଅ-ଝିଅଙ୍କ ବାହାସାଜି ପାଇଁ ଜମି ବିକ୍ରି କରି ସାଉକାରଙ୍କଠାରୁ ଋଣ ଆଣିଥିଲେ। ପରବର୍ତ୍ତୀ ସମୟରେ ପୁଅ ନରେଶଙ୍କ ସହ ମନୋମାଳିନ୍ୟ ହେବାରୁ ଅନ୍ୟ ଏକ କୋଠରିରେ ରହୁଥିଲେ। ବୁଧବାର ଦିନ ସକାଳେ ନରେଶ ନିଜ ସ୍ତ୍ରୀଙ୍କ ସହ ମିଶି କ୍ଷେତକୁ ଯାଇଥିଲେ। ତେବେ ମଧ୍ୟାହ୍ନରେ ଆସି ଦେଖିବା ବେଳକୁ ବାପା-ମା’ ଘରେ ନଥିଲେ। ତେବେ ସଂଧ୍ୟାରେ କଲ୍ୟାଣପୁର ଗାଁ ଲେଭେଲ କ୍ରସିଂ ନିକଟରେ ଦୁହିଁଙ୍କ ମୃତଦେହ ପଡ଼ିଥିବା ଜଣାପଡ଼ିଥିଲା। କଣ୍ଟାବାଞ୍ଜି ରେଳୱେ ପୁଲିସ୍ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଆଜି ନୂଆପଡ଼ା ପୁଲିସ୍ ଗାଁକୁ ଯାଇ ତଦନ୍ତ ଆରମ୍ଭ କରିଛି।

# ଅଶୌଚ ଲାଗିଥିଲା; ଶ୍ରୀମନ୍ଦିରରେ ପଶିଲେ ବିଧାୟକ

**ପୁରୀ, ୩।୭ (ସମିସ):** ଅଶୌଚ ଲାଗିଥିଲା; ହେଲେ ଏହାକୁ ଭୁଲିଗଲେ ବିଧାୟକ। ଦଳୀୟ ନେତା-ମନ୍ତ୍ରୀଙ୍କ ସହ ଶ୍ରୀମନ୍ଦିରକୁ ପ୍ରବେଶ କଲେ। କେବଳ ମନ୍ଦିର ଯେ ଯାଇଛନ୍ତି, ତାହା ନୁହେଁ, ରଥଯାତ୍ରାରେ ଭିଆଇପିଙ୍କ ପାଇଁ ହୋଇଥିବା ସବୁ ବ୍ୟବସ୍ଥାରେ ସାମିଲ ମଧ ହୋଇଛନ୍ତି। ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କର ଏହି ସମୟର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବେଳେ ଅନେକ ତାଙ୍କୁ କଟାକ୍ଷ କରିଛନ୍ତି। ହିନ୍ଦୁତ୍ୱର କଥା କହୁଥିବା ଏବଂ ଧର୍ମକୁ ନେଇ ସବୁବେଳେ ରାଜନୀତି କରି ଆସୁଥିବା ବିଜେପିର ଜଣେ ବିଧାୟକ କିପରି ପ୍ରଥା-ପରମ୍ପରା ଭୁଲିଗଲେ; ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଆପ୍‌ର ସମୀର ସାମନ୍ତରାୟଙ୍କଠାରୁ ଆରମ୍ଭ କରି ଅନେକ ବ୍ୟକ୍ତି।

### ସୋସିଆଲ ମିଡିଆରେ ବିଧାୟକଙ୍କୁ କଟାକ୍ଷ

ଘଟଣା ଥିଲା ଏମିତି; ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ଜୁନ୍ ୨୨ ତାରିଖରେ ତାଙ୍କ ଫେସ୍‌ବୁକ ପେଜ୍‌ରେ ଏକ ପୋଷ୍ଟ କରିଥିଲେ। ସେ ଲେଖିଥିଲେ, ‘ବଡ଼ଭାଇନା ଗୌତମ ମିଶ୍ରଙ୍କର ପରମପୂଜ୍ୟ ପିତୃଦେବ ମୋର ଦଦେଇ ଦେବବ୍ରତ ମିଶ୍ରଙ୍କ ଆକସ୍ମିକ ବିୟୋଗ ଘଟିଥିବାରୁ ମୁଁ ଗଭୀର ଶୋକ ପ୍ରକାଶ କରିବା ସହ ବ୍ୟକ୍ତିଗତ ଭାବେ ଦୁଃଖିତ ଓ ମର୍ମାହତ’। ଅନ୍ୟପକ୍ଷରେ ବିଧାୟକ ଶ୍ରୀ ମିଶ୍ର ଗତ ୨୭ତାରିଖରେ ପୁରୀ ରଥଯାତ୍ରାରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବିଜେପିର ଅନ୍ୟ ନେତା-ମନ୍ତ୍ରୀଙ୍କ ସହ ଉଦ୍ଦିଷ୍ଟ ମଞ୍ଚରେ ବସିଥିଲେ। ମୁଖ୍ୟମନ୍ତ୍ରୀ ଏବଂ ଅତିଥିଙ୍କ ସହିତ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ। ମନ୍ଦିରକୁ ପ୍ରବେଶ କରୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

ପୁରୀ ଜିଲ୍ଲା ଆପ୍‌ର ସମୀର ସାମନ୍ତରାୟ ଏହି ଭିଡିଓକୁ ପୋଷ୍ଟ କରି କହିଛନ୍ତି, ଯଦି ବିଧାୟକ ଦଦେଇଙ୍କର ଜୁନ୍ ୨୨ରେ ପରଲୋକ ହେଲା, ତେବେ ତାଙ୍କର ଶୁଦ୍ଧିକର୍ମ ସରି ନଥିବା ବେଳେ ଅର୍ଥାତ୍ ଜୁନ୍ ୨୭ ତାରିଖରେ ସେ କିପରି ଶ୍ରୀମନ୍ଦିରକୁ ଭିତରକୁ ପ୍ରବେଶ କଲେ? ହିନ୍ଦୁ ପରମ୍ପରା ଅନୁସାରେ ଅଶୌଚ ପରେ ଶୁଦ୍ଧି ନ ହେବା ପର୍ଯ୍ୟନ୍ତ କୌଣସି ମନ୍ଦିରକୁ ଯିବାର ବିଧି ନାହିଁ। ସାଧାରଣତଃ ଆମ ପରମ୍ପରାରେ ୧୨ଦିନ ପର୍ଯ୍ୟନ୍ତ ଅଶୌଚ ଲାଗିଥାଏ। ହେଲେ ବିଧାୟକ କିପରି ଏହାକୁ ଭୁଲିଗଲେ ବୋଲି ସାଧାରଣରେ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଅବଶିଷ୍ଟାଂଶ

### ଦେଶରେ ଓଡ଼ିଶା...

ଏକାଧିକ ରିପୋର୍ଟରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରି ଆସିଛି। ସଦ୍ୟ ପ୍ରକାଶିତ ‘ପରଖ’ ରିପୋର୍ଟରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରିଥିବାବେଳେ ପିଜିଆଇ ର୍‍ୟାଙ୍କିଂ ଆଗକୁ ଉତ୍ତମ ପ୍ରଦର୍ଶନ କରିବାକୁ ପ୍ରୋତ୍ସାହିତ କରିବ ବୋଲି ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ସେହିପରି ରାଜ୍ୟର ସଫଳତାକୁ ନେଇ ନବୀନ ପଟ୍ଟନାୟକ କହିଛନ୍ତି ଯେ ପିଜିଆଇ ର୍‍ୟାଙ୍କିଂରେ ୨୦୧୪ ମସିହାରେ ୧୪ତମ ସ୍ଥାନରେ ଥିଲା ଓଡ଼ିଶା। ମାତ୍ର ଶିକ୍ଷା କ୍ଷେତ୍ରରେ ସଂସ୍କାର ଓ ଶୈକ୍ଷିକ ବାତାବରଣ ସୃଷ୍ଟି କ୍ଷେତ୍ରରେ ପ୍ରଗାଢ଼ ଉଦ୍ୟମ ଯୋଗୁଁ ୨୦୨୩-୨୪ ଶିକ୍ଷାବର୍ଷରେ ପଞ୍ଚମ ସ୍ଥାନ ହାସଲ କରିଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଚ୍ଚାକାଂକ୍ଷା ଏବଂ ନୂତନତ୍ୱ ଆଣିବାକୁ ୫-ଟି ଅଧୀନରେ ବିଦ୍ୟାଳୟର ରୂପାନ୍ତରଣ ସଫଳତା ପାଇଛି। ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଦକ୍ଷତା ବଢ଼ାଇ ନୂତନ ଓଡ଼ିଶା ଗଠନ କରିବାରେ ସେ ବିଶ୍ୱାସ କରନ୍ତି। ଏଣୁ ତାଙ୍କ ସରକାର ସମୟରେ ରାଜ୍ୟରେ ପ୍ରାୟ ୭ହଜାର ବିଦ୍ୟାଳୟର ରୂପାନ୍ତରଣ କରାଯାଇଛି। ସରକାରୀ ବିଦ୍ୟାଳୟ ଶିକ୍ଷାର ଭିତ୍ତିଭୂମି ଦୃଢ଼ ହୋଇଛି ଏବଂ ଛାତ୍ରଛାତ୍ରୀମାନଙ୍କୁ ଉତ୍କର୍ଷ ହାସଲ କରିବାରେ ସାହାଯ୍ୟ କରୁଛି। ଏହି ବିଶାଳ ପରିବର୍ତ୍ତନ ପାଇଁ ସମସ୍ତ ଶିକ୍ଷକ, ଅଭିଭାବକ, ପ୍ରଶାସକ ଏବଂ ସହଯୋଗ କରିଥିବା ସମସ୍ତ କର୍ମଚାରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

### ଓଏଏସ୍ ଆନ୍ଦୋଳନ...

ବ୍ଲକ୍ ଓ ଜିଲ୍ଲାସ୍ତରରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନ ଥିବା ବେଳେ ବିଭିନ୍ନ ଆର୍ôଥକ କାର୍ଯ୍ୟ ମଧ ଗୁରୁତର ପ୍ରଭାବିତ ହୋଇଥିଲା। ସରକାର ବାରମ୍ବାର ଆଲୋଚନା ଓ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଓଏଏସ୍ ସଂଘ ନିଜ ଜିଦ୍‌ରେ ଅଡ଼ି ବସିଥିଲା। ଏହିକ୍ରମରେ ଗୁରୁବାର ପୁଣି ଥରେ ଓଏଏସ୍ ସଂଘ ନିଜର ଦାବିକୁ ଦୋହରାଇବା ସରକାରଙ୍କ ଚିନ୍ତା ବଢ଼ାଇଥିଲା।

ରାଜ୍ୟ ସରକାର ଓଏଏସ୍ ସଂଘକୁ ବୁଝା ଶୁଝା କରି କାମ ମେଣ୍ଟାଇବାକୁ ଉଦ୍ୟମ କରୁଥିବା ବେଳେ ଏହି ସ୍ଥିତିରେ ଗୁରୁବାର ବିଜେପି ପାର୍ଟି ଅଫିସ୍‌ରେ ପହଞ୍ଚି ଦଳର ସଭାପତି ଓ ଅନ୍ୟ ନେତାଙ୍କ ସହ ଆଲୋଚନା କରିଥିଲେ। ସେହିପରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଓଏଏସ୍ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ତେବେ ଗୁରୁବାର ସନ୍ଧ୍ୟାରେ ଜଗନ୍ନାଥ ପ୍ରଧାନ ନିଜ ସମର୍ଥକଙ୍କ ସହ ଡ଼ିସିପି ଅଫିସରେ ପହଞ୍ଚି ଆତ୍ମ ସମର୍ପଣ କରିବା ପରେ ତାଙ୍କୁ ପୁଲିସ ଗିରଫ କରିଥିଲା।

**AFFIDAVIT**

By virtue of an affidavit sworn before Notary public, Bhubaneswar, Dated : 05.06.2025, I, **Narayan Sahoo,** S/o: Prasanna Sahoo, permanent resident of At/PO: Baigunia, PS: Fategarh, Dist: Nayagarh, Odisha - 752077 declare that I have changed the name of my minor son From Satyabrat Sahoo to **Omm Sahoo**. Henceforth, he shall Known as **Omm Sahoo** for all purposes.

**Narayan sahoo**

**AFFIDAVIT**

By virtue of an affidavit sworn before Notary public, Bhubaneswar, Dated: 29.05.2025, I, **Kabiraj Nayak**, S/o.: Lokanath Nayak, permanent resident of At: Balisahi, PO: Madhyakhanda, PS: Daspalla, Dist: Nayagarh, Odisha- 752093 currently residing at Damana Hata Basti, Damana, PO./P.S.: Chandrasekharpur, Bhubaneswar, Dist: Khordha, Odisha-751016 declare that I have changed the name of my minor son from Situn Nayak to **Situnu Nayak**. Henceforth, he shall be Known as **Situnu Nayak** for all purposes.

**Kabiraj Nayak**

**AFFIDAVIT**

By virtue of an affidavit sworn before the Notary Public, Nabarangpur, no. 4218 / 25, dated 18.06.2025, I Keshpar Mali, S/o. – Astu Mali, resident of Village –Bajargad, PO – Bajargad, PS. Kosagumuda, Dist – Nabarangpur, declared that I have changed my name son's name from Mheghnath Mali to Mahan Mali. Henceforth, my son shall be known as Mahan Mali for all purposes.

**Sd/- Keshpar Mali**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-BOBRN-REHAB-25-26-11

**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱରରେ ବୋବରନ (BOBRN) ୱାଗନର ମରାମତି ତଥା ପୁନର୍ବାସ।

**ବିଜ୍ଞାପିତ ମୂଲ୍ୟ (₹):** 30,50,22,156.00, EMD (₹): 16,75,100.00, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.14.07.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.07.2025 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର (POH-II), ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

PR-316/Q/25-26

**AFFIDAVIT**

By virtue of an affidavit sworn before the Notary Public, Nabarangpur, no. 4260 / 25, dated 19.06.2025, I Manasai Bhatra, S/o. – Jhitru Bhatra, resident of Village – Santoshpur, PO- Ghodadhanua, PS. Kosagumuda, Dist – Nabarangpur, declared that I have changed my name son's name from Gipikrishna Bhatra to Gipkrish Bhatra. Henceforth, my son shall be known as Gipkrish Bhatra for all purposes.

**Sd/- Manasai Bhatra**

**AFFIDAVIT**

I, Minakhi Mishra, W/o- Uma Sankar Mohapatra, resident of At- Plot No. 1763, Mohotab Road, VTC: Lingaraj, Bhubaneswar-2, Po- Old Town, Ps- Airfield, Dist- Khurdha, Pin- 751002, Odisha declare by this affidavit No. 18703, dtd- 23/05/2025 that now onwards I shall be known as **MEENAKHI MISHRA** for all future purposes.

**AFFIDAVIT**

I Sri Ram Chandra Bhatra, S/o. Sri Laxman Bhatra, permanent resident of Village – Merai, PO – Kantagaon, PS – Tentulikhunti, Dist – Nabarangpur, Odisha, declare by the Affidavit No. 536, dated 01/07/2025, that myself RAM CHANDRA BHATRA and RAMA CHANDRA BHATRA is one same person, for all future purpose.

**NOTICE**

By virtue of an affidavit sworn before Notary public , Baripada, Sl. No.-10, date-01/05/2025 .I Kaushalya Sethi (New name ) , Adress-Palasbani, Po- Baiganbadia, Ps-Kuliana,Dist- Mayurbhanj, Odisha,pin-757105 declare that I have change my name from Kaushal Ya Sethi ( Old name) to Kaushalya Sethi (New name) . Henceforth,I shall be known as Kaushalya Sethi (New name) for all purposes.

**Kaushalya Sethi**

**AFFIDAVIT**

By virtue of an affidavit sworn before the Notary Public, Nabarangpur, no. 4050 / 25, dated 10.06.2025, I Temaru Bhatra, S/o. – Dhanar Bhatra, resident of Village – K. Semla, PO – K. Semla, PS. Kodinga, Dist – Nabarangpur, declared that I have changed my name son's name from Ganeswar Bhatra to Gyaneswar Bhatra. Henceforth, my son shall be known as Gyaneswar Bhatra for all purposes.

**Sd/- Temaru Bhatra**

**ସତ୍ୟପାଠ**

ସତ୍ୟପାଠ ନଂ.୧୩୯୧୨/୨୦୨୫, ମୁଁ ଜୟନ୍ତୀ ନାୟକ, ସ୍ୱାମୀ- ପ୍ରଭାସ ରଞ୍ଜନ ନାୟକ, ଗ୍ରାମ- ଭିତର ସୋବଲା ପୋଷ୍ଟ - ବାରଡାଙ୍ଗ, ଥାନା -ମହାକାଳପଡ଼ା ଜିଲ୍ଲା- କେନ୍ଦ୍ରାପଡ଼ା ଘୋଷଣା କରୁଛି କି ବିବାହ ପୂର୍ବରୁ ମୋ ନାମ ଜୟନ୍ତୀ ସାହୁ ଥିଲା। ବିବାହା ପରେ ଜୟନ୍ତୀ ନାୟକ ହୋଇଛି। ଏଣୁ ଜୟନ୍ତୀ ନାୟକ ଓ ଜୟନ୍ତୀ ସାହୁ ସମାନ ଲୋକ ଅଟେ।

**AFFIDAVIT**

By Virtue Of an Affidavit no. 665 dtd. 23.6.2025 the Executive Magistrate Gania, I Bhabani Sankar Panda S/o- Ananda Chandra Panda At- Nuapada, Po- karadapada, Ps - Gania, Dist- Nayagarh have changed my son's name Subhranshu Sankar Panda to Subhransu Sankar Panda. Henceforth He will be known as Subhransu Sankar Panda for all purposes.

**S/d- Bhabani Sankar Panda**

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on dated- 30/06/2025. I **Anjali Panda,** W/o- Manoj Kumar Panda, resident of Village- Goptira, Po- Chandannagar, P.S.- Pattamundai Rural, Dist. Kendrapada, Odisha, My former name is **Anjali Rout** and after marriage my assumed name is **Anjali Panda**. I declare that my self **Anjali Panda** and **Anjali Rout** is one and same person for all purposes.

**Anjali Panda**

**AFFIDAVIT**

By virtue of an affidavit no. 664 dtd. 23.6.35 The Executive Magistrate, Gania. I, Sibashankar panda At- Nuapada, Po- Karadapada, Ps- Gania, Dist- Nayagarh have changed my name from Sib Sankar panda to Sibashankar panda . Henceforth I shall be known as **Sibashankar panda** for all purposes.

**KALYANPUR DEGREE COLLEGE**

KALYANPUR, DELANG, PURI-752015

Email: degreecollegekalyanpur@gmail.com, contact No. 8895300485

Invited sealed quotation from interested firms having OEM Authorization for upgrading IT infrastructure of the college by supplying Desktop Computers, UPS, MFM Printer, 65 inch LED TV, AC & Wireless Mice & Camera for Virtual Meeting. The tender must be received by the undersigned within 07 days from the date of publication. For details go through the website - www.kalyanpur.in

**Sd/- Principal**

**ଅଜବ ଶିକ୍ଷା ବ୍ୟବସ୍ଥା**

# ଶିକ୍ଷକଙ୍କ ଅବସର ପରେ ଶିକ୍ଷକ ଶୂନ୍ୟ ରେଙ୍ଗାଲି ସ୍କୁଲ

## ୯୮ ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଶିକ୍ଷା ବିଭାଗର ଅଣଦେଖା

## ବାରମ୍ବାର ଅଭିଯୋଗ ଦାବି ପରେ ହେଲାନି ସମାଧାନ

**ବଲାଙ୍ଗିର, ୩।୭ (ସମିସ)**

ବିନା ଶିକ୍ଷକ ଓ ଶିକ୍ଷୟତ୍ରୀରେ ଚାଲିଲା ଉଚ୍ଚ ବିଦ୍ୟାଳୟ। ସବୁଦିନ ଭଳି ଛାତ୍ରଛାତ୍ରୀ ସମୟାନୁସାରେ ସ୍କୁଲକୁ ଆସିଲେ। ସ୍କୁଲରେ ନିଜେ ନିଜେ ପ୍ରାର୍ଥନା ବି କଲେ। ପ୍ରାର୍ଥନା ସରିବା ପରେ ଶୃଙ୍ଖଳିତ ଭାବେ କ୍ଲାସ ରୁମ୍ କୁ ଯାଇ ବସିଲେ। ନିଜେ ବହି ବାହାର କରି ନିଜେ ନିଜେ ପଢ଼ିଲେ। କାହିଁକିନା ସ୍କୁଲରେ ନାହାନ୍ତି କୌଣସି ଶିକ୍ଷକ କି ଶିକ୍ଷୟିତ୍ରୀ। ଯେଉଁ ଜଣେ ଶିକ୍ଷକ ଥିଲେ ଗତ ୩୦ ତାରିଖରେ ସେ ଅବସର ଗ୍ରହଣ କରିବା ପରେ ଆଉ ଆସୁନାହାନ୍ତି। ଫଳରେ ଛାତ୍ରଛାତ୍ରୀ କରିବେ କଣ ! ଘରେ ରହିବା ଅପେକ୍ଷା ସ୍କୁଲ ଆସି ନିଜେ ପାଠ ପଢ଼ିବା ଭଲ। ଏହିଭଳି ଏକ ଉଚ୍ଚ ବିଦ୍ୟାଳୟର ଦୁର୍ଭାଗ୍ୟଜନକ ଚିତ୍ର ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ରେଙ୍ଗାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ। ଏହି ସ୍କୁଲରେ ପାଠ ପଢୁଥିବା ୯୮ ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବେ ଅନ୍ଧାରରେ ରହିଛି।

ଶିକ୍ଷିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀରେ ବିନା ଶିକ୍ଷକ ଶିକ୍ଷୟତ୍ରୀରେ ଚାଲିଛି ଉଚ୍ଚ ବିଦ୍ୟାଳୟ। ଆଜି ର ଦିନରେ ବିନା



କୌଣସି ଶିକ୍ଷକ ଶିକ୍ଷୟତ୍ରୀରେ ସ୍କୁଲ ଚାଲିବା ଶୁଣିବାକୁ ନିହାତି ଭାବେ ଅଡୁଆ ଲାଗୁଥାଇପାରେ କିନ୍ତୁ ଏଭଳି ଏକ ସ୍କୁଲ ରହିଛି ଲୋଇସିଂହା ବ୍ଲକରେ। ଉକ୍ତ ବ୍ଲକର ରେଙ୍ଗାଲି ଠାରେ ୧୯୯୧ ମସିହାରେ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ଏହି ସ୍କୁଲ ଉପରେ ନିକଟସ୍ଥ ରେଙ୍ଗାଲି, ବାଗଡୁଙ୍ଗୁରୀ, କପିଲବାହାଲ, ବୁଡାବାହାଲ ଗାଁର ଛାତ୍ରଛାତ୍ରୀ ମାନେ ନିର୍ଭର କରିଥାନ୍ତି। ବର୍ତ୍ତମାନ ସମୟରେ ଏହି ସ୍କୁଲରେ ୯୮ ଛାତ୍ରଛାତ୍ରୀ ରହିଛନ୍ତି। ଅଷ୍ଟମରେ ୩୦ ଜଣ, ନବମରେ ୩୨ ଜଣ ଓ ଦଶମ ରେ ୩୬ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ଅଞ୍ଚଳରେ ଉକ୍ତ ସ୍କୁଲକୁ ଛାଡିଦେଲେ ଏହି ଗାଁର ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ୟ କିଛି ବିକଳ୍ପ ନାହିଁ। କାହିଁକିନା ଲୋୟର ସୁକତେଲ ପ୍ରକଳ୍ପରେ ରେଙ୍ଗାଲି ନିକଟସ୍ଥ ଗାଁ ଗୁଡିକ ବିସ୍ଥାପିତ ହେବା ପରେ ଉଚ୍ଚ ବିଦ୍ୟାଳୟ ସବୁ ବନ୍ଦ ହୋଇସାରିଛି। ତେବେ ୩୪ ବର୍ଷରେ ପ୍ରଦାର୍ପଣ କରିଥିବା ଏହି ସ୍କୁଲ ଗତ କିଛି ମାସ ହେଲା ଦୁଇ ଜଣ ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହୋଇଆସୁଥିଲେ। କିନ୍ତୁ ଗତ ମେ ମାସରେ ଜଣେ ଓ ଗତ ଜୁନ ୩୦ ତାରିଖରେ ଜଣେ ଶିକ୍ଷକଙ୍କ ଅବସର ଗ୍ରହଣ କରିବା ଦ୍ୱାରା ଏବେ ଏହି ସ୍କୁଲ ଖାଲିପଡ଼ିଛି। ନା ଶିକ୍ଷକ ଶିକ୍ଷୟତ୍ରୀ ଅଛନ୍ତି ନା ରାତ୍ର ଜଗୁଆଳି। ଏବେ ଛାତ୍ରଛାତ୍ରୀମାନେ ନିଜେ ଶିକ୍ଷକ ନିଜେ ଛାତ୍ରଛାତ୍ରୀ ଅବସ୍ଥାରେ ରହିଛନ୍ତି। କିଛି ବର୍ଷ ହେଲା ସ୍ଥାନୀୟ ବାସିନ୍ଦା ଏହି ସମସ୍ୟା କୁ ଉପଲବ୍ଧି କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଶିକ୍ଷକ ବ୍ୟବସ୍ଥା କରିବା ପାଇଁ ଦାବି କରିଆସୁଛନ୍ତି। ବିଡିଓ ଠାରୁ ଆରମ୍ଭ କରି ଜିଲ୍ଲାପାଳ ବିଧାୟକଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ ପର୍ଯ୍ୟନ୍ତ ଏବିଷୟରେ ଦାବି ଉଠାଇଛନ୍ତି। କିନ୍ତୁ ସ୍କୁଲ ଶିକ୍ଷକ ଶୂନ୍ୟ ହୋଇଗଲା ପଟେ ଶିକ୍ଷା ବିଭାଗ ପକ୍ଷରୁ କୌଣସି ସୁବିଧା କରାଯାଇନାହିଁ। ଫଳରେ ଜୁଲାଇ ୧ ତାରିଖରୁ ଛାତ୍ରଛାତ୍ରୀ ସ୍କୁଲ କୁ ଆସି ନିଜେ ପଢ଼ି ଫେରୁଛନ୍ତି। ଗତ ମାର୍ଚ୍ଚ ମାସରେ ସ୍କୁଲ ଚଲାଇବା ପାଇଁ ସ୍କୁଲ ପରିଚାଳନା କମିଟି ଗାଁ ଗାଁ ବୁଲି ଭିକ୍ଷା ମାଗି ପାଣ୍ଠି ସଂଗ୍ରହ କରିବା ପାଇଁ ଉଦ୍ୟମ କରିଥିଲେ। ଏନେଇ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଲିଖିତ ଭାବେ ଅନୁରୋଧ ମଧ୍ୟ କରିଥିଲେ। ତଥାପି କୌଣସି ଶିକ୍ଷକ ବ୍ୟବସ୍ଥା କରାନଯିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ୫ଟି ରୂପାନ୍ତରୀକରଣରେ ସ୍କୁଲର ଉନ୍ନତିକରଣ କରାଯାଇଛି। ଉତ୍ତମ ଶିକ୍ଷଣୀୟ ପରିବେଶ ସୃଷ୍ଟି କରାଯାଇଛି କିନ୍ତୁ ଶିକ୍ଷା ବିଭାଗ ଶିକ୍ଷକ ଦେଇନପାରିଲେ ଏହାର କଣ ଲାଭ ବୋଲି ପରିଚାଳନା କମିଟି ଅଭିଯୋଗ କରିଛି। ତେବେ ଏହା ଅନୁଦାନ ପ୍ରାପ୍ତ ସ୍କୁଲ ହୋଇଥିବାରୁ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷକ ଡେପୁଟେସନରେ ଦେଇପାରିବ। ପୂର୍ବରୁ ମଧ୍ୟ ଏହି ବ୍ୟବସ୍ଥା ହୋଇପାରିଥାନ୍ତି କିନ୍ତୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ତାହା ମଧ୍ୟ ହୋଇପାରିନାହିଁ। ଶିକ୍ଷା ବିଭାଗ ଏହାକୁ ଗୁରୁତ୍ୱ ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

**ପୁଇଁନ୍ତଲା ତହସିଲ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଘଟଣା**

# କଳାବ୍ୟାଜ ପିନ୍ଧି ପ୍ରତିବାଦ, କଡ଼ା ସୁରକ୍ଷା ବ୍ୟବସ୍ଥା ଦାବି

**ବଲାଙ୍ଗିର, ୩।୭ (ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ତହସିଲ କାର୍ଯ୍ୟାଳୟ ଭିତରେ ପଶି ନିଶାସକ୍ତ ଯୁବକ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଘଟଣାକୁ ନିନ୍ଦା କରିଛି ଜିଲ୍ଲା ରାଜସ୍ୱ ଅମଲା ସଂଘ। ଦୋଷୀ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସରକାରୀ କାର୍ଯ୍ୟାଳୟ ଭିତରେ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ସଂଘ ଦାବି କରିଛି। ଏନେଇ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।




ସୂଚନା ଅନୁସାରେ ଗତ ମଙ୍ଗଳବାର ପୁଇଁନ୍ତଲା ତହସିଲ କାର୍ଯ୍ୟାଳୟ ଭିତରକୁ ନିଶାସକ୍ତ ଅବସ୍ଥାରେ ପ୍ରେମରାଜ ବାଗ ଓ ସୁବାଷ ଚନ୍ଦ୍ର ଭଞ୍ଜ ପଶି ଦୁଇ ଜଣ ତହସିଲ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ତହସିଲରେ କାର୍ଯ୍ୟରତ ଥିବା ରାଜସ୍ୱ ସହାୟକ ନୟନ ସାଏ ଓ ସୁଜୟା ସାଏ ଙ୍କୁ ଆକ୍ରମଣ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଥିଲା। ତେବେ ଜିଲ୍ଲାରେ ଏହିଭଳି ଘଟଣାକୁ ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘ ବଲାଙ୍ଗିର ଶାଖା ତୀବ୍ର ପ୍ରତିକ୍ରୀୟା ପ୍ରକାଶ କରିଛି। ଏହା କର୍ମଚାରୀଙ୍କୁ ଭୟଭୀତ କରିବା ସହ ନିରପେକ୍ଷ ଭାବେ କାମ କରିବାକୁ ବାଧା ସୃଷ୍ଟି କରୁଥିବା ଅଭିଯୋଗ କରିଛି। ଏପରିକି ସରକାରୀ କାର୍ଯ୍ୟାଳୟମାନଙ୍କରେ ମହିଳାମାନେ କାର୍ଯ୍ୟରତ ଥିବା ବେଳେ ସେଠାରେ ସୁରକ୍ଷା ବ୍ୟବସ୍ଥା ନାହିଁ। ଏପରିକି ଅନେକ କାର୍ଯ୍ୟାଳୟରେ ସିସିଟିଭି ବ୍ୟବସ୍ଥା ମଧ୍ୟ ନାହିଁ। ଯାହାଫଳରେ କର୍ମଚାରୀମାନେ ଅସୁରକ୍ଷିତ ରହିଛନ୍ତି। ପୁଇଁନ୍ତଲା କର୍ମଚାରୀଙ୍କୁ ଆକ୍ରମଣ ଘଟଣା ଏକ ଉଦାହରଣ ମାତ୍ର। ଏମିତି ଅନେକ ସମୟରେ ନିଶା ସକ୍ତ ଅବସ୍ଥାରେ ଲୋକେ ପଶି କର୍ମଚାରୀଙ୍କୁ ଗାଳିଗୁଲଜ କରୁଥିବା କର୍ମଚାରୀ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାକୁ ନେଇ ଅମଲା ସଂଘ କଳାବ୍ୟାଜ ପରିଧାନ କରି ପ୍ରତିବାଦ କରିଛି। ସେହିପରି ଗୁରୁବାର ସରକାରୀ କାର୍ଯ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା, କାର୍ଯ୍ୟାଳୟମାନଙ୍କରେ ଏଆଇ କ୍ୟାମେରା ଲଗାଇବାକୁ ଦାବି କରିଛି। ଅମଲା ସଂଘ ସଦସ୍ୟମାନେ ସଭାପତି ପ୍ରଭାତ ମଲ୍ଲିକ ଓ ସମ୍ପାଦକ ରତିକାନ୍ତ ପୁରୋହିତ ଙ୍କ ନେତୃତ୍ୱରେ ସ୍ଥାନୀୟ ଅମଲା ଭବନ ରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ସେହିପରି ସୁରକ୍ଷା ବ୍ୟବସ୍ଥା ପାଇଁ ଏସ୍‌ପିଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

**ରାସ୍ତା ପାଲଟିଛି ମରଣଯନ୍ତା**

# ଅଭିଯୋଗ ସତ୍ତ୍ୱେ ହେଉନି ମରାମତି



**ଶଗଡ଼ା, ୩।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଅନ୍ତର୍ଗତ ମଲିକକୁଦ ଛକରୁ ଉପର ପଡ଼ାକୁ ଯାଇଥିବା ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଦୀର୍ଘବର୍ଷ ହେବ ଉକ୍ତ ରାସ୍ତା ମରାମତି ହେଉ ନ ଥିବାରୁ ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି କାଦୁଅ ଖାଲଖମାରେ ଭର୍ତ୍ତି ଏହି ରାସ୍ତାରେ ଲୋକେ ଯାତାୟତ ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ବର୍ଷା ଦିନେ ଉକ୍ତ ରାସ୍ତାରେ ଚାରି ଚକିଆ, ବାଇକ ଯିବା ଦୂରର କଥା ଚାଲିକି ଯିବା ମଧ୍ୟ କଷ୍ଟକର ହୋଇ ପଡେ। ଏହି ରାସ୍ତାରେ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟକୁ ଯିବା ସମୟରେ କାଦୁଅରେ ପଡ଼ି ଆହତ ହେବା ସହ ବହି ପ୍ୟାଣ୍ଟ ସାର୍ଟ ଭିଜି ଯାଇ ନଷ୍ଟ ହେଉଥିବା ନଜିର ରହିଛି। ଏପରିକି ବର୍ଷା ଦିନେ କୌଣସି ବ୍ୟକ୍ତି ଗୁରୁତର ରୋଗରେ ପଡ଼ିଲେ ଆମ୍ବୁଲାନ୍ସ ଆସି ନ ପାରି ରୋଗୀକୁ ବୋହିକି ନେବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି। ଉକ୍ତ ରାସ୍ତା ମରାମତି ପାଇଁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡ଼ିଓ, ବିଧାୟକ, ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କଲେ ସୁଦ୍ଧା କେହି ତାଙ୍କର କଥା ଶୁଣୁ ନଥିବା ଅଭିଯୋଗ କରିଛନ୍ତି। ରାସ୍ତା ଖୁବ୍ ଶୀଘ୍ର ମରାମତି କରା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଗ୍ରାମବାସୀ ପ୍ରଶାସନକୁ କଡ଼ା ଚେତାବନୀ ଦେଇଛନ୍ତି।

# ସାପ କାମୁଡ଼ାରେ ଜଣେ ଆହତ

**କଣ୍ଟାବାଞ୍ଜି, ୩।୭ (ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡ଼ା ଥାନା ଅର୍ନ୍ତଗତ କୁମାରଖୁନି ଗାଁର ରଘୁ ମାଝି ନାମକ ଜଣେ ୫୦ ବର୍ଷିୟ ବୃଦ୍ଧାଙ୍କୁ ଗୁରୁବାର ରାତିରେ ବିଷାକ୍ତ ସାପ କାମୁଡ଼ି ବାରୁ ବୃଦ୍ଧ ଜଣକ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ବୃଦ୍ଧ ଜଣଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ଆଣି ଚିକିତ୍ସା କରାଉଛନ୍ତି।

# ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ

**ବେଲପଡ଼ା, ୩।୭ (ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ କାର୍ଯ୍ୟାଳୟ ଠାରୁ ଡୁଙ୍ଗରିପାଲିକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ରାସ୍ତା ଉପରେ ଆଣ୍ଠୁଏ କାଦୋ ଜମା ଥିବାରୁ ଯାତାୟତ କରୁଥିବା ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ପ୍ରତି ଦିନ ହଜାର ହଜାର ଲୋକ ଯିବା ଆସିବା କରିଥାନ୍ତି। ମଝି ରାସ୍ତା ରେ ଏମିତି ଅବସ୍ଥା ଥିବାରୁ ଯାତ୍ରୀ ହଇରାଣ ହେବା ସହ ଦୁର୍ଘଟଣାର ଶିକାର ହେଉଛନ୍ତି। ବ୍ଲକ ସଦର ମହକୁମା ଠାରୁ ମାତ୍ର ଅଳ୍ପ ଦୂରରେ ଏମିତି ଅବସ୍ଥା ରହିଛି ଯାହାକୁ ଦେଖି ପାରୁନାହାନ୍ତି ଅଧିକାରୀ ତେବେ



ଅନ୍ୟ ଅଞ୍ଚଳ କଥା କିଏ ପଚାରେ। ବର୍ତ୍ତମାନ ବର୍ଷା ଋତୁ ଥିବାରୁ ଅବସ୍ଥା ଆହୁରି ଶୋଚନୀୟ ହୋଇ ପଡ଼ିଛି। ବିଭାଗୀୟ କର୍ତ୍ତୃପକ୍ଷ ଏଦିଗରେ ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ଦାବି ହେଉଛି।

# ମରଣଯନ୍ତା ସାଜିଛି ଚେରିପାଲିରୁ ଜିରା ବ୍ରିଜ ରାସ୍ତା

**ବିନିକା, ୩।୭ (ସମିସ):** ୫୩ନଂ ରାଜ୍ୟ ରାଜପଥ କୁହାଯାଉଥିବା ବିନିକା-ଗୋଡଭଗା ରାସ୍ତାର ଚେରୁପାଲି ଠାରୁ ଜିରା ବ୍ରିଜ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତାରେ ଯିବା ଆସିବା କରୁଥିବା ବିଭିନ୍ନ ପ୍ରକାରର ଯାନବାହାନ ଗୁଡିକ ହାତୀ ଝୁଲିଲା ପରି ଯାଉଥିବାରୁ କେତେବେଳେ ଯେ ବଡ଼ ଅଘଟଣ ଘଟିବ ତାହା କହି ହେଉନାହିଁ। ଫଳରେ ସାଧାରଣ ପଥିକ ଓ ବାଇକ୍, ସାଇକଲ ଆରୋହୀଙ୍କ ପାଇଁ ମରଣଯନ୍ତା ସଦୃଶ ହୋଇଛି। ରାସ୍ତାର ବିଭିନ୍ନ ସ୍ଥାନରେ ଅସଂଖ୍ୟ ଛୋଟ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ସେଥିରେ ବର୍ଷାପାଣି ଭର୍ତ୍ତି ରହି ଥିବାରୁ ଯିବା ଆସିବା ବେଳେ ଲୋକେ ଖାଲରେ ପଡ଼ି ଖଣ୍ଡିଆ ଖାବରା ହେଉଥିବା ଜଣାପଡ଼ିଛି। ବିଶେଷ କରି ସ୍କୁଲ, କଲେଜକୁ ପାଠ ପଢ଼ି ଯାଉଥିବା ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିପଦପୂର୍ଣ୍ଣ ରାସ୍ତା ସମ୍ପର୍କରେ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଜାଣିଥିଲେ ମଧ୍ୟ ମରାମତି କରିବା ଦିଗରେ କୌଣସି ପଦକ୍ଷେପ ନେଉ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ରାସ୍ତାର ଅବସ୍ଥା ନେଇ ସାମାଜିକ କର୍ମୀ ରମେଶ ମେହେର ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାର, ପୂର୍ତ୍ତ ବିଭାଗ ସଚିବ ଓଡ଼ିଶା, ସୁବର୍ଣ୍ଣପୁର ଜିଲ୍ଲାପାଳ, ସୋନପୁର ପୂର୍ତ୍ତ ବିଭାଗକୁ ଟୁଇଟ ମାଧ୍ୟମରେ ଜଣାଇଥିଲେ ମଧ୍ୟ ତାର ସମାଧାନ ଦିଗରେ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ। ତେବେ ସତରେ କଣ ଏକ ବଡ଼ ଅଘଟଣ ଘଟିଲେ ଯାଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବ କି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।



**ପାଟଣାଗଡ଼ ବ୍ଲକ୍ ଓ ଏନ୍‌ଏସିରେ ଉନ୍ନୟନମୂଳକ କାମ ବ୍ୟାହତ**

# ଧାରଣାରେ ରାଜ୍ୟ ସଂଘ ପ୍ରତିନିଧି ସହ ଜିଲ୍ଲା ସମିତି ସଂଘ ସଭାପତି

**ପାଟଣାଗଡ଼, ୩।୭ (ସମିସ):** ପାଟଣାଗଡ଼ରେ ଉନ୍ନୟନମୂଳକ କାମ ବ୍ୟାହତ ହୋଇଥିବା ଅଭିଯୋଗ ନେଇ ପାଟଣାଗଡ଼ ବ୍ଲକରେ ସମିତି ସଭ୍ୟସଭ୍ୟା ଓ ଏନ୍‌ଏସିରେ କାଉନସିଲରଙ୍କ ଧାରଣା ଗୁରୁବାର ସପ୍ତମ ଦିନରେ




ପହଞ୍ଚିଛି। ଏହି ଆନ୍ଦୋଳନ ଧିରେ ଧିରେ ଉଗ୍ରରୂପ ନେବାକୁ ଯାଉଥିବା ବେଳେ ଆନ୍ଦୋଳନକୁ ସମର୍ଥନ ଜଣାଇ ଗୁରୁବାର ମଧ୍ୟାହ୍ନ ସମୟରେ ଜିଲ୍ଲା ସମିତି ସଭ୍ୟ ସଂଘ ସଭାପତି ଗୋପାଳ ବାଗ, ସମ୍ପାଦକ ମୁରଲି କୁମ୍ଭାର, ରାଜ୍ୟ ସମିତି ସଂଘର ପ୍ରତିନିଧି ବୀରେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ଆଠ ଜଣିଆ ପ୍ରତିନିଧି ଦଳ ଧାରଣାସ୍ଥଳକୁ ପହଞ୍ଚି ଧାରଣାରତ ସମିତି ସଭ୍ୟସଭ୍ୟାଙ୍କୁ ସମର୍ଥନ ଜଣାଇଛନ୍ତି। ରାଜ୍ୟରେ ବିଜେପି ସରକାର ଆସିବା ଦିନ ଠାରୁ ପାଟଣାଗଡ଼ ବ୍ଲକ ଓ ଏନ୍‌ଏସିରେ ସମସ୍ତ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ହୋଇ ପଡ଼ିଛି। ଯେହେତୁ ଏଠାରେ ତୃଣମୂଳ ସ୍ତରରେ ବିଜେପି ଦଳର ସମିତି ସଭ୍ୟ ସଭ୍ୟା, ଚେୟାରମ୍ୟାନ, ସରପଞ୍ଚ ଏପରିକି ଜିଲ୍ଲାପରିଷଦ ସଭ୍ୟ ସଭ୍ୟା ନଥିବାରୁ କାଳେ ଲୋକ ଉପେକ୍ଷିତ କରିବା ଭୟରେ ଜାଣି ଶୁଣି ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂହଦେଓ ସରକାରୀ ଅନୁଦାନରେ ହସ୍ତକ୍ଷେପ କରିବା ସହ ବ୍ଲକ ଓ ଏନ୍‌ଏସି ପ୍ରଶାସନ କୁ ଚାପ ପ୍ରୟୋଗ କରି ଏହି ସବୁ କାମଗୁଡିକୁ ବନ୍ଦ କରାଇ ଦେଇଛନ୍ତି। ଏପରିକି ପୂର୍ବରୁ ମଧ୍ୟ ସମିତି ସଭ୍ୟସଭ୍ୟା ମାନେ ନିଜସ୍ୱ ଅନୁଦାନରେ କରିଥିବା ବିଭିନ୍ନ ଉନ୍ନୟନମୂଳକ କାମ ଗୁଡ଼ିକର ବିଲକୁ ବନ୍ଦ କରିବା ପାଇଁ ପାଟଣାଗଡ଼ ବିଧାୟକ ବିଡ଼ିଓ ଏବଂ ଇଓଙ୍କୁ ଦସ୍ତଖତ ନ ଦେବାକୁ ମଧ୍ୟ ତାଗିଦ କରିଥିବା ନେଇ ଜିଲ୍ଲା ସଭାପତି ଶ୍ରୀ ବାଗ ଗଣମାଧ୍ୟମ କୁ କହିଛନ୍ତି। ସେହିପରି ଧାରଣାରତ ଫଟାମୁଣ୍ଡା ସମିତିସଭ୍ୟ ଜୟନ୍ତ କୁମ୍ଭାର ଧାରଣା ଦେବାର ସାତ ଦିନ ବିତିଥିଲେ ସୁଦ୍ଧା ପ୍ରଶାସନ କାହା ଚାପରେ ଚୁପ ରହିଛି। ଆମ ଦୁଃଖ ଶୁଣିବାକୁ ଜିଲ୍ଲା ପ୍ରଶାସନର ସମୟ ନାହିଁ ତେଣୁ ଧାରଣାରତ ସମସ୍ତ ସମିତି ସଭ୍ୟ, ସଭ୍ୟା ବାଧ ହୋଇ ଏଠାରୁ ଚାଲି ଚାଲି ଯାଇ ଜିଲ୍ଲାପାଳଙ୍କୁ ଭେଟିବୁ ବୋଲି କହିଛନ୍ତି। ଅନ୍ୟପଟେ ବୁଧବାର ଏନ୍‌ଏସିରେ ଅତିରିକ୍ତ ଜିଲ୍ଲାପାଳ ସେବନ କେରକେଟା ନୂତନ ଇଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେବେ ଏହି ସମସ୍ୟାର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଓ ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଗତ ମଙ୍ଗଳବାର ଠାରୁ ଚାଲିଥିବା ଧାରଣା ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି ରହିବ ବୋଲି ଅଧକ୍ଷା ମାନସୀ ବିଶ୍ୱାଳଙ୍କ ସହ ୧୧ ଜଣ କାଉନସିଲର କହିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ଧାରଣା ଜାରି ରହିଥିବା ବେଳେ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ମୁତୟନ ହୋଇଛନ୍ତି।

**■ କୁଜ ମାଝୀ ହତ୍ୟା ଘଟଣାରେ ନୂଆ ମୋଡ଼**

# ପ୍ରେମିକାକୁ ଗିରଫ ଦାବିରେ ଥାନା ଘେରିଲେ ମହିଳା

**କଣ୍ଟାବାଞ୍ଜି, ୩।୭ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ଡୁମେରଚୁଆ ଗାଁର କୁଜ ମାଝୀଙ୍କୁ ଗତ ୨୦ ତାରିଖ ରାତିରେ ସାଙ୍ଗମାନେ ହତ୍ୟା କରି କଣ୍ଟାବାଞ୍ଜି ସହରର ନୂଆ ବସ୍‌ଷ୍ଟାଣ୍ଡ ପଛ ପଟେ କୂଅ ଭିତରେ ଫିଙ୍ଗି ଦେଇଥିଲେ। ମୃତଦେହ ଉଦ୍ଧାର କରି ପୋଲିସ ତଦନ୍ତ ଆରମ୍ଭ କରିବାକୁ ତ୍ରିଭୋଣ ପ୍ରେମ ପାଇଁ ହତ୍ୟା ହୋଇଥିବା ନେଇ ପୁଲିସ ପର୍ଦ୍ଦାଫାସ କରି ମୃତ କୁଜ ମାଝୀଙ୍କ ପିଲା ଦିନ ସାଙ୍ଗ ଡୁମେରଚୁଆ ଗାଁର ସତ୍ୟ ନାଗ ଓ ଶଙ୍କର ଖର୍ସେଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ସତ୍ୟ ତାଙ୍କ ପ୍ରେମିକା ସହ ମୃତ କୁଜଙ୍କ ଫୋନରେ କଥା ହେଉଥିବା ବେଳେ ଅଭିଯୁକ୍ତ ସତ୍ୟଙ୍କ ପ୍ରେମିକା ଓ ମୃତ କୁଜଙ୍କ ଭିତରେ ଧିରେ ଧିରେ ପ୍ରେମ ସମ୍ପର୍କ ଗଢି ଉଠୁଥିଲା। ଏନେଇ ତାଙ୍କ ଓ ପ୍ରେମିକା ମଧ୍ୟରେ କୁଜ କଣ୍ଟା ସାଜୁଥିବା ନେଇ ସତ୍ୟ ଖବର ପାଇ ଯୋଜନା କରି ଅଭିଯୁକ୍ତ ସତ୍ୟ କୁଜକୁ ହତ୍ୟା କରିଥିବା ନେଇ ବଲାଙ୍ଗିର ଅତିରିକ୍ତ ଏସପି ଆଲୋକ କୁମାର ଜେନା ଘଟଣାର ପର୍ଦ୍ଦାଫାସ କରି ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ଅନ୍ୟପକ୍ଷରେ ଏହି ଘଟଣା ଏବେ ନୂଆ ମୋଡ ନେଇଛି ଗୁରୁବାର ମୃତ କୁଜ ମାଝୀଙ୍କ ମାଆ ଚୁକ୍ତି ମାଝୀ ଶତାଧିକ ମହିଳାଙ୍କୁ ଧରି କଣ୍ଟାବାଞ୍ଜି ଥାନାକୁ ଆସି ଥାନା ଘେରିଥିଲେ। ଯେଉଁ ପ୍ରେମିକା ପାଇଁ ତାଙ୍କ ପୁଅର ଜୀବନ ଯାଇଛି ତାକୁ ମଧ୍ୟ ପୁଲିସ ସମସ୍ତ ସାମ୍ନା କୁ ଆଣୁ ତାକୁ ଗିରଫ କରି ଜେଲ ପଠାନ୍ତୁ। ଯଦି ସେ ଝିଅ ମୋ ପୁଅ କୁଜ ଭଲ ପାଉଥିଲା ତେବେ ସେ ମୋ ବୋହୂ ଅଟେ। ମୋ ପୁଅ କୁଜର ମୃତ୍ୟୁ ହୋଇଛି ସେ ମଧ୍ୟ ବିଧବା ତେଣୁ ମୋ ଘରେ



ଆଉଁ କେହି ନାହାଁନ୍ତି ଏବେ ଝିଅ ମୋ ଘରକୁ ଚାଲୁ ଏବଂ ମୋ ପରି ବିଧବା ଅବସ୍ଥାରେ ସାରା ଜୀବନ ବିତାଉ ନହେଲେ ସେହି ଝିଅକୁ ପୁଲିସ ଗିରଫ କରି ଦଣ୍ଡ ଦେଉ ବୋଲି ମୃତ କୁଜଙ୍କ ମାଆ ଚୁକ୍ତି ପୁଲିସ ସମ୍ମୁଖୀନରେ ଦାବି କରିଛନ୍ତି। ପୁଲିସ ଥାନା ପରିସରରେ ମହିଳାମାନଙ୍କ ସହ ଆଲୋଚନା କରୁଥିଲେ ମଧ୍ୟ ସେମାନେ ଯିଦ୍‌ରେ ଅଟଳ ଥିଲେ। ଅନେକ ସମୟ ଧରି ବୁଝାଶୁଝା କରିବା ପରେ ସେମାନେ ଥାନାରୁ ତାଙ୍କ ଘରକୁ ଯାଇଛନ୍ତି। ତେବେ ଦେଖିବାକୁ ରହିଲା ପ୍ରେମିକା ଉପରେ ପୁଲିସ କି ପଦକ୍ଷେପ ନେଉଛି।

**ଆସିଲା ବର୍ଷା, ବଢ଼ିଲା ଜଳବନ୍ଦୀ ଚିନ୍ତା**

# ୪ ମାସ ଧରି ବିଚ୍ଛିନ୍ନ ରହିବ ୩ ଗାଁ





**ସିନାପାଲି, ୩।୭ (ସମିସ)**

ଗ୍ରାମାଞ୍ଚଳ ଜନସାଧାରଣଙ୍କ ଯାତାୟତରେ ସୁଧାର ଆସିଲେ ଆର୍ଥିକ ଓ ସାମାଜିକ କ୍ଷେତ୍ର ରେ ପରିବର୍ତ୍ତନ ହେବା ସହ ଅନେକ କ୍ଷେତ୍ରରେ ଅଞ୍ଚଳ ବିକଶିତ ହୋଇଥାଏ। ହେଲେ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଉପାନ୍ତ ଅଞ୍ଚଳ ଜନସାଧାରଣଙ୍କୁ ଯୋଗାଯୋଗ କରିବାରେ ଆଜି ବି ସାତସପନ ହୋଇ ରହିଛି। ଯାହା ଫଳରେ ବର୍ଷା ଋତୁ ସମୟରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ରହି ଦୁଃସ୍ଥ ଜୀବନ ବିତାଇବାକୁ ପଡ଼ିଥାଏ। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ବଣ ପାହାଡ ଘେରା ଘାଟମାଳ ଗ୍ରାମ ପଞ୍ଚାୟତ ର ଚିତାରମା, ଝୋଲାପଡ଼ା ଓ ନଙ୍ଗଲଘାଟ ଗ୍ରାମର ଜନସାଧାରଣଙ୍କୁ ଏବେ ଘାରିଛି ଜଳବନ୍ଦୀ ଚିନ୍ତା। କିଛି ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ହେବା ଫଳରେ ଉଦନ୍ତୀ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି। ଆହୁରି ଆଗକୁ ବଡ଼ ବର୍ଷା ଆଶଙ୍କା ଥିବାରୁ ସମ୍ପୂର୍ଣ୍ଣ ଭାବରେ ଗାଁ ଲୋକେ ଜଳବନ୍ଦୀ ଜୀବନ ଅତିବାହିତ କରିବେ।

ଖରସ୍ରୋତ ଉଦନ୍ତୀ ନଦୀ କୂଳରେ ଆଜକୁ ୧୦୦ ବର୍ଷ ପୂର୍ବେ ଏହି ଗ୍ରାମ ଗଢିଉଠି ଥିଲା। ଚିତାରମା ଗ୍ରାମର ପଡ଼ା ଗ୍ରାମ ଝୋଲାପଡ଼ା ଓ ନିକଟ ଗ୍ରାମ ହେଉଛି ନଙ୍ଗଲଘାଟ। ଏହି ଗ୍ରାମ ଗୁଡ଼ିକ ପାଇଁ ବର୍ଷା ଋତୁରେ ବିଶେଷ ଅସୁବିଧା ହେଇଥାଏ। ଉଦନ୍ତୀ ନଦୀ ରେ ବନ୍ୟା ଜଳ ପ୍ରବାହିତ ହେଲେ ସମ୍ପୂର୍ଣ୍ଣ ଭାବରେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଥାଏ। ବର୍ଷ ର ୪ ମାସ ଏମାନେ ଜଳବନ୍ଦୀ ଜୀବନ ଅତିବାହିତ କରିଥାନ୍ତି। ଅତି ଜରୁରୀ ସମୟରେ ପଡ଼ୋଶୀ ଛତିଶଗଡ଼ ଉପରେ ନିର୍ଭର କରନ୍ତି। ସେମାନଙ୍କୁ ଛତିଶଗଡ଼ ଯିବାକୁ ହେଲେ ମଧ୍ୟ ମରଣଯନ୍ତା ରାସ୍ତା ସାଙ୍ଗକୁ ବଣ ପାହାଡ ପଥୁରିଆ ରାସ୍ତା ଦେଇ ବହୁ କଷ୍ଟରେ ଯିବାକୁ ପଡ଼ିଥାଏ ବୋଲି ଅଞ୍ଚଳର ଅଧିବାସୀ ପ୍ରକାଶ କରିଛନ୍ତି। ଏହି ଅଞ୍ଚଳ ସିନାପାଲି ବ୍ଲକ ସଦର ମହକୁମା ଠାରୁ ଦୀର୍ଘ ୩୦ କିଲୋ ମିଟର ଦୂରରେ ଅବସ୍ଥିତ। ଏହି ଗ୍ରାମରେ ଆଦିବାସୀ ଓ ପହରିଆ ଜନଜାତିର ଲୋକେ କେଉଁ ଆବାହନ କାଳରୁ ବସତି ସ୍ଥାପନ କରିଛନ୍ତି। ଆଜିବି ଦାରିଦ୍ର୍ୟ ସୀମାରେଖା ତଳେ ରହି ଜୀବିକାନିର୍ବାହ କରୁଛନ୍ତି। ଅନେକ ଗରୀବ ଶ୍ରେଣୀର ହୋଇଥିବା ବେଳେ ମୁଖ୍ୟତଃ ସରକାରଙ୍କ ଦ୍ୱାରା ଦିଆଯାଉଥିବା ପିଡିଏସ ଚାଉଳ ଓ ଲଘୁବନଜାତ ଦ୍ରବ୍ୟ ଉପରେ ନିର୍ଭର କରନ୍ତି। କିନ୍ତୁ ଜଳବନ୍ଦୀ ଯୋଗୁଁ ଏହି ଚାଉଳ ଆଣିବା ପାଇଁ ସମ୍ଭବ ହୋଇପାରେ ନାହିଁ। ଯାହା ଫଳରେ ଲୋକେ ବର୍ଷା ଋତୁ ସମୟ ରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଥାନ୍ତି। ଏହି ୩ ଗାଁ ଲୋକଙ୍କ ପାଇଁ ପ୍ରଶାସନ ତତ୍ପରତା ଦେଖାଇ ଆଗତୁରା ଚିତାରମା ଗ୍ରାମରେ ପିଡିଏସ ଚାଉଳ ଗଚ୍ଛିତ ରଖି ଦେବାର ବ୍ୟବସ୍ଥା ସାଙ୍ଗକୁ ବିଭିନ୍ନ ସାମଗ୍ରୀ ମହଜୁଦ ରଖିବା ପାଇଁ ଗ୍ରାମର ଲୋକେ ଦାବି କରିଛନ୍ତି। ପ୍ରତିବର୍ଷ ବର୍ଷା ଋତୁ ଆସିଲେ ସେମାନଙ୍କ ଜୀବନ ଜୀବିକା ବିପନ୍ନ ହେଉଥିବା ବେଳେ ପରିବାର ପ୍ରତିପୋଷଣ ରେ ବିଶେଷ ଅସୁବିଧା ହେଇଥାଏ। ଗ୍ରାମର ଜନସାଧାରଣ ବ୍ଲକ କାର୍ଯ୍ୟାଳୟ ତଥା ପଞ୍ଚାୟତ, ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ଅନେକ ଜରୁରୀ କାମ ହୋଇ ପାରେ ନାହିଁ। ବିଗତ ଦିନ ମାନଙ୍କରେ ଭରା ନଦୀରେ ପ୍ରସୂତି ତଥା ଗର୍ଭବତୀ ମହିଳା ଓ ରୋଗୀଙ୍କୁ ଖଟିଆରେ ବହୁ ଅସୁବିଧାରେ ପାରି କରିବା ନଜିର ରହିଛି। ଚିତାରମା ଗ୍ରାମ ଠାରୁ ସିନ୍ଦୂରଶିଲ ଗ୍ରାମକୁ ସଂଯୋଗ କରି ସେତୁ ନିର୍ମାଣ କରିବା ପାଇଁ ଗ୍ରାମର ଜନସାଧାରଣ ପ୍ରାଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ବହୁ ନେତା ମନ୍ତ୍ରୀଙ୍କୁ ଅନୁରୋଧ କରିବା ପରେ ପୂର୍ବ ବିଜେଡି ସରକାର ଗୁରୁତର ସହିତ ବିଚାର କରି ସେତୁ ନିର୍ମାଣ ପାଇଁ ୨୦୨୩ ମସିହାରେ ଜାଗା ଚିହ୍ନଟ କରି ମାଟି ପରୀକ୍ଷଣ କରଯାଇଥିଲା। ଚଳିତ ବର୍ଷ ସେତୁ କାର୍ଯ୍ୟ ଆରମ୍ଭ ପାଇଁ ପ୍ରକ୍ରିୟା ଆରମ୍ଭ କରଯାଇଛି। ଏହି ଗ୍ରାମର ଜନସାଧାରଣ ନିର୍ବାଚନ ପୂର୍ବରୁ ସମସ୍ୟାକୁ ନେଇ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିଲେ। ସିନାପାଲି ବିଡିଓ ଅବିନାଶ ଲାକ୍ରା ପହଞ୍ଚି ସମାଧାନ କରି ପ୍ରତିଶ୍ରୁତି ଦେବା ପରେ ଭୋଟ ବର୍ଜନ ରୁ ନିବୃତ ରହିଥିଲେ। ଗ୍ରାମରେ ଅନେକ ସମସ୍ୟା ରହିଥିବା ବେଳେ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନ କରିବା ପାଇଁ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଉଦନ୍ତୀ ଭରା ନଦୀରେ ପାରି ହୋଇ ନିଜ ସହକର୍ମୀ ଙ୍କ ସହ ଗତ ବର୍ଷ ଯାଇଥିଲେ। ସେଠାରେ ଗ୍ରାମର ଜନସାଧାରଣଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଗତ ମାସରେ ଖଡିଆଳର ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି ଙ୍କ ନେତୃତ୍ୱ ରେ ବିଜେପି ର ଏକ ପ୍ରତନିଧି ଦଳ ଗାଁକୁ ଯାଇ ସମସ୍ୟାର ସ୍ଥିତି ପରଖି ଥିବା ବେଳେ ପ୍ରଶାସନ ଓ ସରକାରଙ୍କ ନିକଟରେ ଉପସ୍ଥାପନ କରି ସମାଧାନ କରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଘାଟମାଳ ସରପଞ୍ଚ ଟେକରାମ ମାଝି ଙ୍କୁ ପଚାରିବାରୁ ଏହି ଜଳବନ୍ଦୀ ସମସ୍ୟା ରହିଛି। ପଞ୍ଚାୟତ ତରଫରୁ ଯାହା ସମ୍ଭବ କରାଯାଉଛି। ସେତୁ ନିର୍ମାଣ ବହୁତ ଶୀଘ୍ର ହେବ। ଏହାର ଟେଣ୍ଡର ଆହ୍ୱାନ କାର୍ଯ୍ୟ ମଧ୍ୟ ସରି ଯାଇଛି ବୋଲି ପ୍ରକାଶ କରିଥିଲେ। ଏହା ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପଦକ୍ଷେପ ଗ୍ରହଣ କରଯାଇଛି। ସମସ୍ୟାର ସମାଧାନ ହୋଇଯିବ ବୋଲି ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝି ପ୍ରକାଶ କରିଥିଲେ।

# ଶ୍ରୀଜୀଉଙ୍କ କାଳୀୟଦଳନ ବେଶ

ବୌଦ୍ଧ, ୩।୭(ସମିସ): ବୌଦ୍ଧରେ ରଥଯାତ୍ରା ଅବସରରେ ଗୁରୁବାର ଶ୍ରୀଜୀଉଙ୍କ କାଳୀୟ ଦଳନ ବେଶ କରାଯାଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ କାଳୀୟ ନାଗକୁ ଦଳନ କରିଥିବାବେଳେ ପ୍ରଭୁ ଶ୍ରୀ ବଳଭଦ୍ର ଦୋଳିରେ ଝୁଲିବା ବେଶରେ ସଜ୍ଜିତ ହୋଇଥିଲେ। ଏହି ବେଶ ଅତ୍ୟନ୍ତ ମନୋରମ ଥିଲା। ଠାକୁରଙ୍କ ଏହି ବେଶକୁ ଦେଖିବା ପାଇଁ ଜିଲ୍ଲାର ପଡୋଶୀ ଆଠମଲ୍ଲିକ, କଦଳୀଗଡ଼, ରେଢ଼ାଖୋଲ, ଉଲୁଣ୍ଡା, କିଶୋରନଗର ଅଞ୍ଚଳରୁ ଭକ୍ତ ଆସି ଦର୍ଶନ କରିଥିଲେ।





ଶ୍ରୀରାମ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଲେ କମସରାର ଶ୍ରୀ ଦଧିବାବନ

● ବଡ଼ ଜଗନ୍ନାଥଙ୍କ ପଦ୍ମମୁଖି ବେଶ

# ତୁଳସୀରେ ମହକୁଛି ଦ୍ୱିତୀୟ ବାରଣାସୀ

ସୋନପୁର, ୩।୭(ସମିସ): ମନ୍ଦିର ମାଳିନୀ ସହର ଦ୍ୱିତୀୟ ବାରଣାସୀ ଭାବେ ଖ୍ୟାତ ସୁବର୍ଣ୍ଣପୁର ଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ଗୁରୁବାର ପଦ୍ମମୁଖ ଅବତାରରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ପଦ୍ମ ପାଖୁଡ଼ାରେ ସଜ୍ଜିତ ତିନି ଠାକୁରଙ୍କ ମୁଖ ମଣ୍ଡଳ ଏହି ଅବତାରରେ ଝଲସି ଯାଉଥିଲା। ଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରେ ଠାକୁରଙ୍କୁ ଦର୍ଶନ କଲେ କୋଟି ଜନ୍ମର ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଶ୍ରଦ୍ଧାଳୁ ଏହି ସମୟକୁ ଅପେକ୍ଷା କରିଥାନ୍ତି। ଏହି ଅବସରରେ ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ପ୍ରବାହ ଭଜନ ପରିବେଷଣ କରାଯାଉଛି। ଭକ୍ତିମୟ ପରିବେଶ ଭିତରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରୁଛନ୍ତି ଭକ୍ତ। ରଥଯାତ୍ରା ପାଇଁ ଏହି ପବିତ୍ର ଦେବଭୂମି ଉତ୍ସବମୁଖର ହୋଇ ଉଠିଛି। ସହର ମଧ୍ୟରେ ଗୁଣ୍ଡିଚା ମନ୍ଦିର, ବୃନ୍ଦାବନ ବିହାରୀ ମନ୍ଦିର, ମଝିପଡ଼ାରେ ଦଧିବାବନ ଏବଂ ଥନାପତି ପଡ଼ାଠାରେ ଜଗତର ନାଥ ଜଗନ୍ନାଥଙ୍କ ବିଦ୍ୟାକାଳ ଦେଖିବାକୁ ମିଳୁଛି। ଶ୍ରଦ୍ଧାରେ ଠାକୁରଙ୍କୁ ତୁଳସୀ ମାଳ ଅର୍ପଣ କରୁଥିବାରୁ ଏହି ପୁଣ୍ୟ କ୍ଷେତ୍ର ତୁଳସୀ ତୁଳସୀ ବାସୁଛି।



# ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ବାବା ଗିରଫ

ମନମୁଣ୍ଡା, ୩।୭(ସମିସ): ଚିକିତ୍ସା ଆଳରେ ଜଣେ ନାବାଳିକାଙ୍କୁ ବାବାଙ୍କ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ଗୁରୁବାର କୋର୍ଟ ଚାଲାଣ ହୋଇଛି। ଅଭିଯୁକ୍ତ ତଥାକଥିତ ବାବା ଜଣକ ସୀତାରାମ ବାବା ଓରଫ ସୀତାରାମ ଦାସ (୭୫)। ତାଙ୍କ ଘର ପୁରୀ ଜିଲ୍ଲା ସାକ୍ଷୀଗୋପାଳ ଥାନା ଇନ୍ଦୁପୁର। ସେ ମନମୁଣ୍ଡା ଥାନା ପଲସାଗୋରା ପଞ୍ଚାୟତ ୟୁନାନୀ ଗ୍ରା ରେ ମାରୁତି ଆଶ୍ରମ ନାଁରେ ଏକ ଆଶ୍ରମ ନିର୍ମାଣ କରି ରହୁଥିଲେ। ନାବାଳିକା ଡାକ୍ତରୀ ଔଷଧ ଖାଇ ମଧ୍ୟ ସ୍ୱାସ୍ଥ୍ୟ ଭଲ ନ ହେବାରୁ ତାଙ୍କ ବାପା ବାବାଙ୍କ ନିକଟକୁ ନେଇଥିଲା। ରୋଗ ଠିକ୍ ଭାବେ ନିର୍ଣ୍ଣୟ କରିବାକୁ ଝିଅକୁ ଆଶ୍ରମରେ ଗୋଟିଏ ରାତି ରହିବାକୁ ପଡ଼ିବ ବୋଲି ବାବା କହିବାରୁ ତାଙ୍କ କଥାକୁ ବିଶ୍ୱାସ କରି ନାବାଳିକାଙ୍କୁ ତାଙ୍କ ବାପା ବାବାଙ୍କ ନିକଟରେ ଛାଡ଼ି ଦେଇଥିଲା। କିନ୍ତୁ ଚିକିତ୍ସା ଆଳରେ ବାବା ରାତିରେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଝିଅଟି କୌଣସି ପ୍ରକାରେ ସେଠାରୁ ରାତିରେ ଖସି ପଳାଇଥିଲା। ବାଟରେ ଜଣେ ବ୍ୟକ୍ତିଙ୍କୁ ଭେଟ ହେବାରୁ ଘଟଣା ବିଷୟରେ କହିଥିଲା। ଏହାପରେ ସମ୍ପୃକ୍ତ ବ୍ୟକ୍ତି ନାବାଳିକାଙ୍କ ବାପାଙ୍କୁ ଫୋନ୍ କରିଥିଲେ। ତୁରନ୍ତ ନାବାଳିକାଙ୍କ ବାପା ପହଞ୍ଚି ଝିଅକୁ ଘରକୁ ନେବା ସହ ୧୧୨ରେ କଲ୍ କରି ପୁଲିସକୁ ଜଣାଇଥିଲେ। ପୁଲିସ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତ ବାବାଙ୍କୁ ଗିରଫ କରିଥିଲା।

# ଟୋକନ ଲାପ୍ସ; ଧାନ ଫେରାଇନେଲେ ଚାଷୀ

ସୁବଳୟା, ୩।୭(ସମିସ)

ଟୋକନ ଲାପ୍ସ ଯୋଗୁଁ ମଣ୍ଡିରେ ବିକ୍ରି କରି ନ ପାରି ଘରକୁ ଧାନ ଫେରାଇ ନେଉଛନ୍ତି ଚାଷୀ। ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଉପାନ୍ତ ଦୁର୍ଜନଟେଲା ପଞ୍ଚାୟତରେ ଏହା ଘଟିଛି। ଗୋଘାଟ ଗ୍ରାମର ଚାଷୀ କ୍ଷେତ୍ର ଚଉଲିଆ ବିକ୍ରି ପାଇଁ ମଣ୍ଡିକୁ ଆଣିଥିବା ଧାନ ବିକ୍ରି ହୋଇ ପାରିନାହିଁ। ଏହା ଫଳରେ ସେ ତାଙ୍କ ଧାନକୁ ମଣ୍ଡିରୁ ଘରକୁ ନେଇ ଯାଇଛନ୍ତି। ଚଳିତ ବର୍ଷ ରାଜ୍ୟ ସରକାର ଧାନର ଦାମ କୁଇଣ୍ଟାଲ ପ୍ରତି ୩୧ଶହ ଟଙ୍କା କରିବାରୁ ଚାଷୀ ରବି ଋତୁରେ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲା। ଏହି କ୍ରମରେ ଗୋଘାଟ ଗ୍ରାମର ଚାଷୀ ମଧ୍ୟ ଚଳିତ ରବିରେ ଧାର ଉର୍ଦ୍ଧ୍ୱାର କରି ଧାନ ଫସଲ ଚାଷ କରିଥିଲେ। ଠିକ ସମୟର ଚାଷ ଓ ଉନ୍ନତ ବିହନ, ସାର ଓ କୀଟନାଶକ ଦେଇଥିବାରୁ ଭଲ ଅମଳ ମଧ୍ୟ ହୋଇଥିଲା। ସେ ନିଜ ଧାନକୁ ମଣ୍ଡିରେ ବିକ୍ରି କରିବା ପାଇଁ ଗତ ୧୭ ତାରିଖରେ ପ୍ରାୟ ୪୪ ବସ୍ତା ଧାନ ଆଣିଥିଲେ; ମାତ୍ର ମଣ୍ଡିରେ ଆବଶ୍ୟକ ସୁବିଧା ନ ଥିବାରୁ ନିଜେ ପାଲ ଆଣି ଧାନକୁ ଘୋଡ଼ାଇ ରଖିଥିଲେ। ସେ ଦୁର୍ଜନଟେଲା ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ୨୮.୯୪ କୁଇଣ୍ଟାଲର ଟୋକନ୍ ପାଇଥିଲେ। ସେ ଧାନ ବିକ୍ରି ପାଇଁ ମଣ୍ଡିରେ ଗଦା କରିଥିଲେ। ତାଙ୍କର ଧାନ ବିକ୍ରି ପାଇଁ ପାଇଥିବା ଟୋକନ ଗତ ୨୯ ତାରିଖରେ ଲାପ୍ସ ହୋଇ ଯାଇଥିଲା। ଇତି ମଧ୍ୟରେ ଗତ ୩୦ ତାରିଖରେ ଧାନ ବିକ୍ରିର ଅବଧି ସମାପ୍ତ ହୋଇଯାଇଛି। ସେ ଶେଷ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ମଧ୍ୟ ତାଙ୍କର ଧାନ ବିକ୍ରି ହୋଇ ପାରି ନ ଥିଲା। ଏହାଫଳରେ ଉପାୟ ଶୂନ୍ୟ ହୋଇ ନିଜ ଧାନକୁ ପୁଣି ଘରକୁ ଫେରାଇ ନେଉଛନ୍ତି। ମଣ୍ଡିରେ ଧାନ ରଖିବା ପାଇଁ ଆବଶ୍ୟକ ସୁବିଧା ନ ଥିବାରୁ କେତେକ ଧାନ ବସ୍ତା ଗଜା ହୋଇ ଯାଇଛି। ତେବେ ସେ ଏହି ଧାନ କ'ଣ କରିବେ ଚିନ୍ତାରେ ଅଛନ୍ତି। ସେ କିପରି ଧାର



**ଦୁର୍ଜନଟେଲା ମଣ୍ଡି**

ଉର୍ଦ୍ଧ୍ୱାର ପରିଶୋଧ କରିବେ ଏବଂ ବର୍ତ୍ତମାନ ଖରିଫ ଚାଷ କେମିତି କରିବେ ସେଥିପାଇଁ ଆଶଙ୍କାରେ ଅଛନ୍ତି। ଏ ନେଇ ଦୁର୍ଜନଟେଲା ସେବା ସମବାୟ ସମିତିର ସମ୍ପାଦକ ସୂର୍ଯ୍ୟନାରାୟଣ ଦେହୁରୀଙ୍କୁ ପଚାରିବାରୁ କ୍ଷେତ୍ର ଚଉଲିଆଙ୍କ ଟୋକନ ଅବଧି ୨୯ ତାରିଖ ପର୍ଯ୍ୟନ୍ତ ଥିଲା। ସେ ମଣ୍ଡିରେ ଧାନ ଗଦା କରିଦେଇ ଆସି ନ ଥିଲେ। କେବଳ ତାଙ୍କ ପୁଅମାନେ ଆସୁଥିଲେ। ଏହା ଫଳରେ ତାଙ୍କର ଧାନ ଯାଇ ପାରିଲା ନାହିଁ ବୋଲି ପ୍ରକାଶ କରିଛନ୍ତି।

● ରେଳ ଅଣ୍ଡର ବ୍ରିଜର ଯାତନା

# ବାବା ନଗର ବ୍ରିଜ ତଳେ ଆଣ୍ଠୁଏ ପାଣି



ସୋନପୁର, ୩।୭(ସମିସ): ସୋନପୁର ସହର ଉପକଣ୍ଠ କୋଶଳ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ରେଳ ଅଣ୍ଡର ବ୍ରିଜ ସ୍ଥାନୀୟ ଲୋକଙ୍କ ଲାଗି ଦୁଃଖ ପାଲଟିଛି। ରେଳ ବିଭାଗର ନିରୀକ୍ଷଣ ଅଭାବରୁ ଟିକିଏ ବର୍ଷା ହେଲେ ଅଣ୍ଡର ବ୍ରିଜ ତଳ ପୋଖରୀରେ ପରିଣତ ହେଉଛି। ସେଥିପାଇଁ ଅତି କଷ୍ଟରେ ଲୋକେ କୌଣସି ମତେ ପାଣି ପାରି ହୋଇ ଯାତାୟାତ କରୁଛନ୍ତି। ଗୋଟିଏ ପଟେ ଆଣ୍ଠୁଏ ପାଣି ଜମା ହୋଇ ରହୁଛି। ଅନ୍ୟ ପଟେ ଏହାର ପାର୍ଶ୍ୱରେ ପଥର ପ୍ୟାଚିଙ୍ଗ ଉପରେ ଗଛ, ଲତା ବଢ଼ି ଜଙ୍ଗଲରେ ପରିଣତ ହୋଇଗଲାଣି। ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉନାହିଁ। ସଫା ସୁତୁରା କରିବା ପାଇଁ ଅଧିକାରୀମାନେ ନୀରିକ୍ଷଣରେ ଆସୁ ନ ଥିବା ଅଭିଯୋଗ ହୋଇଛି। ଏହା ଫଳରେ କୋଟି କୋଟି ଟଙ୍କାରେ ନିର୍ମିତ ଅଣ୍ଡର ବ୍ରିଜ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇ ପାରୁନାହିଁ।

# ଶ୍ରୀରାମ ଅବତାରରେ ଦର୍ଶନ ଦେଲେ ଶ୍ରୀ ଦଧିବାବନ



ତରଭା, ୩।୭(ସମିସ): ତରଭାର ଶ୍ରୀ ଦଧିବାବନ ମହାପ୍ରଭୁ ଗୁରୁବାର ସନ୍ଧ୍ୟାରେ ଶ୍ରୀରାମ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମହାପ୍ରଭୁଙ୍କ ଅବତାର ଦର୍ଶନ ପାଇଁ ମାଉସୀ ମା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ସେବାୟତ ପ୍ରଦୀପ ନାୟକ, ମହେଶ ମିଶ୍ର, ସୁଧୀର ପୂଜାହାରୀ ନୀତିକାନ୍ତି ଦାୟିତ୍ୱ ତୁଲାଉଛନ୍ତି। ତରଭା ଶ୍ରୀ ଦଧିବାବନ ସୋମବାର ମାଉସୀ ମା' ମନ୍ଦିରରେ ପହଞ୍ଚିବା ପରଠାରୁ ଠାକୁରଙ୍କ ନିକଟରେ ଅନ୍ନଭୋଗ ଲାଗି ହେବାପରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଉଛି।

● ଘୁଙ୍ଗିଜୋର ବ୍ରିଜ ଉପରେ ୪ ଫୁଟ ପାଣି ପ୍ରବାହିତ

# ବୀରମହାରାଜପୁର-ଅମରପାଲି ରାସ୍ତା ବନ୍ଦ



ସୁବଳୟା, ୩।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ପଞ୍ଚାୟତ ଘୁଙ୍ଗିଜୋର ବ୍ରିଜ ଉପରେ ୪ ଫୁଟ ପାଣି ପ୍ରବାହିତ ହେଉଛି। ଏହି ବର୍ଷ ପ୍ରଥମ ବନ୍ୟା ଜଳ ବ୍ରିଜ ଉପରେ ପ୍ରବାହିତ ହେଉଛି। ଏହାଫଳରେ ବୀରମହାରାଜପୁରରୁ ଅମରପାଲି ଦେଇ ସମ୍ବଲପୁରକୁ ରାସ୍ତା ବନ୍ଦ ହୋଇଯାଇଛି। ପ୍ରତି ବର୍ଷ ଏହି ବ୍ରିଜ ଉପରେ ଅସରାଏ ବର୍ଷା ହେଲେ ବ୍ରିଜ ଉପରେ ୪/୫ ଫୁଟ ପାଣି ପ୍ରବାହିତ ହୋଇଥାଏ। ତେବେ ଏହି ବ୍ରିଜ ପାଇଁ ସମସ୍ତ ପ୍ରକ୍ରିୟା କାର୍ଯ୍ୟ ସରିଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁଁ ବ୍ରିଜ କାମ ଆରମ୍ଭ ହୋଇପାରୁନାହିଁ। ଚଳିତ ବର୍ଷ ସ୍ଥାନୀୟ ବିଧାୟକ ଙ୍ଗ ରଘୁନାଥ ଜଗଦଲା ନିଜେ ଆସି ସବୁ ଦେଖି ବହୁଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ।

# ଲଗାଣ ବର୍ଷାରେ ଗଛ ପଡ଼ି ରାସ୍ତା ଅବରୋଧ



ସୁବଳୟା, ୩।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କମିରାଠାରୁ ସୁରୁବାଲି ଯୋରକୁ ସଂଯୋଗ କରୁଥିବା ରାସ୍ତା ଉପରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ଲଗାଣ ବର୍ଷା ଯୋଗୁଁ ବିଳମ୍ବିତ ରାତିରେ ରାସ୍ତା ପାର୍ଶ୍ୱରେ ଥିବା ଏକ ବିରାଟକାୟ ପିପଲ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ଏଣୁ ଲୋକଙ୍କ ଯାତାୟତରେ ଅସୁବିଧା ସୃଷ୍ଟି ହୋଇଥିଲା। ଅଗ୍ନିଶମ ବାହିନୀ ଗଛଟିକୁ କାଟିବା ପରେ ରାସ୍ତାରେ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ୬୯କେଜି ଗଞ୍ଜେଇ ଜବତ

ଶଗଡ଼ା, ୩।୭(ସମିସ): ମନମୁଣ୍ଡା ପୁଲିସ ଏକ ଦୁର୍ଘଟଣାଗ୍ରସ୍ତ କାରରୁ ୬୯କେଜି ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତମାନେ କିନ୍ତୁ ଫେରାର ମାରଛନ୍ତି। ଗଞ୍ଜେଇ ଭର୍ତ୍ତି ଏହି କାର ଘଣ୍ଟାପଡ଼ା ପଟରୁ ମନମୁଣ୍ଡା ପଟକୁ ଅସୁଥିବା ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ମନମୁଣ୍ଡା ଗାନ୍ଧୀ ଛକରେ ପୁଲିସ ଜଗି ବସିଥିବା ବେଳେ କାର ଦ୍ରୁତ ବେଗରେ ପୁଲିସକୁ ଦେଖି ବୌଦ୍ଧ ପଟକୁ ଖସି ଯାଇଥିଲା। ପୁଲିସ ପିଛା କରିବାବେଳେ ୫୭ ନମ୍ବର ଜାତୀୟ ରାଜପଥର ବାସୁଦେବପାଲି ପେଟ୍ରୋଲ ପମ୍ପ ନିକଟରେ ବିଲ ଭିତରକୁ ପଶିଯାଇ କାରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କାରରେ ଗଞ୍ଜେଇ ଥିବାରୁ ଗିରଫ ଭୟରେ ଦୁର୍ଘଟଣା ଘଟିବା କ୍ଷଣି ପୁଲିସ ପହଞ୍ଚିବା ପୂର୍ବରୁ ମାଫିଆମାନେ ଗାଡି ଛାଡି ଫେରାର ମାରିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉପସ୍ଥିତିରେ ପୁଲିସ ଗାଡ଼ିରୁ ୬୯ କେଜି ୬ ଶହ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏ ସକ୍ରାନ୍ତରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।



● ୨ ମାସ ହେଲା ଗଛ ତଳେ ପଡ଼ିଛି ବସ୍ତା ବସ୍ତା ହଳଦୀ ବିହନ

# ଗଜା ହେଲାଣି; ହେଲେ ଚାଷୀଙ୍କୁ ମିଳୁନି

ଶଗଡ଼ା, ୩।୭(ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ ଶଗଡ଼ା ପଞ୍ଚାୟତ ନିକଟରେ ଏକ ଆମ୍ବ ଗଛ ତଳେ ବସ୍ତା ବସ୍ତା ହଳଦୀ ବିହନ ପଡ଼ିଥିବା ଦେଖିବାକୁ ମିଳିଛି। ଦୀର୍ଘ ୨ ମାସରୁ ଅଧିକ ହେବ ଏହି ହଳଦୀ ବିହନ ବସ୍ତାଗୁଡିକ ଖରା ବର୍ଷାରେ ପଡ଼ି ରହି ଗଜା ବାହାରି ଗଛ ହୋଇ ଗଲାଣି। ଜିଲ୍ଲା ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ ବିହନ ଯୋଗାଇ ଦିଆ ଯାଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଏହା ଚାଷୀଙ୍କ ନିକଟରେ ପହଞ୍ଚି ନ ପାରି ନଷ୍ଟ ହେଉଛି। ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ ପ୍ରୋତ୍ସାହିତ କରି ବିହନ ବଣ୍ଟନ କରିବା ପରିବର୍ତ୍ତେ ଏ ଦିଗରେ ବିଭାଗୀୟ ଅଧିକାରୀ କୌଣସି ଆନ୍ତରିକତା ଦେଖାଉ ନାହାନ୍ତି। ଏହା ଫଳରେ ଚାଷୀ ଟଙ୍କା ଦେଇ ବିହନ ନେବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଏହି ବିହନ ବସ୍ତା ସବୁ ଚାଷୀ ନେଲା ପରେ ଅବଶିଷ୍ଟାଂଶ ଅଫିସକୁ ଫେରସ୍ତ କରିବା ପରିବର୍ତ୍ତେ ପଡ଼ି ନଷ୍ଟ ହେଉଛି। ଘଟଣା ସମ୍ପର୍କରେ ବୌଦ୍ଧ ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ଯୋଗେନ୍ଦ୍ରନାଥ ମହାପାତ୍ରଙ୍କୁ ପଚାରିବାରୁ ଚାଷୀ ନେଉ ନ ଥିବାରୁ ପଡ଼ି ରହିଥିବା କହିଛନ୍ତି।



# ସୁବଳୟା ଅଞ୍ଚଳରେ ବନ ମହୋତ୍ସବ

ସୁବଳୟା, ୩।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗୁରୁବାର ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ସ୍ୱର୍ଣ୍ଣଲତା ବେହେରାଙ୍କ ନିର୍ଦ୍ଦେଶକ୍ରମେ ତଥା ଜୁନିୟର ରେଡ଼କ୍ରସ ପରାମର୍ଶଦାତା ଶିକ୍ଷକ ଚନ୍ଦ୍ରମଣି ବାଘଙ୍କ ସଂଯୋଜନାରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିରାମହରାଜପୁର ବନାଞ୍ଚଳର ସହକାରୀ ବନ ସଂରକ୍ଷକ ଅବିନାଶ ବରିହା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଚାରା ରୋପଣ ଉପରେ ଦିଗଦର୍ଶନ ଦେବା ସହ ଗଛ ଲଗାଇବାକୁ ଉତ୍ସାହିତ କରିଥିଲେ। ବନରକ୍ଷକ ପ୍ରଜ୍ଞା ପରମିତା ମହଲା ସାମ୍ମନିତ ଅତିଥି ଭାବେ ଯୋଗ ଦେଇ ଚାରାରୋପଣରେ ସହଯୋଗ କରିଥିଲେ। ଇକୋ କ୍ଲବ୍ ଦାୟିତ୍ୱରେ ଥିବା ଶମ୍ପା ବିଶ୍ୱାଳ, ଅରୁଣ ସିଂହ, ପଦ୍ମନାଭ ମିଶ୍ର, ସଦାନନ୍ଦ ରଥ, ପ୍ରଦୀପ ମହାନନ୍ଦ, ପ୍ରତିମା ବାଘ, ଜୁନିୟର ରେଡକ୍ରସ ଓ ଇକୋ କ୍ଲବ୍ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେହିପରି କମିରା ଛକସ୍ଥିତ ଆମ୍ବେଦକର ସେବା ସଙ୍ଘ ପରିସରରେ ୭୬ତମ ବନ ମହୋତ୍ସବ ଓ ଚାରାରୋପଣ କରାଯାଇଥିଲା। ବନପାଳ ନିରଞ୍ଜନ ପଧାନଙ୍କ ସମେତ ସଙ୍ଘର ବହୁ କର୍ମକର୍ତ୍ତା ଚାରାରୋପଣ କରିଥିଲେ। ଦୁରଦୁରା ଖେଳ ପଡ଼ିଆରେ ମଧ୍ୟ ବନପାଳ ଲିଙ୍ଗରାଜ ନାଏକ, ବନରକ୍ଷୀ ରାଜୀବ ସାହୁ, ବନ ସୁରକ୍ଷା ସମିତିର ସମସ୍ତ କର୍ମକର୍ତ୍ତା, ୱାର୍ଡସଭ୍ୟ ଏବଂ ଗ୍ରାମବାସୀ ମିଳିତ ଭାବେ ଚାରା ରୋପଣ କରିଥିଲେ। ସହକାରୀ ବନ ସଂରକ୍ଷକ ଅବିନାଶ ବରିହାଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା।



# ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ସଚେତନତା

ବୌଦ୍ଧ, ୩।୭(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୌଦ୍ଧ ଜିଲ୍ଲା କୋର୍ଟ ପରିସରରେ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ଅଧ୍ୟକ୍ଷ ପ୍ରତାପ ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟ ପରିଚାଳନା କରିଥିଲେ। ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ନିରଞ୍ଜନ ପାତ୍ର, ରେଜିଷ୍ଟ୍ରାର ଜୟପ୍ରକାଶ ନାଏକ, ବିଚାରପତି ଅନୁଶିଳା ରୋଏ, ସୁନନ୍ଦା ସାହୁ, ନିରାଲୀ ସାମନ୍ତରାୟ ଉପସ୍ଥିତ ଥିଲେ।

# ଆଇନସେବା ପ୍ରାଧିକରଣ ତରଫରୁ ବନ ମହୋତ୍ସବ ସପ୍ତାହ




ବୌଦ୍ଧ, ୩।୭(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ ଉପଲକ୍ଷେ ଚାରା ରୋପଣ କରାଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ପ୍ରତାପ ପାତ୍ରଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଏହାକୁ ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ସରୋଜିନି ପତି, ମୁଖ୍ୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ନିରଞ୍ଜନ ପାତ୍ର, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟ, ବରିଷ୍ଠ ଦେୱାନୀ ବିଚାରପତ ଅନୁଶିଳା ରାଏ, ଉପଖଣ୍ଡୀୟ ବିଚାର ବିଭାଗୀୟ ବିଚାରପତି ସଙ୍ଗୀତା ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସୁସ୍ମିତା ପ୍ରିୟଦର୍ଶନୀ, ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ପ୍ରମୁଖ ଉପସ୍ଥିତ ଥିଲେ।

# ଜୁନିୟର୍ ରେଡକ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ବୌଦ୍ଧ, ୩।୭(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଲୁଣୀବାହାଲ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଜୁନିୟର ରେଡକ୍ରସ୍ ପରାମର୍ଶଦାତାଙ୍କ ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡିର ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ସୁବାଷ ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂ, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା, ଜିଲ୍ଲା ଜୁନିୟର୍ ରେଡକ୍ରସ୍ ସମ୍ପାଦକ ଆନନ୍ଦ ବେହେରା, ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୃପ୍ତିରଞ୍ଜନ ଦାନୀ, ବୌଦ୍ଧ ଜିଲ୍ଲା ଜୁନିୟର୍ ରେଡ଼କ୍ରସ୍ ଅଧିକାରୀ ନବ କିଶୋର ଦୀପ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୧୭୧ଜଣ ରକ୍ତଦାନ କରିଥିଲେ। ଅତିଥିଙ୍କ ଦ୍ୱାରା ସମୂହ ଚାରାରୋପଣ କରାଯାଇଥିଲା। ଅଗ୍ନିଶମ ବିଭାଗ ତରଫରୁ ବିପତ୍ତି ସମୟରେ ଉଦ୍ଧାର କାର୍ଯ୍ୟ, ଟ୍ରାଫିକ୍ ପୁଲିସ ପକ୍ଷରୁ ଅଶୋକ ପାଣ୍ଡିଆ ସଡ଼କ ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ନବକିଶୋର ଦୀପ, ସନ୍ତୋଷ ସ୍ୱାଇଁ ଓ ବନମାଳୀ ମେହେର ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା, ବିଦ୍ୟାଳୟ ସୁରକ୍ଷା ବିଷୟରେ ତାଲିମ ପ୍ରଦାନ କରିଥିଲେ। ପ୍ରମୋଦ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ବନମାଳୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ୬୦ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥଲେ। ପୁରୁଣାକଟକ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଜାପାନ: ୧୪ ଦିନରେ ଏକ ହଜାର ଭୂକମ୍ପ



ଟୋକିଓ, ୩।୭ (ଏଜେନ୍ସି): ଜାପାନର ଟୋକାରା ଦ୍ୱୀପ ଓ ତାର ଆଖପାଖ ଅଞ୍ଚଳରେ ଗତ ଦୁଇ ସପ୍ତାହରେ ୧୦୦୦ରୁ ଊର୍ଦ୍ଧ୍ୱ ଭୂକମ୍ପ ହୋଇଛି। ଜୁନ୍ ୨୧ରୁ ଆରମ୍ଭ ହୋଇଥିବା ଏହି ଭୂକମ୍ପର ପ୍ରକ୍ରିୟା ଏପର୍ଯ୍ୟନ୍ତ ଜାରି ରହିଛି। ବୁଧବାର ରାତି ୩ଟାରେ ୫.୫ ତୀବ୍ରତାରେ ଭୂକମ୍ପ ଆସିଥିଲା। ଆଗକୁ ଆହୁରି ଭୂକମ୍ପର ଝଟ୍‌କା ଆସିବ ବୋଲି ଚେତାବନୀ ଦିଆଯାଇଛି। ଲୋକଙ୍କୁ ସୁରକ୍ଷିତ ଜାଗାକୁ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ଦ୍ୱୀପରେ ଏତେ ସଂଖ୍ୟାରେ ଭୂକମ୍ପ କାହିଁକି ଆସିଛି ତାହା ଜଣାପଡ଼ିନାହିଁ। ଭୂକମ୍ପରେ କେହି ମୃତାହତ ହୋଇ ନାହାନ୍ତି ବୋଲି କୁହାଯାଇଛି। ଜାପାନ ବିଶ୍ୱର ସବୁଠାରୁ ଭୂକମ୍ପ ପ୍ରବଣ ଦେଶ ଭାବେ ପରିଚିତ। ଏହି ଦ୍ୱୀପ ୪ଟି ଟେକ୍ଟୋନିକ୍ ପ୍ଲେଟ୍ ଉପରେ ଅବସ୍ଥିତ ଓ ଏହା ପ୍ରଶାନ୍ତ ମହାସାଗରର 'ରିଙ୍ଗ ଅଫ୍ ଫାୟାର'ର ଅଂଶବିଶେଷ। ପ୍ରତିବର୍ଷ ଏଠାରେ ୧୫୦୦ ଭୂକମ୍ପ ଆସିଥାଏ। ଅବଶ୍ୟ ଏଥିମଧ୍ୟରୁ ଅଧିକାଂଶ ହାଲକା ଭାବେ ଅନୁଭୂତ ହୋଇଥାଏ। ଟୋକାରାରେ ଜୁନ୍ ୨୧ରୁ ୩୦ ପର୍ଯ୍ୟନ୍ତ ୭୪୦ଟି ଭୂକମ୍ପ ଦେଖିବାକୁ ମିଳିଥିଲା। ଏଥିରୁ ଅଧିକାଂଶ ୫ କିମ୍ବା ତା'ଠାରୁ ଅଧିକ ତୀବ୍ର ଥିଲା। ଟୋକାରା ୧୨ଟି ଦ୍ୱୀପରୁ ୭ଟିରେ ମୋଟ୍ ଉପରେ ୭୦୦ ଲୋକ ରହିଥାନ୍ତି। କେବଳ ଜୁନ୍ ୨୩ରେ ୧୮୩ଟି ଭୂକମ୍ପ ଆସିଥିଲା। ଗୋଟିଏ ଦିନରେ ଏହା ସର୍ବାଧିକ ଭୂକମ୍ପର ରେକର୍ଡ କରିଛି। ଆଗାମୀ ୩୦ ବର୍ଷ ଅର୍ଥାତ ୩ ଦଶନ୍ଧି ମଧ୍ୟରେ ୨ ଲକ୍ଷ ୯୮ ହଜାର ଲୋକ ଭୂକମ୍ପରେ ପ୍ରାଣ ହରାଇବେ ବୋଲି ଆଶଙ୍କା କରାଯାଉଛି। ଉଲ୍ଲେଖଥାଉ କି, ୨୦୧୧ରେ ୯.୦ ତୀବ୍ରତାର ଭୂକମ୍ପ ଆସିବା ପରେ ସୁନାମୀରେ ୧୮ ହଜାର ଲୋକ ପ୍ରାଣ ହରାଇଥିଲେ। ଆଗାମୀ ୩୦ ବର୍ଷରେ ୭୫ରୁ ୮୨ ପ୍ରତିଶତ ଭୂକମ୍ପ ତୀବ୍ର ହେବ ବୋଲି ଜାପାନ ସରକାର ଚେତାବନୀ ଦେଇଛନ୍ତି।

# ବ୍ରହ୍ମୋସକୁ ଦେଖି ଡରିଯାଇଥିଲୁ: ପାକ୍ ନେତା




ଇସଲାମାବାଦ, ୩।୭ (ଏଜେନ୍ସି): ଅପରେସନ ସିନ୍ଦୂର ବେଳେ ପାକିସ୍ତାନରେ କେମିତି ଆତଙ୍କ ସୃଷ୍ଟି କରିଥିଲା ଭାରତୀୟ କ୍ଷେପଣାସ୍ତ୍ର ବ୍ରହ୍ମୋସ ସେସଂପର୍କରେ ବର୍ଣ୍ଣନା କରିଛନ୍ତି ପାକିସ୍ତାନର ଆଉ ଜଣେ ସରକାରୀ ନେତା। ସେ କହିଛନ୍ତି ଯେ ଏହି କ୍ଷେପଣାସ୍ତ୍ରରେ ପରମାଣୁ ବୋମା ଥାଇପାରେ ବୋଲି ଆମେ ଡରିଯାଇଥିଲୁ। ଏଭଳି ହୋଇଥିଲେ ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ନିଶ୍ଚିତ ହୋଇଥାଆନ୍ତା ଏବଂ ଏହା ବିଶ୍ୱ ପାଇଁ ବିନାଶକାରୀ ସାବ୍ୟସ୍ତ ହୋଇଥାଆନ୍ତା।

ରାଜଧାନୀ ଇସଲାମାବାଦ୍ ନିକଟସ୍ଥ ନୂର ଖାନ୍ ପାକିସ୍ତାନର ବାୟୁସେନା ଘାଟୀ ଉପରେ ବ୍ରହ୍ମୋସ କ୍ଷେପଣାସ୍ତ୍ର ମାଡ଼ ନେଇ ପାକିସ୍ତାନର ଆଉ ଜଣେ ନେତା ମୁହଁ ଖୋଲିଛନ୍ତି। ଏହି କ୍ଷେପଣାସ୍ତ୍ର ଭୟଙ୍କର ଥିଲା ବୋଲି ସ୍ୱୀକାର କରିଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହାବାଜ ସରିଫ୍‌ଙ୍କ ସ୍ୱତନ୍ତ୍ର ଉପଦେଷ୍ଟା ରାଣା ସନାଉଲ୍ଲା। ସେ କହିଛନ୍ତି ଯେତେବେଳେ କ୍ଷେପଣାସ୍ତ୍ର ଆସିଥିଲା ସମସ୍ତେ ଡରିଯାଇଥିଲେ। ଏଥିରେ ପରମାଣୁ ଅସ୍ତ୍ର ଥିଲା କି ନାହିଁ ସେ ନେଇ କେହି ଅବଗତ ନଥିଲେ। ଏଥିରେ ପରମାଣୁ ଅସ୍ତ୍ର ଅଛି କି ନାହିଁ ସେସଂପର୍କାରେ ନିଶ୍ଚିତ ହେବାକୁ ପାକିସ୍ତାନ ପାଖରେ ମାତ୍ର ୩୦ରୁ ୪୫ ସେକେଣ୍ଡ ସମୟ ଥିଲା। ଏତେ କମ ସମୟରେ ନିଷ୍ପତ୍ତି ନେବା ନିଶ୍ଚିତ ଭାବେ କଷ୍ଟକର ଥିଲା।

ଯଦି ପାକିସ୍ତାନ ଭୁଲ୍‌ରେ ଭାରତ ପରମାଣୁ ଅସ୍ତ୍ର ମାଡ କରିଛି ବୋଲି ଭାବି ନେଇଥାନ୍ତା, ତାହେଲେ ଏହା ଏକ ଭୟଙ୍କର ପରମାଣୁ ଯୁଦ୍ଧରେ ପରିଣତ ହୋଇଥାନ୍ତା। ଏଥିରେ ଧ୍ୱଂସର ତାଣ୍ଡବଲୀଳା ଦେଖିବାକୁ ମିଳିଥାନ୍ତା ବୋଲି ସେ କହିଛନ୍ତି। ତେବେ ଏହି ଛୋଟିଆ ଯୁଦ୍ଧକୁ ରୋକିବା ପାଇଁ ଘୋଷିତ ଅସ୍ତ୍ରବିରତିର ଶ୍ରେୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସେ ଦେଇଛନ୍ତି। ସେ କହିଛନ୍ତି ଯେ ତାଙ୍କ ଯୋଗୁଁ ବିନାଶରୁ ବର୍ତ୍ତିଗଲା ବିଶ୍ୱ। ଏଥିପାଇଁ ତାଙ୍କ ଦେଶ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାକୁ ଦାବି କରୁଛି।

## ୟୁକ୍ରେନ୍ ଆକ୍ରମଣରେ ରୁଷ୍‌ର ନୌସେନା କମାଣ୍ଡର ମୃତ

ମସ୍କୋ, ୩।୭ (ଏଜେନ୍ସି): ରୁଷିଆର ଜଣେ ଆଗଧାଡିର ମେଜର ଜେନେରାଲ ମିଖାଇଲ୍ ଗୁଦ୍‌କୋଭ ୟୁକ୍ରେନ ସୀମାରେ ମୃତ୍ୟୁବରଣ କରିଛନ୍ତି। ରୁଷୀୟ ନୌସେନାରେ ସେ ଉପ-ମୁଖ୍ୟ ଭାବେ ଦାୟିତ୍ୱରେ ଥିଲେ। ୟୁକ୍ରେନ ତରଫରୁ ହୋଇଥିବା ଆକ୍ରମଣରେ ଗୁଦ୍‌କୋଭଙ୍କ ସମେତ ୧୦ଜଣ ରୁଷ୍ ସୈନିକ ପ୍ରାଣ ହରାଇଛନ୍ତି। ୟୁକ୍ରେନ ସୀମବର୍ତ୍ତୀ କୁର୍ସ୍କ ଅଞ୍ଚଳର କୋରେନେବୋଠାରେ ଏକ କମାଣ୍ଡ ପୋଷ୍ଟରେ ସେ ନିୟୋଜିତ ଥିଲେ ଓ ସେ ନିଜ ଟ୍ରୁପ୍‌ର ନୀରିକ୍ଷଣ କରିବାକୁ ଯାଇଥିଲେ। ସେ ୟୁକ୍ରେନର ଏକ ମିସାଇଲ ମାଡରେ ପ୍ରାଣ ହରାଇଛନ୍ତି ବୋଲି କୁହାଯାଉଛି। ରାଷ୍ଟ୍ରପତି ପୁଟିନ ତାଙ୍କୁ ନୌସେନାର ଡେପୁଟି ଇନ୍ ଚିଫ୍ ବନାଇଥିଲେ। ସେ ପୁଟିନଙ୍କର ସେ ପ୍ରିୟଥିଲେ ଓ ତାଙ୍କୁ ହିରୋ ଅଫ୍ ଦି ରୁଷିଆନ ଫେଡେରେସନ ଉପାଧିରେ ଭୂସିତ କରାଯାଇଥିଲା। ସାଢେ ୩ ବର୍ଷରେ ଏହି ଯୁଦ୍ଧରେ ଏପର୍ଯ୍ୟନ୍ତ ରୁଷିଆର ୧୦ ଜଣ ଜେନେରାଲ ପ୍ରାଣ ହରାଇଛନ୍ତି।

## ଅମରନାଥ ଯାତ୍ରାରେ ପ୍ରଥମ ଆଳତି

ପହଲଗାମ୍, ୩।୭ (ଏଜେନ୍ସି): ଗୁରୁବାରଠାରୁ ଅମରନାଥ ଯାତ୍ରା ଆରମ୍ଭ ହୋଇଛି। ସକାଳେ ଅମରନାଥଙ୍କ ପ୍ରଥମ ଆଳତି ହୋଇଛି। ଯାତ୍ରୀମାନଙ୍କୁ ନେଇ ପ୍ରଥମ ବସ୍ ଅମରନାଥ ଯାଇଛି। ଶ୍ରଦ୍ଧାଳୁ ତଥା ଭକ୍ତମାନେ 'ହର ହର ମହାଦେବ' ଓ 'ବମ୍ ବମ୍ ଭୋଲେ' ବୋଲି ଜୟକାର କରୁଥିବାର ଦେଖାଯାଇଥିଲା। ପ୍ରଥମ ପର୍ଯ୍ୟାୟ ଯାତ୍ରୀଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ସାମିଲ ଅଛନ୍ତି। କଡ଼ା ସୁରକ୍ଷା ବଳୟ ଭିତରେ ବୁଧବାର ପ୍ରଥମ ପର୍ଯ୍ୟାୟରେ ୫, ୮୯୨ ଯାତ୍ରୀ ସାମିଲ ରହିଛନ୍ତି। ସେହିପରି ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ ୫,୨୦୦ ଯାତ୍ରୀ ଜମ୍ମୁର ବେସ୍ କ୍ୟାମ୍ପରୁ ଯାତ୍ରା ଆରମ୍ଭ କରିଛନ୍ତି। ଉପ- ରାଜ୍ୟପାଳ ମନୋଜ ସିହ୍ନା ଜମ୍ମୁର ଭଗବଦୀ ନଗର ଶିବିରରୁ ଯାତ୍ରା ଆରମ୍ଭ କରିଛନ୍ତି। ୩୮ ଦିନଧରି ଚାଲିବାକୁ ଥିବା ଅମରନାଥ ଯାତ୍ରା ପହଲଗାମ୍ ଓ ବାଲଟାଲ ଦୁଇଟି ପଥ ଦେଇ ଚାଲୁ ରହିବ। ଅଗଷ୍ଟ ୯ରେ ରକ୍ଷାବନ୍ଧନ ଦିନ ଯାତ୍ରା ଶେଷ ହେବ। ଗତବର୍ଷ ୫୨ ଦିନ ଧରି ଯାତ୍ରା ଚାଲୁ ରହିଥିଲା ଓ ମୋଟ୍ ୫ ଲକ୍ଷ ଶ୍ରଦ୍ଧାଳୁ ଏହି ପବିତ୍ର ଗୁମ୍ଫାର ଦର୍ଶନ କରିଥିଲେ।

## ବାଲି ଦ୍ୱୀପରେ ଜାହାଜ ବୁଡ଼ିଲା: ୫ ମୃତ, ୩୧ ନିଖୋଜ

ଜାକର୍ତ୍ତା, ୩।୭ (ଏଜେନ୍ସି): ଇଣ୍ଡୋନେସିଆର ବାଲି ରିସୋର୍ଟ ଦ୍ୱୀପ ନିକଟରେ ଏକ ବଡ଼ ଅଘଟଣା ଘଟିଛି। ୬୫ ଜଣ ଲୋକଙ୍କୁ ନେଇ ଯାଉଥିବା ଏକ ଜାହାଜ ସମୁଦ୍ରରେ ବୁଡିଯାଇଛି। ଫଳରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୧ ଜଣ ଲୋକ ନିଖୋଜ ହୋଇଛନ୍ତି ବୋଲି କୁହାଯାଇଛି। କେଏମ୍‌ପି ଟୁନୁ ପ୍ରତାମା ନାମକ ଏହି ଜାହାଜ ପୂର୍ବ ଜାଭାର କୋତାପାଙ୍ଗ ବନ୍ଦରରୁ ୫୦ କିମି ଦୂରରେ ଥିବା ବାଲିର ଗିଲିମାନୁକ ବନ୍ଦରକୁ ଯାଉଥିଲା। ଯାତ୍ରା ଆରମ୍ଭ କରିବାର ମାତ୍ର ୩୦ ମିନିଟ୍ ପରେ ହିଁ ଜାହାଜ ବୁଡି ଯାଇଥିଲା। ଏଥିରେ ୫୩ ଜଣ ଯାତ୍ରୀ ଓ ୧୨ ଚାଳକ ରହିଥିଲେ। ଜାହାଜରେ ୨୨ଟି ବାହନ ଥିଲା ଓ ଏଗୁଡିକ ମଧ୍ୟରୁ କେତୋଟି ଟ୍ରକ୍ ମଧ୍ୟ ଥିଲା।

## ଥାଇଲାଣ୍ଡରେ ଦୁଇ ଦିନରେ ଦୁଇ ପ୍ରଧାନମନ୍ତ୍ରୀ

ବ୍ୟାଙ୍କକ୍, ୩।୭ (ଏଜେନ୍ସି): ଗତ ଦୁଇଦିନ ମଧ୍ୟରେ ଥାଇଲାଣ୍ଡରେ ଦୁଇଜଣ ପ୍ରଧାନମନ୍ତ୍ରୀଙ୍କୁ ଦେଖିବାକୁ ମିଳିଛି। ଗୃହମନ୍ତ୍ରୀ ଫୁମ୍‌ଥମ ବେଚାୟାଚାଇ ଗୁରୁବାର କାମଚଳା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଛନ୍ତି। ଏହାପୂର୍ବରୁ ସୂର୍ଯ୍ୟା ଜୁଙ୍ଗରୁଙ୍ଗ୍‌ରେଙ୍ଗକିଟ୍ ୨୪ ଘଣ୍ଟା ପାଇଁ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିଥିଲେ। ସୂର୍ଯ୍ୟାଙ୍କୁ ବୁଧବାର କାର୍ଯ୍ୟବାହକ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦିଆଯାଇଥିଲା। ୭୦ ବର୍ଷୀୟ ସୂର୍ଯ୍ୟା ନିଲମ୍ବିତ ପ୍ରଧାନମନ୍ତ୍ରୀ ପାଇତୋଙ୍ଗତାର୍ଣ୍ଣ ଶିନାୱାତ୍ରାଙ୍କ ସ୍ଥାନରେ ଦାୟିତ୍ୱ ସମ୍ଭାଳିଥିଲେ। ଶିନାୱାତ୍ରାଙ୍କୁ ଜୁନ୍ ୧ରେ ପଦରୁ ବହିଷ୍କାର କରାଯାଇଥିଲା। ପଡୋଶୀ କାମ୍ବୋଡିଆର ଜଣେ ବଡ଼ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ହୁନ ସେନ୍‌ଙ୍କ ସହ ଫୋନ୍‌ରେ କଥା ହୋଇଥିଲେ ଶିନାୱାତ୍ରା। ଏହି ଫୋନ୍ କଲ୍ ଲିକ୍ ହୋଇଥିଲା। ଏଥିରେ ଶନାୱାତ୍ରା ତାଙ୍କୁ ଅଙ୍କଲ ବୋଲି କହି ସମ୍ବୋଧନ କରିଥିଲେ ଓ ନିଜ ଦେଶର ସେନାଧ୍ୟକ୍ଷଙ୍କୁ ସମାଲୋଚନା କରିଥିଲେ।

# ବ୍ରିଟେନ ବିମାନକୁ ନେଇ ସସ୍‌ପେନ୍ସ



ନୂଆଦିଲ୍ଲୀ, ୩।୭ (ଏଜେନ୍ସି): କେରଳର ଥିରୁବନନ୍ତପୁରମ ଆନ୍ତର୍ଜାତିକ ବିମାନବନ୍ଦରରେ ଗତ ୨୦ ଦିନ ଧରି ଅଟକି ରହିଥିବା ବ୍ରିଟିଶ ରୟାଲ ନେଭିର ଏଫ୍-୩୫ ଲଢୁଆ ବିମାନକୁ ନେଇ ସସପେନ୍ସ ବଢ଼ି ଚାଲିଛି। ଏହି ବିମାନକୁ ହାଙ୍ଗର ଭିତରକୁ ନନେବା ଏବଂ ଏହାକୁ ସ୍ପର୍ଶ କରିବା ଲାଗି କୌଣସି ଭାରତୀୟଙ୍କୁ ଅନୁମତି ନଦେବା ଭଳି ଘଟଣା ଯୋଗୁଁ ସନ୍ଦେହ ହେବା ସ୍ୱାଭାବିକ। ବିଶ୍ୱର ସବୁଠାରୁ ଅତ୍ୟାଧୁନିକ ଲଢୁଆ ବିମାନ କୁହାଯାଉଥିବା ଏଫ୍-୩୫ରେ ଏଭଳି ଜ୍ଞାନକୌଶଳ ଖଞ୍ଜି ହୋଇରହିଛି, ଯାହାକି ଏବେ ବି ଚୀନ ଓ ରୁଷର ପହଞ୍ଚ ବାହାରେ। ଭାରତୀୟ ଇଞ୍ଜିନିୟର ଏଥିରେ ପ୍ରବେଶ କଲେ କାଳେ ଏହି ଟେକନୋଲୋଜି ଲିକ୍ ହୋଇଯିବ, ସେହି ଭୟରେ ଏଥିରେ ବାହାର ଲୋକଙ୍କୁ ହାତ ମାରିବାକୁ ଦିଆଯାଉ ନାହିଁ।

ଗତମାସ ୧୪ ତାରିଖରେ ଆରବ ସାଗରରେ ଭାରତ ଓ ବ୍ରିଟେନର ମିଳିତ ସମରାଭ୍ୟାସ ସମୟରେ ଭାରତୀୟ ଉପକୂଳରୁ ୧୦୦ ମାଇଲ ଦୂର ବ୍ରିଟେନର ଜାହାଜରୁ ଏହି ଏଫ୍-୩୫ ଲଢୁଆ ବିମାନ ଉଡ଼ାଣ ଆରମ୍ଭ କରିଥିଲା। କିନ୍ତୁ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହା ଥିରୁବନନ୍ତପୁରମ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା। କୁହାଯାଉଛି ଯେ ଏହାର ହାଇଡ୍ରୋଲିକ ବ୍ୟବସ୍ଥା ଖରାପ ହୋଇଯାଇଛି। ଏଭଳି ପରିସ୍ଥିତିରେ ବିମାନର ଉଡ଼ାଣ ଏବଂ ଅବତରଣରେ ଅସୁବିଧା ହୋଇପାରେ। ସେହିଦିନ ଠାରୁ ଏହା ବିମାନବନ୍ଦରରେ ଅଟକି ରହିଛି। ଏହାର ମରାମତି ଲାଗି କେତେକ ବ୍ରିଟିଶ ଇଞ୍ଜିନିୟର ଆସିଥିଲେ ମଧ୍ୟ ସଫଳ ହୋଇନାହାନ୍ତି। ମରାମତିରେ ସହାୟତା ପାଇଁ ଭାରତୀୟ ବାୟୁସେନା ପ୍ରସ୍ତାବ ଦେଇଥିଲେ ମଧ୍ୟ ବ୍ରିଟେନ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛି। ତେବେ ଶୁଣାଯାଉଛି ଯେ ବ୍ରିଟେନରୁ ଏକ ୪୦ ଜଣିଆ ବିଶେଷଜ୍ଞ ଟିମ୍ ଆସୁଛନ୍ତି। ସେମାନେ ମରାମତି ପାଇଁ ଉଦ୍ୟମ କରିବେ। ବିଫଳ ହେଲେ ଏହି ଜେଟ୍ ବିମାନକୁ ପରିବହନ ବିମାନରେ ଫେରାଇନେବେ।

ତେବେ ପ୍ରଶ୍ନ ଉଠୁଛି ଏହି ବିମାନରେ ଏମିତି କଣ ଅଛି ଯେ ଭାରତରେ ଏହାକୁ କାହାକୁ ସ୍ପର୍ଶ କରିବାକୁ ଦିଆଯାଉ ନାହିଁ। ଆମେରିକାର ଏକ କଂପାନୀ ଦ୍ୱାରା ନିର୍ମିତ ଏହି ବିମାନର ମୂଲ୍ୟ ହେଉଛି ଏକ ହଜାର କୋଟି ଟଙ୍କା। ଏହା ହେଉଛି ସବୁଠାରୁ ଅତ୍ୟାଧୁନିକ ଲଢୁଆ ବିମାନ। ଏଥିରେ ଏମିତି ଜ୍ଞାନକୌଶଳ ଖଞ୍ଜାଯାଇଛି ଯେ ଶତ୍ରୁ ପକ୍ଷ ଏହାର ଟେର୍ ବି ପାଇବେ ନାହିଁ। ଶତ୍ରୁ ଦେଶର ଆକାଶ ସୀମାରେ ଥିଲେ ମଧ୍ୟ ଏହାର କେହି କ୍ଷତି କରିପାରିବେ ନାହିଁ। ରଡାରରେ ଏହାକୁ ଠାବ କରିବା କ୍ଷଣି ସେହି ସୀମାରୁ ଏହା ଉଭାନ ହୋଇଯିବ। ବ୍ରିଟେନ ନୌସେନା ଏହାର ବ୍ୟବହାର କରୁଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଏବଂ ମରାମତି ଦାୟିତ୍ୱ ଆମେରିକା କଂପାନୀ ହାତରେ ରହିଛି। ତେଣୁ ଆମେରିକା ଛଡ଼ା ଅନ୍ୟ କୌଣସି ଦେଶର ଇଞ୍ଜିନିୟରମାନଙ୍କୁ ହାତ ମାରିବାକୁ ଦିଆଯାଉ ନାହିଁ। ଦୀର୍ଘ ଦିନ ଧରି ବିମାନଟି ବାହାରେ ପ୍ରବଳ ବର୍ଷାରେ ଠିଆ ହୋଇଥିଲେ ମଧ୍ୟ ହାଙ୍ଗର ମଧ୍ୟକୁ ନେବାଲାଗି ବ୍ରିଟେନ ଅନୁମତି ଦେଉନଥିଲା। ତେବେ ବ୍ରିଟେନ ନୌସେନାର କେତେକ ବିଶେଷଜ୍ଞ ଆସିବା ପରେ ସେମାନଙ୍କ ଉପସ୍ଥିତିରେ ଏହାକୁ ହାଙ୍ଗର ଭିତରକୁ ନିଆଯାଇଛି।

ଆଉ ଏକ ସୂତ୍ରରୁ ପ୍ରକାଶ ଯେ ଏହି ଏଫ୍-୩୫ ବିମାନ ଜରିଆରେ ବ୍ରିଟେନ ଗୁଇନ୍ଦା ତଥ୍ୟ ହାସଲ କରିପାରିବ। ଏହି ବିମାନକୁ ଠାବ କରିବାରେ ଶତ୍ରୁ ପକ୍ଷର ରଡାର ସମର୍ଥ କି ନୁହେଁ, ଠାବ କରିବା ପରେ କେତେ ସମୟ ମଧ୍ୟରେ ଶତ୍ରୁ ପକ୍ଷ କ୍ଷେପଣାସ୍ତ୍ର ମାଡ଼ କରିପାରିବ ଏବଂ ଏହି ବିମାନର ସଫଟୱେୟାର ଜାମ୍ କରିବା ଲାଗି ଶତ୍ରୁ ପାଖରେ ଇଲେକଟ୍ରୋନିକ୍ ୱାରଫେୟାର ଅଛି କି ନାହିଁ? ଭାରତୀୟ ବାୟୁ ସେନାର ଏଭଳି ଦକ୍ଷତାକୁ ମାପିବା ଲାଗି ଏଫ୍-୩୫ ନିୟୋଜିତ ହୋଇଥାଇପାରେ ବୋଲି କୁହାଯାଉଛି। ତେବେ ସରକାରୀ ଭାବେ କେହି କିଛି କହୁନାହାନ୍ତି। ଏହା ହିଁ ସମଗ୍ର ଘଟଣାକୁ ରହସ୍ୟମୟ କରି ରଖିଛି।

# ଆମେରିକା ଶରଣରେ ପାକିସ୍ତାନ

### ଅପରେସନ ସିନ୍ଦୂରରେ ଚାଇନା ଅସ୍ତ୍ର ଫ୍ଲପ୍


### ମୁନିରଙ୍କ ପରେ ପାକ୍ ବାୟୁସେନା ମୁଖ୍ୟ ଆମେରିକାରେ



ନୂଆଦିଲ୍ଲୀ, ୩।୭ (ଏଜେନ୍ସି): ଅପରେସନ ସିନ୍ଦୂର ପ୍ରହାରରେ ଶୋଚନୀୟ ଭାବେ ପରାସ୍ତ ହୋଇଥିବା ପାକିସ୍ତାନ ଏବେ ଆମେରିକାର ଦ୍ୱାରସ୍ଥ ହୋଇଛି। ଭାରତ ସହିତ ଏହି ୪ ଦିନର ଯୁଦ୍ଧରେ ଚୀନ୍ ନିର୍ମିତ ଅସ୍ତ୍ରଶସ୍ତ୍ର ପାକିସ୍ତାନ ବ୍ୟବହାର କରିଥିଲା। କିନ୍ତୁ ଏହା ଭାରତର ମୁକାବିଲାରେ ବିଫଳ ହୋଇଥିଲା। ଏହାକୁ ।।ନେଇ ପାକିସ୍ତାନର ଚିନ୍ତା ବଢ଼ିଯାଇଛି। ଚୀନ ବଦଳରେ ଆମେରିକା ଅସ୍ତ୍ର ନେବାକୁ ପାକିସ୍ତାନ ଉଦ୍ୟମ ଆରମ୍ଭ କରିଛି। ଏସଂପର୍କରେ ଆମେରିକା ସହ ଆଲୋଚନା ପାଇଁ ପାକିସ୍ତାନ ସେନାଧ୍ୟକ୍ଷ ଅସିମ ମୁନିର ୱାସିଂଟନ ଯାଇଥିଲେ। ଏବେ ବାୟୁସେନା ମୁଖ୍ୟ ଜାହିର ଅହମ୍ମଦ ବାବର ସିଦ୍ଧୁ ଆମେରିକା ଯାତ୍ରା କରିଛନ୍ତି। ଆମେରିକା ସହ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ପାଇଁ ପାକିସ୍ତାନ ପ୍ରୟାସ ଆରମ୍ଭ କରିଛି। ଦୀର୍ଘ ଏକ ଦଶନ୍ଧି ପରେ କୌଣସି ପାକ୍ ବାୟୁସେନା ମୁଖ୍ୟ ଆମେରିକା ଯାତ୍ରା କରିଛନ୍ତି। ଚୀନ୍ ଅସ୍ତ୍ରଶସ୍ତ୍ରର ବିଶ୍ୱସନୀୟତା ନେଇ ପାକିସ୍ତାନ ଚିନ୍ତିତ ରହିଛି। ପାକିସ୍ତାନ ଏବେ ତା'ର ବାୟୁସେନାକୁ ଆହୁରି ଦୃଢ଼ କରିବାକୁ ଆମେରିକା ସହ ଆଲୋଚନା କରିବ। ଫଳରେ ପାକିସ୍ତାନ ଏଫ୍-୧୬ ବିମାନ ସମେତ ବ୍ଲକ ୭୦ ଲଢୁଆ ଜେଟ୍ ଓ ଏୟାର ଡିଫେନ୍ସ ସିଷ୍ଟମ ଓ ଅନ୍ୟ କେତେକ ଉପକରଣ ପାଇବ। ଭାରତ ସହ ଯୁଦ୍ଧ ପରେ ଚୀନ୍ ଉପରେ ପାକିସ୍ତାନ ଆଉ ଭରସା କରିବାକୁ ଚାହୁଁନାହିଁ ବୋଲି ଜଣେ ପାକିସ୍ତାନୀ ପ୍ରତିରକ୍ଷା ଅଧିକାରୀ କହିଛନ୍ତି।

# ଉତ୍ତରାଧିକାରୀ ନିଷ୍ପତ୍ତି ଦଲାଇଲାମା ହିଁ ନେବେ: ଭାରତ

ନୂଆଦିଲ୍ଲୀ, ୩।୭ (ଏଜେନ୍ସି): ବୌଦ୍ଧ ଧର୍ମର ଧର୍ମଗୁରୁ ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନ ପ୍ରକ୍ରିୟା ଏବେ ନୂଆ ମୋଡ ନେଇଛି। ଏ ନେଇ ଭାରତ ଓ ଚୀନ୍ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି। ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନ ନିଷ୍ପତ୍ତି ଚୀନ୍ ନେବ ବୋଲି କହୁଥିବା ବେଳେ ଭାରତ ଏହାକୁ ବିରୋଧ କରିଛି। ଏ ସଂକ୍ରାନ୍ତରେ କେବଳ ଦଲାଇଲାମା ହିଁ ନିଷ୍ପତ୍ତି ନେଇପାରି।।ବେ ବୋଲି ଭାରତ ସ୍ପଷ୍ଟ କରିଛି। ନିଜ ଜୀବନକାଳ ମଧ୍ୟରେ ପରବର୍ତ୍ତୀ ଦଲାଇଲାମା ଘୋଷଣା କରାଯିବ ବୋଲି ୧୪ତମ ତୀବ୍ବତୀୟ ଧର୍ମଗୁରୁ ଦଲାଇଲାମା ଘୋଷଣା କରିବା ପରେ ଏଭଳି ସ୍ଥିତି ଉପୁଜିଛି। ଏ ସଂକ୍ରାନ୍ତରେ କେବଳ ଦଲାଇଲାମା



ହିଁ ନିଷ୍ପତ୍ତି ନେବେ। ଆଉ କାହାର ଏ ନେଇ ଅଧିକାର ନାହିଁ ବୋଲି କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। ଦଲାଇଲାମା ପଦ ସବୁଠାର ମହତ୍ତ୍ୱପୂର୍ଣ୍ଣ। କେବଳ ତିବତ୍ତୀୟଙ୍କର ନୁହଁ ସବୁ ଧର୍ମ ଉପାସକଙ୍କ ପାଇଁ ସେ ସର୍ବୋପରି ବୋଲି ରିଜିଜୁ କହିଛନ୍ତି।

ଉଲ୍ଲେଖଥାଉ କି, କିଛିଦିନ ତଳେ ଦଲାଇଲାମା ତାଙ୍କର ୯୦ତମ ଜନ୍ମ ଦିବସ ପାଳନ କରିଥିଲେ। ୧୯୫୯ରେ ତୀବ୍ବତକୁ ଚୀନ ଦଖଲ କରିବା ପରେ ଦଲାଇଲାମା ଭାରତରେ ଆଶ୍ରୟ ନେଇଛନ୍ତି ଓ ସେ ଧର୍ମଶାଳାରେ ରହୁଛନ୍ତି। ରିଜିଜୁ ଓ ଜନତା ଦଳ ୟୁନାଇଟେଡ ନେତା ଲଲନ ସିଂ ଦଲାଇଲାମାଙ୍କ ୯୦ତମ ଜନ୍ମ ଦିବସ ପାଳନ ଉତ୍ସବରେ ଯୋଗ ଦେବାକୁ ଧର୍ମଶାଳା ଯାଇଥିଲେ ଓ ଏହା ଏକ ସମ୍ପୂର୍ଣ୍ଣ ଧାର୍ମିକ ଗସ୍ତ ଥିଲା ବୋଲି କୁହାଯାଇଥିଲା। ଦଲାଇଲାମା ଇତିମଧ୍ୟରେ ନିଜ ଉତ୍ତରାଧିକାରୀ ଚୟନର ଦାୟିତ୍ୱ ଗୋଦେନ ଫୋଡରଙ୍ଗ ଟ୍ରଷ୍ଟକୁ ପ୍ରଦାନ କରିଛନ୍ତି। ଏହି ଟ୍ରଷ୍ଟ ହିଁ ପରବର୍ତ୍ତୀ ଦଲାଇଲାମା ଚିହ୍ନଟ ଓ ମାନ୍ୟତା ପ୍ରକ୍ରିୟାର ସଞ୍ଚାଳନ କରିବ ବୋଲି ସେ ସ୍ପଷ୍ଟ କରିଥିଲେ।

# ଦିଲ୍ଲୀ ସରକାରଙ୍କ ୟୁଟର୍ଣ୍ଣ; ଚାଲିବ ପୁରୁଣା ଗାଡ଼ି

■ ଉଠିଲା ତେଲ କଟକଣା

■ ନୂଆ ଗାଇଡଲାଇନ୍ସ ଆଣିବେ ସରକାର

ନୂଆଦିଲ୍ଲୀ, ୩।୭ (ଏଜେନ୍ସି): ଦିଲ୍ଲୀରେ ପୁରୁଣା ଗାଡି ଉପରେ କଟକଣା ଲଗାଇଥିବା ଦିଲ୍ଲୀ ସରକାର ୟୁଟର୍ଣ୍ଣ ନେଇଛନ୍ତି। ପୁରୁଣା ଗାଡ଼ି ମାଲିକଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇ ଏହି କଟକଣାକୁ ହଟାଇ ।।ନେଇଛନ୍ତି। ସରକାର ଏହା ବଦଳରେ ନୂଆ ଗାଇଡଲାଇନ୍ସ ଆଣିବେ ବୋଲି କହିଛନ୍ତି। ପୂର୍ବରୁ ୧୦ ବର୍ଷ ପୁରୁଣା ଡିଜେଲ ଗାଡି ଓ ୧୫ ବର୍ଷ ପୁରୁଣା ପେଟ୍ରୋଲ ଗାଡିକୁ ପେଟ୍ରୋଲ କି ଡିଜେଲ ଦେବାକୁ ସରକାର ବାରଣ କରିଥିଲେ। କିନ୍ତୁ ସରକାର ଏବେ ତାଙ୍କ ମତ ବଦଳାଇଛନ୍ତି। ଏହି କଟକଣା ଲାଗୁ କରିବାର ସମୟ ଆସିନାହିଁ ବୋଲି ସରକାର କହିଛନ୍ତି। ଏନେଇ ଥିବା କେତୋଟି ଟେକନିକାଲ ଚ୍ୟାଲେଞ୍ଜ କାରଣରୁ ଏବେ ଏହି ନିୟମକୁ ଲାଗୁ କରିବା ଠିକ ହେବ ନାହିଁ ବୋଲି ଦିଲ୍ଲୀ ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସିରସା କହିଛନ୍ତି। କଟକଣାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଯାଇଥିଲା। ଜୁଲାଇ ପହିଲାରୁ ଏହି ନିୟମ ଲାଗୁ ହୋଇଥିଲା। ଫଳରେ ୬୦ ଲକ୍ଷ ଗାଡ଼ି ଅଚଳ ହୋଇପଡ଼ିଥିଲା। ଗତ ମାର୍ଚ୍ଚରେ ସରକାର ତେଲ କଟକଣା ନେଇ ନୂଆ ନିୟମର ଘୋଷଣା କରିଥିଲେ।



# ବିହାରରେ ଏକାକୀ ନିର୍ବାଚନ ଲଢିବ ଆପ୍: କେଜ୍ରିୱାଲ୍

ଅହମଦାବାଦ୍, ୩।୭ (ଏଜେନ୍ସି): ଆଗାମୀ ବିହାର ବିଧାନସଭା ନିର୍ବାଚନରେ ଆମ୍ ଆଦମୀ ପାର୍ଟି (ଆପ୍) ଏକାକୀ ନିର୍ବାଚନ ଲଢିବ। ପାର୍ଟି ମୁଖିଆ ଅରବିନ୍ଦ କେଜ୍ରିୱାଲ୍ ଗୁରୁବାର ଅହମଦାବାଦ୍‌ରେ ଗୁରୁବାର ଘୋଷଣା କରିଛନ୍ତି। କେବଳ ଲୋକସଭା ନିର୍ବାଚନ ପାଇଁ ଇଣ୍ଡିଆ ମେଣ୍ଟ ସହ ଆପ୍ ମିଶିଥିଲା। ଏବେ ଆପ୍ କୌଣସି ପାର୍ଟି ସହ ମେଣ୍ଟ କରିବ ନାହିଁ ବୋଲି କେଜ୍ରିୱାଲ କହିଛନ୍ତି।

କେଜ୍ରିୱାଲ ଗୁଜରାଟକୁ ଦୁଇ ଦିନିଆ ଗସ୍ତ କରି ଅହମଦାବାଦରେ ପହଞ୍ଚିଛନ୍ତି। ସେଠାରେ ସେ ପାର୍ଟିର ସଦସ୍ୟତା ନେଇ ଅଭିଯାନ ଆରମ୍ଭ କରିଛନ୍ତି। ସେ କହିଲେ, ଗୁଜରାଟର ବିସାବଦର ଉପନିର୍ବାଚନରେ ଆମେ କଂଗ୍ରେସଠାରୁ ଅଲଗା ହୋଇ ନିର୍ବାଚନ ଲଢିଥିଲୁ ଓ ୩ ଗୁଣା ଅଧିକ ଭୋଟ ହାସଲ କରିଥିଲୁ। ଏବେ ଦେଶରେ ଆପ୍ ବିକଳ୍ପ ପାର୍ଟି ଭାବେ ଉଭା ହୋଇଛି ବୋଲି ଏହି ଉପ- ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି। ଆଗକୁ ଆମେ ଗୁଜରାଟ୍‌ରେ ମଧ୍ୟ ନିର୍ବାଚନ ଲଢିବୁ ଓ ବିଜୟ ହସଲ କରିବୁ। ଦିଲ୍ଲୀ ପରାଜୟରେ ଦଳକୁ ଝଟ୍‌କା ଲାଗିଛି ବୋଲି ସେ ସ୍ୱୀକାର କରିଛନ୍ତି। ଦଳ ଏବେ ପଞ୍ଜାବରେ ଦ୍ୱିତୀୟଥର ପାଇଁ ସରକାର ଗଠନ କରିବ। ୩୦ ବର୍ଷ କଂଗ୍ରେସ ଓ ୩୦ ବର୍ଷ ବିଜେପି ଶାସନ କରିଛି। ଏବେ ସମୟଚକ୍ର ପୂରା ଘୁରିଛି। ତେଣୁ ଏବେ ବିଜେପି ଯିବାର ସମୟ ଆସି ଉପନୀତ ହୋଇଛି ବୋଲି ସେ କହିଛନ୍ତି। ଏବେ ଆପ୍‌କୁ ଲୋକେ ବିକଳ୍ପ ଭାବେ ଦେଖୁଛନ୍ତି। ତେଣୁ ଆଗାମୀ ନିର୍ବାଚନ ଗୁଡିକରେ ଆପ୍ ପୂରା ଶକ୍ତି ଓ ସାମର୍ଥ୍ୟ ସହ ନିର୍ବାଚନରେ ଅବତୀର୍ଣ୍ଣ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।



ସକାଳ
THE SAKALA
www.sakalaepaper.com



# ସମ୍ପୂର୍ଣ୍ଣା



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ପରିବାରର ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଘରେ ପୂଜାପାଠର ଆୟୋଜନ ହୋଇପାରେ। ବାହନ ସୁଖ ପ୍ରାପ୍ତ ହେବ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଗ ଅଛି। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। କୌଣସି ଶୁଭ ସମାଚାର ପ୍ରାପ୍ତ ହେବ। ଅଯଥା ଖର୍ଚ୍ଚ କରନ୍ତୁନି। କଳା ଓ ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ମିଥୁନ:** ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ସମାବେଶରେ ଯୋଗ ଦେଇପାରନ୍ତି। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**କର୍କଟ:** ଦିନଟି ବ୍ୟସ୍ତତା ଭିତରେ କଟିବ। ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତା ବୃଦ୍ଧି କରିପାରେ।

**ସିଂହ:** ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ଦିନଟି ହସଖୁସିରେ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆୟବ୍ୟୟ ସମାନ ରହିବ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ନିଜ ଲୋକ ଶତ୍ରୁ ସାଜିପାରନ୍ତି। ମାପିଚୁପି କଥା କୁହନ୍ତୁ। ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଷ୍ଟ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି।

**ତୁଳା:** ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ। ଖର୍ଚ୍ଚ ବୃଦ୍ଧି ପାଇବ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ବିବାହକୁ ନେଇ ଶୁଭ ସମାଚାର ମିଳିପାରେ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି।

**ବିଛା:** ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ଯୋଜନା ମୁତାବକ କାମ କରନ୍ତୁ।

**ଧନୁ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଯାନବାହନ ଓ ଜମି କିଣିବାର ଯୋଗ ଅଛି। ନିବେଶ ପାଇଁ ଭଲ ସମୟ। ଅଫିସ୍ କାମ ପାଇଁ ପ୍ରଶଂସିତ ହେବେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ।

**ମକର:** କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। ଅଯଥା ଯୁକ୍ତିତର୍କ ହୋଇପାରେ।

**କୁମ୍ଭ:** ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାରର ସହଯୋଗ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ରହିଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ବିବାହ ସ୍ଥିର ହେବ। କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା ଯୋଗ ରହିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ପଡ଼ୋଶୀଙ୍କ ସହ ସୁ-ସମ୍ପର୍କ ବଢ଼ିବ।

## ଆଜିର ଇତିହାସ

- ୧୯୪୬- ଦୀର୍ଘ ୩୮୧ ବର୍ଷର ଔପନିବେଶିକ ଶାସନ ପରେ ଫିଲିପାଇନ୍‌ସକୁ ଆମେରିକାର ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ।
- ୧୯୦୨- ସ୍ୱାମୀ ବିବେକାନନ୍ଦଙ୍କ ଦେହାନ୍ତ।
- ୧୯୪୬- ଫିଲିପାଇନ୍ସ ଆମେରିକା ଠାରୁ ସ୍ୱାଧୀନ ହେଲା।
- ୧୯୬୩- ଜାତୀୟ ପତାକାର ନିର୍ମାତା ତଥା ସ୍ୱାଧୀନତା ସଂଗ୍ରାମୀ ପିଙ୍ଗଳି ଭେଙ୍କୟାଙ୍କ ପରଲୋକ।
- ୧୯୯୭- ନାସାର ମହାକାଶ ଯାନ 'ପାଥ୍‌ଫାଇଣ୍ଡର' ମଙ୍ଗଳ ପୃଷ୍ଠରେ ଅବତରଣ।

## ଆଜି ବାହୁଡ଼ିଥିଲେ
# ସ୍ୱାମୀ ବିବେକାନନ୍ଦ



ସାରା ବିଶ୍ୱରେ ଯେଉଁ କେତେଜଣ ପ୍ରସିଦ୍ଧ ସନ୍ୟାସୀଙ୍କ କଥା ସଦା ସର୍ବଦା ଆଲୋଚିତ ହୋଇଥାଏ ସେହି ମନୀଷୀମାନଙ୍କ ମଧ୍ୟରେ ଭାରତୀୟ ସନ୍ୟାସୀ ସ୍ୱାମୀ ବିବେକାନନ୍ଦ ଥିଲେ ଅନ୍ୟତମ। ସେ ଥିଲେ ଏକାଧାରରେ ଜଣେ ଆଧ୍ୟାତ୍ମିକ ଗୁରୁ, ସଂସ୍କାରକ,ଦାର୍ଶନିକ ଓ ଶିକ୍ଷାବିତ୍। ସନାତନ ଧର୍ମକୁ ବିଶ୍ୱସ୍ତରରେ ପରିଚିତ କରାଇଥିବା ବିବେକାନନ୍ଦ ତ୍ୟାଗ, ତେଜ ଓ ନିର୍ଭୀକତାର ପ୍ରତୀକ ଥିଲେ। ଯୁବସମାଜ ମଧ୍ୟରେ ଆଧ୍ୟାତ୍ମିକ ଶକ୍ତି ସହ ଶାରୀରିକ ଶକ୍ତିର ବିକାଶକୁ ସେ ଗୁରୁତ୍ୱ ଦେଉଥିଲେ। ଆଧ୍ୟାତ୍ମିକ ଗୁରୁ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ ବିବେକାନନ୍ଦ ବେଦାନ୍ତ ଓ ଯୋଗ ଦର୍ଶନ ପାଇଁ ସମଗ୍ର ବିଶ୍ୱରେ ଲୋକପ୍ରିୟ ହୋଇଥିଲେ। ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଯୁବକମାନଙ୍କ ଭୂମିକାକୁ ନେଇ ସେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କ ମତରେ ଧର୍ମ କେବଳ ତତ୍ତ୍ୱ ନୁହେଁ ବରଂ ଜୀବନ ପ୍ରଣାଳୀ ପାଇଁ ଏକ ଦର୍ଶନ। ଏହା ମଣିଷକୁ ବର୍ବରତାରୁ ମନୁଷ୍ୟତାକୁ ନେଇଯାଇଥାଏ। ୧୮୬୩ ଜାନୁଆରୀ ୧୨ରେ ବିବେକାନନ୍ଦ କଲିକତାର ସିମିଳାପଲ୍ଲୀରେ ଏକ ରୂଢ଼ିବାଦୀ ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ବିବେକାନନ୍ଦଙ୍କ ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟର ଓକିଲ ଥିଲେ।। ତାଙ୍କ ମା' ଭୁବନେଶ୍ୱରୀ ଦେବୀ ଆଧ୍ୟାତ୍ମିକତାରେ ରୁଚି ରଖୁଥିଲେ। ପିଲାବେଳେ ସେ ନରେନ୍ଦ୍ର ଦତ୍ତ ନାଁରେ ପରିଚିତ ଥିଲେ। ପିଲାଟି ବେଳୁ ତାଙ୍କର ଦର୍ଶନ, ଧର୍ମ, ସାହିତ୍ୟ, ସାମାଜିକ ବିଜ୍ଞାନ, କଳା ଆଦି ବିଷୟରେ ରୁଚି ଥିଲା। ତାଙ୍କର ସ୍ମୃତିଶକ୍ତି ଅତ୍ୟନ୍ତ ପ୍ରଖର ଥିଲା । ସେ ଗୋଟିଏ ଗୋଟିଏ ମୋଟା ବହିକୁ ଗୋଟିଏ ଦିନରେ ହିଁ ପଢ଼ି ଶେଷ କରିଦେଉଥିଲେ । ତାଙ୍କର ଧୀଶକ୍ତି ଏତେ ତୀକ୍ଷ୍ଣ ଥିଲା ଯେ, ସେ ବହିରେ ଥିବା ପ୍ରତ୍ୟେକ ପୃଷ୍ଠାର ପ୍ରତିଟି ଲାଇନ୍‌କୁ ମଧ୍ୟ ମନେ ରଖି ପାରୁଥିଲେ । ଗୁରୁ ରାମକୃଷ୍ଣ ପରମହଂସଙ୍କ ସଂସ୍ପର୍ଶରେ ଆସି ସେ ଆଧ୍ୟାତ୍ମିକ ଦିଗରେ ଅନୁପ୍ରାଣିତ ହୋଇଥିଲେ। ୧୮୯୩ ମସିହା ସେପ୍ଟେମ୍ବର ୧୧ ରେ ଆମେରିକାର ଚିକାଗୋ ସହରରେ ଆୟୋଜିତ ଧର୍ମମହାସଭାରେ ସଭାକୁ ସମ୍ବୋଧନ କରି ସେ "ପ୍ରିୟ ଆମେରିକାବାସୀ ଭାଇ ଓ ଭଉଣୀମାନେ" କହି ତାଙ୍କର ଓଜସ୍ୱିନୀ ବକ୍ତୃତାର ଆରମ୍ଭ କରିଥଲେ । ଏହି ସମ୍ବୋଧନ ଏବଂ ଭାରତୀୟ ସଂସ୍କୃତି ଉପରେ ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେବାସହ ଭାରତୀୟ ମୂଲ୍ୟବୋଧକୁ ମଧ୍ୟ ବିଶ୍ୱ ଦରବାରରେ ପରିଚିତ କରାଇଲା । ଏହାପରେ ସେ ସ୍ୱାମୀ ବିବେକାନନ୍ଦ ଭାବରେ ପରିଚିତ ହେଲେ । ୧୮୯୭ ମସିହାରେ ସ୍ୱାମୀ ବିବେକାନନ୍ଦ ଧର୍ମ ସଂସଦରୁ ଫେରିବା ପରେ ତାଙ୍କ ଗୁରୁ ସନ୍ଥ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ନାମରେ ସାମାଜିକ ସେବା ପାଇଁ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ। ସ୍ୱାମୀ ବିବେକାନନ୍ଦ ହେଉଛନ୍ତି ଅଗଣିତ ଯୁବ ସମାଜର ମାର୍ଗ ପ୍ରବର୍ତ୍ତକ। ବିଶ୍ୱର ସମସ୍ତ ଅଧିବାସୀଙ୍କୁ ସେ ଏକ ପରିବାର ମନେ କରି ବିଶ୍ୱ ଭାତୃତ୍ୱର ବାର୍ତ୍ତା ପ୍ରଦାନ କରୁଥିଲେ। ଏହି ମନୀଷୀଙ୍କର ୧୯୦୨ ମସିହା ଆଜିର ଦିନରେ ମାତ୍ର ୩୯ ବର୍ଷ ବୟସରେ କଲିକତାର ବେଲୁର ମଠରେ ଦେହାବସାନ ଘଟିଥିଲା।

# ସୁପରହିରୋ ଭୂମିକାରେ ଜନ୍



ବଲିଉଡ୍ ଅଭିନେତା ଜନ୍ ଆବ୍ରାହମ୍, ଅଭିଷେକ ଶର୍ମାଙ୍କ ଫିଲ୍ମ 'ମଙ୍କିମ୍ୟାନ୍'ରେ ସୁପରହିରୋ ଭୂମିକାରେ ନଜର ଆସିବେ। ଏହାପୂର୍ବରୁ ଜନ୍ 'ପରମାଣୁ'ରେ ଅଭିଷେକଙ୍କ ସହ କାମ କରିଥିଲେ। ତେବେ ପୂର୍ବରୁ ବଲିଉଡ୍‌ରେ 'ମଙ୍କିମ୍ୟାନ୍' ଭଳି ଫିଲ୍ମ ନିର୍ମାଣ ହୋଇ ନ ଥିବାରୁ ଜନ୍ ଏହାକୁ ନେଇ ବେଶ୍ ଉତ୍ସାହିତ ଥିବା କୁହାଯାଉଛି। ଏହା ଏକ ବିଗ୍ ବଜେଟ୍‌ର ଫିଲ୍ମ ହେବ । ଏହାର କାହାଣୀ 'ମଙ୍କିମ୍ୟାନ୍' ପୁସ୍ତକ ଉପରେ ଆଧାରିତ। ଏହି ବହିକୁ ମଧ୍ୟ ଅଭିଷେକ ଶର୍ମା ଲେଖିଥିଲେ। ୨୦୦୧ରେ ଦିଲ୍ଲୀରେ ମଙ୍କିମ୍ୟାନ୍ ଆତଙ୍କ ଖେଳାଉଥିଲା ବୋଲି ଗୁଜବ ଉଠିଥିଲା ତାକୁ ନେଇ ଅଭିଷେକ ଏହି ବହି ଲେଖିଥିଲେ। ମହାବୀର ଜୈନ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ୨୦୨୬ ଆରମ୍ଭରେ ଏହା ରିଲିଜ୍ ହୋଇପାରେ। ଜନ୍‌ଙ୍କ କାମ କଥା କହିବାକୁ ଗଲେ ସେ ଏବେ ରୋହିତ୍ ସେଟ୍ଟିଙ୍କ ଏକ ବାୟୋପିକ୍ ଫିଲ୍ମରେ ରାକେଶ ମାରିଆ (ମୁମ୍ବାଇର ପୂର୍ବତନ ପୁଲିସ୍ କମିଶନର)ଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ଏହା ସହ ସେ 'ଗରମ ମସଲା'ର ସିକ୍ୱେଲରେ ମଧ୍ୟ ନଜର ଆସିବେ। ଜନ୍ ଶେଷ ଥର ପାଇଁ 'ଦ ଡିପ୍ଲୋମାଟ୍' ଫିଲ୍ମରେ ନଜର ଆସିଥିଲେ।

# ୧୧ ଦିନ ଉଜାଗର ରହି ରେକର୍ଡ



୧୯୬୩ ମସିହାରେ ଆମେରିକାର ୧୭ ବର୍ଷୀୟ ର୍ୟାଣ୍ଡି ଗାର୍ଡନର ଏମିତି ଏକ କାରନାମା କରି ଦେଖାଇଥିଲେ ଯାହାକି ସେ ସମୟରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା। ସେ ୨୬୪ ଘଣ୍ଟା ଅର୍ଥାତ୍ ୧୧ ଦିନ ନ ଶୋଇ ରେକର୍ଡ କରିଥିଲେ। ତେବେ ସେ ତାଙ୍କର ଦୁଇ ସାଙ୍ଗ ବ୍ରୁସ୍ ମ୍ୟାକଏଲେଷ୍ଟର ଏବଂ ଜୋ ମାର୍କିୟାନୋ ଜୁନିୟରଙ୍କ ସହ ମିଶି ଏହି ରେକର୍ଡ କରିବା ନିଷ୍ପତ୍ତି ନେଇଥିଲେ। ପୂର୍ବରୁ ଏହି ରେକର୍ଡ ହୋନୋଲୁଲୁର ଡିଜେ ଟମ୍ ରାଉଣ୍ଡସ୍‌ଙ୍କ ନାମରେ ଥିଲା। ଟମ୍ ୨୬୦ ଘଣ୍ଟା ଅନିଦ୍ରା ରହି ଏହି ରେକର୍ଡ କରିଥିଲେ। ର୍ୟାଣ୍ଡିଙ୍କ ଦୁଇ ସାଙ୍ଗ ପ୍ରୟାସ କଲେ ତାଙ୍କୁ ଲଗାତାର ଜାଗ୍ରତ ରଖିବେ ଏବଂ ପ୍ରତି ଛଅ ଘଣ୍ଟାରେ ତାଙ୍କ ମାନସିକ ସ୍ଥିତିକୁ ପରୀକ୍ଷା କରିବେ। ସେହିପରି ଦିନ ଯେମିତି ଗଡ଼ିଲା, ର୍ୟାଣ୍ଡିଙ୍କ ମାନସିକ ସ୍ଥିତି ବିଗିଡ଼ିବାରେ ଲାଗିଲା। ତିନିଦିନ ବିତିବା ପରେ ର୍ୟାଣ୍ଡିଙ୍କର ଛୋଟ ଛୋଟ କଥା ମନେ ରହିଲା ନାହିଁ। ତେବେ ଚତୁର୍ଥ ଓ ପଞ୍ଚମ ଦିନରେ ଏହା ଅତ୍ୟନ୍ତ କଷ୍ଟକର କାମ ବୋଲି ସେ ଅନୁଭବ କଲେ। ସେହିପରି ଏହି ଖବର ଗଣମାଧ୍ୟମକୁ ଆସିଯିବାରୁ ସେ ଏଥିରୁ ଓହରିଲେ ନାହିଁ। ଅନ୍ୟପକ୍ଷରେ ଏହି ଘଟଣାର ଗମ୍ଭୀରତାକୁ ଦେଖି ଷ୍ଟେନଫର୍ଡ ୟୁନିଭର୍ସିଟିର ନିଦ ବିଶେଷଜ୍ଞ ଡା. ୱିଲିୟମ୍ ଡମେଣ୍ଟ୍ ର୍ୟାଣ୍ଡିଙ୍କ ସହ ସାମିଲ ହେଲେ। ତାଙ୍କୁ ଉଜାଗର ରଖିବା ପାଇଁ ସେ ଅନେକ ଉପାୟ ଆପଣାଇଲେ। ତାଙ୍କ ସାମ୍ନାରେ ଜୋର୍ ଶବ୍ଦରେ ରେଡିଓ ବଜାଇବା, କାର୍‌ରେ ବୁଲିବା ଏବଂ ପିନ୍‌ବଲ ଖେଳିବା ଚ୍ୟାଲେଞ୍ଜ ରଖିଲେ। ର୍ୟାଣ୍ଡି ୧୦ ଦିନ ଯାଏଁ ନ ଶୋଇ ମଧ୍ୟ ପିନ୍‌ବଲ ଖେଳି ଜିତିଯାଇଥିଲେ। ୧୧ ଦିନ ପର୍ଯ୍ୟନ୍ତ ଶୋଇ ନ ଥିବାରୁ ର୍ୟାଣ୍ଡିଙ୍କ ଅବସ୍ଥା ବିଗିଡ଼ି ଯାଇଥିଲା। ତାଙ୍କଠାରେ ଏକାଗ୍ରତା ହ୍ରାସ ପାଇବା, ସ୍ମୃତିଶକ୍ତିରେ ସମସ୍ୟା, ଭୟ, ଭ୍ରମ ଏବଂ ପ୍ରତ୍ୟେକ ଜିନିଷରେ ଚିଡ଼ଚିଡ଼ାପଣ ସମସ୍ୟା ଦେଖାଯାଇଥିଲା। ରେକର୍ଡ ପରେ ତାଙ୍କୁ ଡାକ୍ତରୀ ଟିମ୍ ୧୫ ଘଣ୍ଟା ଶୋଇବାକୁ ଦେଇଥିଲେ। ଏହି ସମୟରେ ତାଙ୍କର ମସ୍ତିଷ୍କ, ହୃଦୟ, ରକ୍ତଚାପ ଆଦିର ମନିଟର କରାଯାଇଥିଲା। ଧୀରେ ଧୀରେ ସେ ସାଧାରଣ ନିଦ୍ରାଭ୍ୟାସକୁ ଫେରିଥିଲେ ବି ତାଙ୍କଠାରେ ଅନିଦ୍ରା ସମସ୍ୟା ଦେଖା ଦେଇଥିଲା। ଅନ୍ୟପକ୍ଷରେ ୧୯୯୭ରେ ଗିନିଜ୍ ବିଶ୍ୱ ରେକର୍ଡ ଏଭଳି ପ୍ରୟାସକୁ ସ୍ୱୀକାର କରିବା ବନ୍ଦ କରିଥିଲା। କାରଣ ଏଭଳି ପ୍ରୟାସ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ।




# ଅନିୟନ୍ତ୍ରିତ ପରିସ୍ରା

ଅନିୟନ୍ତ୍ରିତ ପରିସ୍ରା ବା ପରିସ୍ରା ଅସଂଯମ ( urine incontinence) ସମସ୍ୟା ସାଧାରଣତଃ ମହିଳାମାନଙ୍କଠାରେ ଦେଖାଦେଇଥାଏ। ବିଶେଷକରି ବୟସ୍ୟାଧିକ, ହରମୋନ୍ ଅସନ୍ତୁଳନ, ତଳିପେଟର ମାଂସପେଶୀ ଦୁର୍ବଳ ବା ଢିଲା ହୋଇଗଲେ, ପରିସ୍ରାନଳୀ ସଂକ୍ରମଣ ଏହି ରୋଗର କାରଣ। ସମଗ୍ର ଭାରତରେ ପ୍ରାୟ ୨୭.୧% ମହିଳା ୟୁଆଇ ସହିତ ଜୀବନଯାପନ କରୁଛନ୍ତି। ନିଃସନ୍ତାନ(ନଲିପାରୋସ) ମହିଳାମାନଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଏ। ସାଧାରଣ ଭାବେ ଏମାନେ ପରିସ୍ରାକୁ ନିଜ ଇଚ୍ଛା ଅନୁସାରେ ଚାପି ରଖି ପାରନ୍ତି ନାହିଁ।

କାଶିଲେ, ଛିଙ୍କଲେ, ହାଇ ମାରିଲେ, ଟିକେ ଜୋର୍ ଦଉଡ଼ି ଚାଲିଲେ କିମ୍ବା ବସି ପଡ଼ିଲେ, ଆପଣ ଛାଏଁ ପରିସ୍ରା ହୋଇଯାଏ। ଫଳରେ ମହିଳାମାନେ ଏକ ଅସ୍ୱାଭାବିକ ପରିସ୍ଥିତିର ସାମନା କରନ୍ତି। ଗ୍ରାମାଞ୍ଚଳର ମହିଳା ଏହି ସମସ୍ୟାରେ ଅଧିକ ପୀଡ଼ିତ। କର୍ମଜୀବୀ ମହିଳାମାନେ ଏଥିପାଇଁ ଅନେକ ସମୟରେ ଅପଦସ୍ତ ହୋଇଥାନ୍ତି।

ଏଭଳି ବିଲକ୍ଷଣର ଶିକାର ହୋଇଥିବା ମହିଳାମାନେ ମୁହଁ ଖୋଲି ଏ କଥା କାହା ଆଗରେ କହି ପାରନ୍ତି ନାହିଁ। ଏଭଳିକି ନିଜ ପରିବାର ଲୋକଙ୍କୁ ମଧ୍ୟ ଲୁଚାଇ ଥାଆନ୍ତି। ଡାକ୍ତରଙ୍କ ପରାମର୍ଶ ନେବାକୁ ବି ସଙ୍କୋଚ ପ୍ରକାଶ କରନ୍ତି। ଏହା କେବଳ ସେମାନଙ୍କ ଶାରୀରିକ ସୁସ୍ଥତା ଉପରେ ନୁହେଁ; ସାମଗ୍ରିକ ଭାବେ ସାମାଜିକ ସୁସ୍ଥତା ଉପରେ ମଧ୍ୟ ପ୍ରଭାବ ପକାଇଥାଏ।

ଏହାକୁ ମହିଳାମାନେ ଅନାରୋଗ୍ୟ ବୋଲି ଧରି ନେଇଥାନ୍ତି। ଖୁସିର ଖବର ଏହା ଚିକିତ୍ସାଯୋଗ୍ୟ। ଓଡ଼ିଶାରେ ଡାକ୍ତରମାନେ ଏବେ ଏହି ସମସ୍ୟା ଦୂର କରିବା ପାଇଁ ଆଗେଇ ଆସିଛନ୍ତି। ଭାରତରେ ଏହାର ଚିକିତ୍ସା ପାଇଁ ଜଣଙ୍କୁ ୧୦ ରୁ ୨୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ବିଶେଷଜ୍ଞମାନେ ପ୍ରାଥମିକ ଚିକିତ୍ସା ସ୍କ୍ରିନିଂ ବଢ଼ାଇବା, ସମ୍ପ୍ରଦାୟ ମଧ୍ୟରେ ସ୍ୱାସ୍ଥ୍ୟ ଶିକ୍ଷା ବୃଦ୍ଧି କରିବା ଏବଂ ଆଶା ଓ ଏଏନ୍‌ଏମ୍ ମାନଙ୍କୁ ପ୍ରଶିକ୍ଷଣ ଦେଇ ଲକ୍ଷଣଗୁଡ଼ିକୁ ଶୀଘ୍ର ଚିହ୍ନଟ କରାଯାଉଛି। ବିଶିଷ୍ଟ ୟୁରୋଲୋଜିଷ୍ଟ ଡାକ୍ତର ଜ୍ୟୋତି ମୋହନ ତୋଷ କହନ୍ତି, ଏ ରୋଗ ଚିକିତ୍ସାଯୋଗ୍ୟ। ସରଳ ପେଲ୍‌ଭିକ ଫ୍ଲୋର ବ୍ୟାୟାମ, ଓଜନ ପରିଚାଳନା ତଥା ଜୀବନଶୈଳୀରେ ସକରାତ୍ମକ ପରିବର୍ତ୍ତନ କରି ଏହି ସମସ୍ୟାକୁ ଦୂର କରି ହେବ। ଏବେ ମହିଳାମାନେ ଏ ବିଷୟରେ ସଚେତନ ହୋଇ ଏହି ସମସ୍ୟା ଦୂର କରିବାକୁ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଆଗେଇ ଆସିଲେଣି। ଆଗାମୀ ଏକ ବର୍ଷ ମଧ୍ୟରେ ଏହାର ପୂର୍ଣ୍ଣ ସମାଧାନ ଦିଗରେ ମଧ୍ୟ ଡାକ୍ତରୀ ପ୍ରୟାସ ଜାରି ରହିଛି। ଓଡ଼ିଶାର ବିଶେଷଜ୍ଞ କୁହନ୍ତି, ପରିସ୍ରା ଅସଂଯମ ମହିଳାଙ୍କ ଭାଗ୍ୟ ନୁହେଁ - ଏହା ଏକ ଚିକିତ୍ସା ଯୋଗ୍ୟ ଅବସ୍ଥା।



ଡାକ୍ତର ଜ୍ୟୋତି ମୋହନ ତୋଷ



ପରାମର୍ଶଦାତା-
ୟୁରୋଲୋଜି ଆଣ୍ଡ ରେନାଲ ଟ୍ରାନ୍ସପ୍ଲାଣ୍ଟ କେୟାର,
ଭୁବନେଶ୍ୱର


## 'ସକାଳ'ର ସ୍ୱାସ୍ଥ୍ୟ
# ସାପକାମୁଡ଼ା ଓ ଚିକିତ୍ସା



**ପ୍ରତିବର୍ଷ ଭାରତରେ ସାପ କାମୁଡ଼ାରେ ବହୁ ଜଣଙ୍କ ମୃତ୍ୟୁ ହୋଇଥାଏ। ଅନ୍ୟଋତୁ ତୁଳନାରେ ବର୍ଷାଦିନେ ସାପ କାମୁଡ଼ା ସଂଖ୍ୟା ବୃଦ୍ଧି ପାଏ। ତେବେ ପରିତାପର ବିଷୟ, ଆଜି ବି ଆମ ସମାଜରେ ସାପ କାମୁଡ଼ିଲେ ଅଧିକାଂଶ ବ୍ୟତିବ୍ୟସ୍ତ ହୋଇ ଝଡ଼ାଫୁଙ୍କା ପରି ଅନ୍ଧବିଶ୍ୱାସକୁ ଭରସା କରନ୍ତି। ଫଳରେ ଚିକିତ୍ସାରେ ବିଳମ୍ବ ଯୋଗୁଁ ଅକାଳରେ ଜୀବନ ଚାଲିଯାଇଥାଏ। ତେଣୁ ସାପ କାମୁଡ଼ିଲେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ଲକ୍ଷଣକୁ ଜାଣି ଡାକ୍ତରଙ୍କ ପରାମର୍ଶରେ ଚିକତ୍ସା କରିବା ଆବଶ୍ୟକ।**

ସାପ କାମୁଡ଼ିବା ମାତ୍ରେ ଅଧିକାଂଶ ବ୍ୟତିବ୍ୟସ୍ତ ହୋଇ ଦୌଡ଼ା ଦୌଡ଼ି କରିଥାନ୍ତି। ହେଲେ ଏପରି କରିବା ଦ୍ୱାରା ରକ୍ତସଞ୍ଚାଳନରେ ସାପ ବିଷ ଶୀଘ୍ର ବ୍ୟାପି ଯାଇଥାଏ। ତେଣୁ ସାପ କାମୁଡ଼ିଲେ, ବ୍ୟସ୍ତ ନ ହୋଇ ସାପ କାମୁଡ଼ିଥିବା ବା ଆଘାତ ଦେଇଥିବା ସ୍ଥାନକୁ ପ୍ରଥମେ ଚିହ୍ନଟ କରନ୍ତୁ। ଏଥିରେ କୌଣସି ପ୍ରକାର ପ୍ରଲେପ ଲଗାଇବା ଅନୁଚିତ। ତୁରନ୍ତ ସାପ କାମୁଡ଼ିଥିବା ବ୍ୟକ୍ତିଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେବା ଆବଶ୍ୟକ। କାରଣ କିଛିଟା ପରୀକ୍ଷା ମାଧ୍ୟମରେ ଡାକ୍ତର ବିଷଧର ସାପ କାମୁଡ଼ିଛି କି ନାହିଁ ତାହା ନିର୍ଣ୍ଣୟ କରନ୍ତି। ସାଧାରଣତଃ ଚିତି, ନାଗ ଆଦି ସାପ କାମୁଡ଼ିବା ଦ୍ୱାରା ସ୍ନାୟୁଗତ ଦୁର୍ବଳତା, ଆଖି ଦୁଇ ଦୁଇଟି ଦିଶିବା, ହାତଗୋଡ଼ ଅବସ ହୋଇଯିବା, ଛେପ ନ ଢ଼ୋକି ପାରିବା ଆଦି ଲକ୍ଷଣ ଦେଖାଯାଏ। ସେହିପରି ବୋଡ଼ାସାପ କାମୁଡିଲେ, ରକ୍ତସଞ୍ଚାଳନରେ ବ୍ୟାହାତ ହୁଏ, ବୃକ୍କ ପ୍ରଭାବିତ ହେବା, ରକ୍ତସ୍ରାବ, କାମୁଡ଼ିଥିବା ସ୍ଥାନ ଫୁଲିଯିବା ଆଦି ଲକ୍ଷଣ ଦେଖାଯାଏ। ଉପରୋକ୍ତ ଲକ୍ଷଣ ସହିତ ମାଂସପେଶୀ ଦୁର୍ବଳ, ମୁଣ୍ଡବିନ୍ଧା, ନିଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଆଦି ଲକ୍ଷଣ ପ୍ରକାଶ ପାଇଲେ, ସାପ ବିଷର ପ୍ରଭାବ ଅଛି ବୋଲି ଜଣାଯାଏ। ତେଣୁ ଯେ କୌଣସି ସାପକାମୁଡ଼ିଲେ ବି ଉକ୍ତ ମାମଲାରେ ପୂଜାର୍ଚ୍ଚନା କରିବା, କିମ୍ବା କୌଣସି ଚେରମୂଳି ଖାଇବା ପରି ଅନ୍ଧବିଶ୍ୱାସରେ ବଶୀଭୂତ ନ ହୋଇ ବ୍ୟକ୍ତିକୁ ହସ୍‌ପିଟାଲ ନେଇ ତାଙ୍କର ବ୍ଲଡ୍ କ୍ଲଟିଂ ଟେଷ୍ଟ କରିବାକୁ ହୁଏ। ଯଦି ଉକ୍ତ ପରୀକ୍ଷାରେ ଦୁଇ ମିନିଟ୍ ମଧ୍ୟରେ ରକ୍ତ ଜମାଟ ବାନ୍ଧୁଛି, ତେବେ ଏଥିରୁ ଶରୀରରେ ବିଷ ପ୍ରତିକ୍ରିୟା ହୋଇ ନ ଥିବା ସ୍ପଷ୍ଟ ହୋଇଥାଏ। ଯଦି ରକ୍ତ ୫ରୁ ୧୦ ମିନିଟ୍ ରକ୍ତ ଜମାଟ ନ ବାନ୍ଧି ମିଳାଇ ଯାଉଥାଏ ତେବେ ରକ୍ତରେ ବିଷ ବ୍ୟାପୁଥିବା ଜଣାପଡ଼େ। ଡାକ୍ତର ସାପର ପ୍ରଜାତି ଓ କାମୁଡ଼ିଥିବା ବ୍ୟକ୍ତିର ଶାରୀରିକ ଲକ୍ଷଣକୁ ଦେଖି ବିଷକୁ ପ୍ରତିହତ କରିବାକୁ ଆଣ୍ଟି ସ୍ନେକ୍ ଭେନମ୍ (ଏସ୍‌ଭି) ଦେଇଥାନ୍ତି। ଆଣ୍ଟି ଭେନମ୍ ସାପ କାମୁଡ଼ାର ପ୍ରାଥମିକ ଚିକିତ୍ସା। ରୋଗର ତୀବ୍ରତା ଅନୁଯାୟୀ ଆଣ୍ଟିଭେନମ ଡୋଜ୍ ଦିଆଯାଏ। ଆଣ୍ଟି ଭେନମ୍‌ରେ ବିଷ ବିଷାକ୍ତ ପଦାର୍ଥକୁ ନିଷ୍କ୍ରିୟ କରିଥାଏ। ଆଣ୍ଟିଭେନମ୍ ସିରମ ବିଷାକ୍ତ ପଦାର୍ଥକୁ ବାନ୍ଧି ଶରୀରକୁ ଅଧିକ କ୍ଷତ ପହଞ୍ଚାଇବାରୁ ରୋକିବାରେ କାମ କରିଥାଏ। ଏହା ବିଷର ପ୍ରଭାବକୁ ନିଷ୍କ୍ରିୟ କରିବା, ଲକ୍ଷଣର ତୀବ୍ରତା ହ୍ରାସ କରିବା ଏବଂ ଜଟିଳତାକୁ ରୋକିବାରେ ସାହାଯ୍ୟ କରେ। ସାଧାରଣତଃ ସମସ୍ତ ସରକାରୀ ହସ୍‌ପିଟାଲରେ ମାଗଣାରେ ଆଣ୍ଟି ଭେନମ ଉପଲବ୍ଧ ରହୁଥିବାରୁ ସାପ କାମୁଡିବା ମାତ୍ରେ ଚିକିତ୍ସା କରିବା ନିହାତି ଆବଶ୍ୟକ।

# ଏନର୍ଜି ଡ୍ରିଙ୍କ
## ରକ୍ତ କର୍କଟ ଆଶଙ୍କା ବଢ଼ାଏ




ଶରୀରକୁ ଫୁର୍ତ୍ତି ଓ ସତେଜ ରଖିବାକୁ ପ୍ରାୟତଃ ଏନର୍ଜି ଡ୍ରିଙ୍କ୍‌ସ, ପ୍ରୋଟିନ୍ ସେକ୍ ଏବଂ ସ୍ପୋର୍ଟସ ଡ୍ରିଙ୍କସ୍ ପିଇଥାନ୍ତି। ଏନର୍ଜି ଡ୍ରିଙ୍କ୍‌ସ ପାଟିକୁ ସ୍ୱାଦିଷ୍ଟ ଲାଗିଲେ ମଧ୍ୟ ଏହା ଶରୀର ପାଇଁ ଆଦୌ ହିତକର ନୁହେଁ। ଏପରିକି ଏହି ଏନର୍ଜି ଡ୍ରିଙ୍କ୍‌ସ ପିଇବା ଦ୍ୱାରା ରକ୍ତ କର୍କଟ ହେବାର ଆଶଙ୍କା ଅଧିକ ରହିଛି ବୋଲି ଆମେରିକା ବୈଜ୍ଞାନିକ ଏକ ଅଧ୍ୟୟନରେ କହିଛନ୍ତି। କେତେକ ନିର୍ଦ୍ଦିଷ୍ଟ ଏନର୍ଜି ଡ୍ରିଙ୍କସ୍‌ରେ ପ୍ରଚୁର ମାତ୍ରାର କେଫିନ୍, କୃତ୍ରିମ ଚିନି ଏବଂ ଆମିନୋଏସିଡ ଟରିନ୍ ଥାଏ। ତେବେ ଯେଉଁମାନଙ୍କର ଆଗରୁ ଶରୀରରେ ଲ୍ୟୁକେମିଆ ଥାଏ, ସେମାନେ ଏହି ଏନର୍ଜି ଡ୍ରିଙ୍କ୍‌ସ ନେବା ଦ୍ୱାରା ଏଥିରେ ମିଳୁଥିବା ଟରିନ୍ ଲ୍ୟୁକେମିଆକୁ ବଢ଼ାଇ କର୍କଟ ଆଶଙ୍କାକୁ ବଢ଼ାଇଥାଏ। ଗବେଷକଙ୍କ ମୁତାବକ, ଲ୍ୟୁକେମିଆ କୋଷ ଗ୍ଲାଇକୋଲାଇସିସ୍ ନାମକ ପ୍ରକ୍ରିୟା ମାଧ୍ୟମରେ ନିଜର ବୃଦ୍ଧି ପ୍ରକ୍ରିୟାକୁ ଇନ୍ଧନ ଦେବା ପାଇଁ ଟରିନ୍‌ର ଉପଯୋଗ କରିଥାଏ। ଏହି ପ୍ରକ୍ରିୟାରେ କୋଷଗୁଡକ ଶକ୍ତି ଉତ୍ପନ୍ନ କରିବାକୁ ଗ୍ଲୁକୋଜକୁ ଭାଙ୍ଗି କର୍କଟ କୋଷିକାକୁ ବୃଦ୍ଧି କରନ୍ତି। ଟରିନ୍ ମନୁଷ୍ୟ ଶରୀରରେ ପ୍ରାକୃତିକ ଉପାୟରେ ତିଆରି ହୋଇଥାଏ। ମାଂସ ଏବଂ ମାଛରେ ମଧ୍ୟ ଟରିନ୍ ମିଳିଥାଏ। ତେବେ ନିର୍ଦ୍ଦିଷ୍ଟ ଏନର୍ଜିଡ୍ରିଙ୍କ୍‌ସରେ ଟରିନ୍ ମିଶାଯାଉଥିବାରୁ ଶରୀରରେ ଟରିନ୍ ଲ୍ୟୁକେମିଆକୁ କିପରି ବଢ଼ାଇବାରେ ସାହାଯ୍ୟ କରୁଛି ତାହା ଜାଣିବାକୁ ଗବେଷକମାନେ ଏକ ସ୍ୱତନ୍ତ୍ର ଜିନ୍ ଏସ୍‌ଏଲ୍‌ସି୬ଏ୬ ସହିତ ମୂଷା ଉପରେ ଗବେଷଣା କରିଥିଲେ। ଉକ୍ତ ମୂଷାଙ୍କୁ ମନୁଷ୍ୟ ଲ୍ୟୁକେମିଆ କୋଷ ଦିଆଯାଇଥିଲା। ଏହି ଗବେଷଣାରୁ ମୂଷାଙ୍କ ଶରୀରର ଅସ୍ଥିମଜ୍ଜାର ସୁସ୍ଥ କୋଷଗୁଡିକ ଟରିନ୍ ଉତ୍ପାଦନ କରି ଏହାକୁ ଏସ୍‌ଏଲ୍‌ସି୬ଏ୬ ଜିନ୍ କର୍କଟ କୋଷ ଯାଏଁ ପହଞ୍ଚାଉଥିବା ଦେଖିବାକୁ ମିଳିଥିଲା। ଏହାଦ୍ୱାରା ହିଁ ରକ୍ତକର୍କଟ ହେବାର ଆଶଙ୍କା ବଢ଼ିଯାଏ। ତେଣୁ ଏନର୍ଜି ଡ୍ରିଙ୍କ୍‌ସର ମାତ୍ରାଧିକ ଟରିନ୍ ଲ୍ୟୁକେମିଆ ରୋଗୀଙ୍କ ପାଇଁ ଅଧିକ କ୍ଷତି ସାବ୍ୟସ୍ତ ହୋଇପାରେ ବୋଲି ଗବେଷକ କହିଛନ୍ତି। ଏନର୍ଜି ଡ୍ରିଙ୍କ୍‌ସ ବଦଳରେ ମିଲ୍‌ସେକ୍, ତରଭୁଜ ଜୁସ୍, ନଡ଼ିଆ ପାଣି ଆଦି ପିଇବା ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ।

# ଗିଲ୍‌ଙ୍କ ରେକର୍ଡ ଟେଷ୍ଟ ଦ୍ୱିଶତକ




**ବର୍ମିଂହାମ, ୩।୭ (ଏଜେନ୍ସି):**

ଅଧିନାୟକ ଶୁବମାନ ଗିଲ୍‌ଙ୍କ ଦମ୍‌ଦାର ଦ୍ୱିଶତକୀୟ ପାଳି ବଳରେ ସ୍ଥାନୀୟ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ଘରୋଇ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ପାଳିରେ ଭାରତ ୫୮୭ ରନର ବିଶାଳ ସ୍କୋର ଠିଆ କରାଇଛି। ଗତକାଲି ୧୧୪ ରନ କରି ଅପରାଜିତ ରହିଥିବା ଗିଲ୍ ଗୁରୁବାର ଦ୍ୱିତୀୟ ଦିବସରେ ଏହି ସ୍କୋରକୁ ଆଗେଇ ନେଇ କ୍ୟାରିୟରର ଶ୍ରେଷ୍ଠ ୨୬୯ ରନର ମାରାଥନ ପାଳି ଖେଳିଥିଲେ। ୩୮୭ ବଲ୍‌ର ଏହି ପାଳିରେ ସେ ୩୦ ଚୌକା ଓ ୩ ଛକା ମାରିଥିଲେ। ଜୋଶ୍ ଟଙ୍ଗ୍‌ଙ୍କୁ ପୁଲ୍ ମାରିବାକୁ ଯାଇ ଗିଲ୍ ସର୍ଟ ଫାଇନ୍ ଲେଗ୍‌ରେ ଓଲି ପୋପ୍‌ଙ୍କ ହାତରେ ଧରାପଡ଼ି ତ୍ରିଶତକରୁ ବଞ୍ଚିତ ହୋଇଥିଲେ। ସେହିଭଳି ଅନ୍ୟମାନଙ୍କ ମଧ୍ୟରେ ଅଭିଜ୍ଞ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ୮୯, ୱାଶିଂଟନ ସୁନ୍ଦର ୪୨, ଆକାଶଦୀପ୍ ୬, ମହମ୍ମଦ ସିରାଜ ୮ ଓ ପ୍ରସିଦ୍ଧ କ୍ରିଷ୍ଣା ଅପରାଜିତ ୫ ରନ କରିଥିଲେ। ଗିଲ୍ ଓ ଜାଡେଜାଙ୍କ ମଧ୍ୟରେ ୬ଷ୍ଠ ୱିକେଟ ଭାଗୀଦାରିରେ ୨୧୩ ରନ ସଂଗୃହିତ ହୋଇଥିଲା। ଯାହା ଭାରତକୁ ୫୦୦ ରନ ଅତିକ୍ରମ କରାଇବାରେ ସହାୟତା କରିଥିଲା। ଇଂଲଣ୍ଡ ପକ୍ଷରୁ ସଫଳ ବୋଲର ଭାବେ ସୋଏବ ବସିର ୩ ଏବଂ କ୍ରିସ୍ ୱକ୍ସ ଓ ଟଙ୍ଗ୍ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଘରୋଇ ଇଂଲଣ୍ଡ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଷ୍ଟମ୍ପ ସୁଦ୍ଧା ୧୮ ଓଭରରେ ୩ ୱିକେଟ୍ ହରାଇ ୭୨ ରନ ସଂଗ୍ରହ କରିଛି। ହ୍ୟାରୀ ବ୍ରୁକ୍ସ ୨୬ ଓ ଜୋ ରୁଟ୍ ୧୭ ରନ କରି ଅପରାଜିତ ରହିଛନ୍ତି। ଓପନର୍ ବେନ୍ ଡକେଟ୍ ଓ ଓଲି ପୋପ୍ ଖାତା ଖୋଲି ନ ପାରି ଆକାଶଦୀପଙ୍କ ବଲରେ ଆଉଟ୍ ହୋଇଥିଲେ। ସେହିଭଳି ଜ୍ୟାକ୍ କ୍ରାଲୀ ୧୯ ରନ କରି ସିରାଜଙ୍କ ଶିକାର ବନିଥିଲେ।

ଏହି ଦ୍ୱିଶତକୀୟ ପାଳି ଅବସରରେ ଗିଲ୍ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ୬ଷ୍ଠ ଭାରତୀୟ ଅଧିନାୟକ ଭାବେ ସେ ଟେଷ୍ଟରେ ଦ୍ୱିଶତକୀୟ ପାଳି ଖେଳିଛନ୍ତି। ତାଙ୍କ ପୂର୍ବରୁ ଏମ୍‌ଏକେ ପୌଟଦୀ, ସୁନିଲ ଗାଭାସ୍କର, ସଚିନ ତେନ୍ଦୁଲକର, ମହେନ୍ଦ୍ର ସିଂ ଧୋନି ଓ ବିରାଟ କୋହଲି ଏହି ସଫଳତା ପାଇଥିଲେ। ସେମାନଙ୍କ ମଧ୍ୟରୁ ବିରାଟ ଅଧିନାୟକ ଭାବେ ସର୍ବାଧିକ ୭ଟି ଦ୍ୱିଶତକ ମାରିଛନ୍ତି। ସେହିଭଳି ଭାରତୀୟ ଅଧିନାୟକ ଭାବେ ମଧ୍ୟ ଏହା ଟେଷ୍ଟରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ହୋଇଛି। ପୂର୍ବରୁ ୨୦୧୯ରେ କୋହଲି ଅଧିନାୟକ ଥିବାବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅପରାଜିତ ୨୫୪ ରନର ପାଳି ଖେଳିଥିଲେ। ସେହିଭଳି ପଟୌଦୀ (୨୩ ବର୍ଷ ୩୯ ଦିନ)ଙ୍କ ପରେ ୨ୟ କନିଷ୍ଠ ଭାରତୀୟ ଅଧିନାୟକ ଭାବେ ଗିଲ୍ (୨୫ ବର୍ଷ ୨୯୮ ଦିନ) ଦ୍ୱିଶତକ ହାସଲ କରିଛନ୍ତି। ଇଂଲଣ୍ଡ ମାଟିରେ ଭାରତୀୟ ବ୍ୟାଟର୍ ଭାବେ ଗାଭାସ୍କରଙ୍କ ନାମରେ ଥିବା ସର୍ବୋଚ୍ଚ ସ୍କୋର (୨୨୧ ରନ)କୁ ଟପିଛନ୍ତି।

**ଭାରତୀୟ ଭାବେ ସର୍ବୋଚ୍ଚ ଟେଷ୍ଟ ସ୍କୋର**

| ବ୍ୟାଟର୍ | ରନ | ପ୍ରତିପକ୍ଷ | ବର୍ଷ |
|---|---|---|---|
| ବୀରେନ୍ଦ୍ର ସେହ୍ୱାଗ | ୩୧୯ | ଦ.ଆଫ୍ରିକା | ୨୦୦୮ |
| ବୀରେନ୍ଦ୍ର ସେହ୍ୱାଗ | ୩୦୯ | ପାକିସ୍ତାନ | ୨୦୦୪ |
| କରୁନ ନାୟାର | ୩୦୩ | ଇଂଲଣ୍ଡ | ୨୦୧୬ |
| ବୀରେନ୍ଦ୍ର ସେହ୍ୱାଗ | ୨୯୩ | ଶ୍ରୀଲଙ୍କା | ୨୦୦୯ |
| ଭିଭିଏସ୍ ଲକ୍ଷ୍ମଣ | ୨୮୧ | ଅଷ୍ଟ୍ରେଲିଆ | ୨୦୦୧ |
| ରାହୁଲ ଦ୍ରାବିଡ୍ | ୨୭୦ | ପାକିସ୍ତାନ | ୨୦୦୪ |
| ଶୁବମାନ ଗିଲ୍ | ୨୬୯ | ଇଂଲଣ୍ଡ | ୨୦୨୫ |

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୮୭/୧୦, ୧୫୧ ଓଭର (ଜୟସ୍ୱାଲ-୮୭, ଗିଲ-୨୬୯, ଜାଡେଜା- ୮୯, ସୁନ୍ଦର-୪୨, କ୍ରିସ ଓକ୍ସ-୨/୮୧, ଟଙ୍ଗ- ୨/୧୧୯, ବସିରି- ୩/୧୬୭)। ଇଂଲଣ୍ଡ ପ୍ରଥମ ଇନିଂସ: ୭୨/୩, ୧୮ ଓଭର (ରୁଟ୍ ବ୍ୟାଟିଂ -୧୭, ବ୍ରୁକ୍ ବ୍ୟାଟିଂ -୨୬, କ୍ରାଲୀ- ୧୯, ଆକାଶ ଦୀପ-୨/୩୬)

# ତୃତୀୟ ରାଉଣ୍ଡରେ ଜୋକୋଭିଚ୍

**ଲଣ୍ଡନ, ୩।୭ (ଏଜେନ୍ସି):** ସର୍ବିଆ ତାରକା ନୋଭାକ ଜୋକୋଭିଚ୍ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ୨ୟ ରାଉଣ୍ଡ ମୁକାବିଲାରେ ୬ଷ୍ଠ ସିଡ୍ ଜୋକୋଭିଚ୍ ୬-୩, ୬-୨, ୬-୦ ସିଧାସଳଖ ସେଟ୍‌ରେ ଘରୋଇ ଖେଳାଳି ଡାନ୍ ଇଭାନ୍ସକୁ ପରାସ୍ତ କରିଥିଲେ। ଏଥିସହ ୩୮ ବର୍ଷୀୟ ଜୋକୋଭିଚ୍ କ୍ୟାରିୟରରେ ୧୯ ଥର ଲାଗି ୱିମ୍ବଲଡନ ୩ୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ଜୋକୋଭିଚ୍ ଯଦି ଏଠାରେ ଚାମ୍ପିଅନ ହୁଅନ୍ତି ତେବେ କ୍ୟାରିୟରର ୮ମ ୱିମ୍ବଲଡନ ଟ୍ରଫି ଓ ମୋଟ୍ ଉପରେ ବିଶ୍ୱରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବେ। ଅପରପକ୍ଷରେ ମହିଳା ବିଭାଗରେ କାଜାଖସ୍ତାନର ଏଲିନା ରିବାକିନା, ରୁଷିଆର ଏକତେରିନା ଆଲେକ୍ସଜାଣ୍ଡ୍ରୋଭା ପ୍ରମୁଖ ୨ୟ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ସେହିଭଳି ପୁରୁଷ ଡବଲ୍ସରେ ଭାରତର ଏନ୍ ଶ୍ରୀରାମ ବାଲାଜୀ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

## ୫ ରନରେ ୭ଟି ୱିକେଟ୍ ହରାଇଲା ବାଂଲାଦେଶ

**କଲମ୍ବୋ, ୩।୭ (ଏଜେନ୍ସି):** ଅଧିନାୟକ ଚାରିଥ ଆସ୍‌ଲାଙ୍କା(୧୦୬)ଙ୍କ ଶତକ ବଳରେ ଏଠାରେ ବାଂଲାଦେଶ ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚକୁ ଘରୋଇ ଶ୍ରୀଲଙ୍କା ୭୭ ରନରେ ଜିତିନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୪୯.୨ ଓଭରରେ ୨୪୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଭ୍ରମଣକାରୀ ବାଂଲାଦେଶ ୩୫.୫ ଓଭରରେ ୧୬୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏକଦା ୧୬.୨ ଓଭରରେ ୧୦୦ ରନରେ ଗୋଟିଏ ୱିକେଟ୍ ହରାଇ ଭଲ ସ୍ଥିତିରେ ରହିଥିବା ବାଂଲାଦେଶ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୦୫ ରନରେ ୮ ୱିକେଟ୍ ହରାଇଥିଲା।

## ପୂର୍ବତନ ଫୁଟ୍‌ବଲର୍ ଶଙ୍କର ଦତ୍ତଙ୍କ ପରଲୋକ

**ଭୁବନେଶ୍ୱର, ୩।୭ (ସମିସ):** ଓଡ଼ିଶାର ପ୍ରାକ୍ତନ ଫୁଟ୍‌ବଲ ଖେଳାଳି ଶଙ୍କର ଦତ୍ତ ରାୟଙ୍କ ଗୁରୁବାର ୮୪ ବର୍ଷ ବୟସରେ ପରଲୋକ ଘଟିଛି। 'ଦାଦା' ଭାବେ ପରିଚିତ ଶଙ୍କର ଓଡ଼ିଶା ପକ୍ଷରୁ ସମ୍ମାନଜନକ ସନ୍ତୋଷ ଟ୍ରଫିରେ ଏକାଧିକଥର ପ୍ରତିନିଧିତ୍ୱ କରିଛନ୍ତି। ଅବସର ପରେ ସେ ରାଜ୍ୟ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ଭାବେ ମଧ୍ୟ କିଛି ବର୍ଷ କାର୍ଯ୍ୟ ତୁଲାଇଥିଲେ। ତାଙ୍କର ଦୁଇ ଝିଅ ରହିଛନ୍ତି। ତାଙ୍କ ବିୟୋଗରେ ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସମ୍ପାଦକ ଆଶୀର୍ବାଦ ବେହେରା ଶୋକ ପ୍ରକାଶ କରିଛନ୍ତି।



### ରାଜ୍ୟ କନିଷ୍ଠ ବାସ୍କେଟବଲ୍ ଚାମ୍ପିଅନସିପ୍ ଉଦ୍‌ଯାପିତ

# ଗଞ୍ଜାମ, ଏଣ୍ଟରଟେନର୍ କ୍ଲବ ଚାମ୍ପିଅନ

**ଭୁବନେଶ୍ୱର, ୩।୭ (ସମିସ):** ବ୍ରହ୍ମପୁର ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ୪ ଦିନ ଧରି ଚାଲିଥିବା ଓଡ଼ିଶା ରାଜ୍ୟ କନିଷ୍ଠ ବାସ୍କେଟବଲ୍ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ବାସ୍କେଟବଲ୍ ସଂଘ ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ବାଳକ ବିଭାଗରେ ଗଞ୍ଜାମ ଚାମ୍ପିଅନ ହୋଇଥିବାବେଳେ କଟକର ସେଲଟିକ୍ସ କ୍ଲବ ରନର୍ସଅପ୍ ହୋଇଛି। ଫାଇନାଲରେ ଗଞ୍ଜାମ ୭୧-୬୭ ପଏଣ୍ଟରେ ବିଜୟୀ ହୋଇଥିଲା। ସେହିଭଳି କଡ଼ା ସଂଘର୍ଷପୂର୍ଣ୍ଣ ବାଳିକା ବିଭାଗ ଫାଇନାଲରେ କଟକର ଏଣ୍ଟରଟେନର କ୍ଲବ ୫୩-୫୦ ପଏଣ୍ଟରେ ପୁରୀକୁ ପରାସ୍ତ କରି ଟାଇଟଲ୍ ହାସଲ କରିଛି।



# ଜାତୀୟ ବରିଷ୍ଠ ମିନିଗଲ୍ଫରେ ଓଡ଼ିଶାକୁ ୮ ପଦକ



**ଭୁବନେଶ୍ୱର, ୩।୭ (ସମିସ):** ନାଗପୁରରେ ଅନୁଷ୍ଠିତ ଜାତୀୟ ବରିଷ୍ଠ ମିନିଗଲ୍ଫ ଚାମ୍ପିଅନସିପ୍‌ରେ ଓଡ଼ିଶା ମୋଟ୍ ୮ ପଦକ ବିଜୟୀ ହୋଇଛି। ଯେଉଁଥିରେ ୨ ସ୍ୱର୍ଣ୍ଣ ଏବଂ ୩ଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି। ଦଳଗତ ଭାବେ ଓଡ଼ିଶା ମହିଳା ଦଳ ରନର୍ସଅପ୍ ଓ ପୁରୁଷ ଦଳ ତୃତୀୟ ସ୍ଥାନ ହାସଲ କରିଛି। ମିକ୍ସଡ ଡବଲ୍ସରେ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ଅଭିପ୍ସା ପଣ୍ଡା ଯୋଡ଼ି ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେହିଭଳି ମହିଳା ବ୍ୟକ୍ତିଗତ ବିଭାଗରେ ଲତା ସମର୍ଥ ସ୍ୱର୍ଣ୍ଣ ଓ ଆନିକା ପଟ୍ଟନାୟକ କାଂସ୍ୟ ପଦକ ହାସଲ କରିଛନ୍ତି। ନକ୍‌ଆଉଟ୍ ଇଭେଣ୍ଟର ମହିଳା ଦଳଗତରେ ଓଡ଼ିଶା ଦଳ ରୌପ୍ୟ ବିଜୟୀ ହୋଇଛନ୍ତି। ପୁରୁଷ ଡବଲ୍ସରେ ଦେବଦତ୍ତ ଓ ଦେବଜିତ୍ ଯୋଡ଼ି ରୌପ୍ୟ ପଦକ ଜିତିଛନ୍ତି। କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ସ୍ୱରୂପାନନ୍ଦ ସାହୁଙ୍କ ସମେତ ଓଡ଼ିଶା ମିନି ଗଲ୍ଫ ସଂଘର ସଭାପତି ଡ. ସତ୍ୟବ୍ରତ ମୀନକେତନ, ଉପସଭାପତି ପ୍ରସେନଜିତ ପତି, ଯୁଗ୍ମ ସଭାପତି ପ୍ରଦ୍ୟୁମ୍ନ ବେହେରା, ସ୍ମୃତିରେଖା ପଟ୍ଟନାୟକ ପ୍ରମୁଖ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS